# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୫/୨୦୨୫ (୧୪+୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 5/2025 | Page 18 | ₹ 7.00 | RAYAGADA

୫୧ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 220 | ମୂଲ୍ୟ ₹୭/-




## ଆମଠାରେ ଭଗବାନଙ୍କୁ ଦେଖନାହିଁ: ଜଷ୍ଟିସ୍ ସୁନ୍ଦରେଶ

ସୁପ୍ରିମକୋର୍ଟ ବିଚାରପତିମାନଙ୍କୁ ଭଗବାନ ମନେ ନ କରି ନ୍ୟାୟିକ ବ୍ୟବସ୍ଥାରେ ଭଗବାନଙ୍କୁ ଦେଖିବାକୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ପରାମର୍ଶ ଦେଇଛନ୍ତି।

୧୫

୧୪

## ପାଭଲ୍ୟୁଚେଙ୍କୋଭା ୪ର୍ଥ ରାଉଣ୍ଡରେ

ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।








## ପ୍ରକାଶ ପାଇଲା ସିୟୁଇଟି (ୟୁଜି) ରେଜଲ୍ଟ

ଭୁବନେଶ୍ୱର,୪।୭(ସୁଚିସ୍ମିତା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ୟୁଜି)-୨୦୨୫ ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ଦେଶରେ ଥିବା ୨୩୯ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ମେ ୧୩ରୁ ଆରମ୍ଭ ହୋଇ ଜୁନ୍ ୪ ଯାଏ ଚାଲିଥିଲା। ଓଡିଆ ସମେତ ୧୩ ଆଞ୍ଚଳିକ ଭାଷାରେ ୩୭ଟି ବିଷୟରେ ପରୀକ୍ଷା ହୋଇଥିଲା। ଜଣେ ବିଦ୍ୟାର୍ଥୀ ସର୍ବାଧିକ ୫ଟି ମଧ୍ୟରୁ ୪ ବିଷୟରେ ୧୦୦% ମାର୍କ ରଖିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ନୂଆ ମୁହଁ, ନୂଆ ପ୍ରକ୍ରିୟା



ବାହୁଡ଼ା ଯାତ୍ରା ପାଇଁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ତିନି ରଥରେ ଚାରମାଳ ବନ୍ଧାଯାଉଛି।(ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଆଜି ବାହୁଡ଼ିବେ ଦାରୁବିଗ୍ରହ

ପୁରୀ,୪।୭(ଅଜିତ୍ କୁମାର ମହାନ୍ତି)

**ଅପରାହ୍ନ ୪ଟାରେ ରଥଟଣା**

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଥିରେ ଧରି ଶ୍ରୀମନ୍ଦିରରୁ ବାହାରି ରଥାରୂଢ଼ ହୋଇ ନବଦିନାତ୍ମକ ଯାତ୍ରାରେ ଯାଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ଦାରୁବିଗ୍ରହମାନେ ଆଡ଼ପମଣ୍ଡପରେ ଲୀଳାଖେଳା ସାରି ଶନିବାର ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ବାହୁଡ଼ିବେ। ☞ପୃଷ୍ଠା-୪






# ପୁରୀ ହେବ ମହାନଗର ନିଗମ: ମୁଖ୍ୟମନ୍ତ୍ରୀ

ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ଧାମ ଭାରତର ଅନ୍ୟାନ୍ୟ ଧର୍ମସ୍ଥଳୀଠାରୁ ଅନନ୍ୟ । ବର୍ଷସାରା ଶ୍ରଦ୍ଧାଳୁଙ୍କ ସମାଗମ ଓ ବିଶେଷକରି ରଥଯାତ୍ରା ସମୟରେ ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁରୀର କଳେବର ବୃଦ୍ଧି କରିବା ସହ ୨୦୩୬ ସୁଦ୍ଧା ଏହାକୁ ବିଶ୍ୱର ଏକ ପ୍ରମୁଖ ଧର୍ମୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୁରୀକୁ ରାଜ୍ୟର ୬ଷ୍ଠ ମହାନଗର ନିଗମ ହେବ ବୋଲି ଘୋଷଣା କରିଛନ୍ତି। ସେଥିପାଇଁ ୫ ଜୁଲାଇରୁ ଏହାର ପ୍ରକ୍ରିୟା ଆରମ୍ଭ ହେବ। ଏକ ସୁନ୍ଦର, ସବୁଜ ଓ ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ଯୋଡ଼ି ରହିବାର ସୁଯୋଗ ସୃଷ୍ଟି କରିବା ପାଇଁ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟୋରିୟମ୍), ପାଠାଗାର, ସଂଗ୍ରହାଳୟ ଏବଂ ଗବେଷଣାଗାର ନିର୍ମାଣ କରାଯିବ। ଏହାଦ୍ୱାରା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଶ୍ରୀକ୍ଷେତ୍ରର ଦିବ୍ୟ ଅନୁଭୂତି ନେଇ ଫେରିବେ।



ମୋହନ ଚରଣ ମାଝୀ

ଭୁବନେଶ୍ୱର,୪।୭
(ରବିନାରାୟଣ ଜେନା)

ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ ପୁରୀକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ପ୍ରଥମ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଲୋକସେବାଭବନ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି, କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ। ଏହି ଲକ୍ଷ୍ୟ ହାସଲ ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଅଣାଯିବ। ବିଶ୍ୱ ପ୍ରସିଦ୍ଧ ପୁରୀକୁ ମହାନଗର ନିଗମରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏବେ ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡ଼ା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି। ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀଠାରୁ ଅନନ୍ୟ। ଏଠାରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଥାନ୍ତି। ନବଦିନ ବ୍ୟାପ୍ତ ଏହି ପବିତ୍ର ଯାତ୍ରା ସମୟରେ ବଡ଼ଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ତେବେ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ସହିତ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ☞ପୃଷ୍ଠା-୪

## ପୁରୀ ବିମାନବନ୍ଦର ପ୍ରକଳ୍ପ ସ୍ଥଗିତ

ନୂଆଦିଲ୍ଲୀ,୪।୭

ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମଞ୍ଜୁରୀକୁ ପରିବେଶ ମନ୍ତ୍ରଣାଳୟର ବନ ଉପଦେଷ୍ଟା କମିଟି (ଏଫ୍‌ଏସି) ସ୍ଥଗିତ ରଖିଛି। ବିମାନବନ୍ଦର ହେଲେ ଅଲିଭ୍ ରିଡ୍‌ଲେ କଇଁଛ, ଇରାୱାଡି ଡଲ୍‌ଫିନ୍ ଏବଂ ବିଦେଶାଗତ ☞ପୃଷ୍ଠା-୪

## ଭାରତ ପ୍ରସ୍ତୁତି ବିଷୟରେ ସବୁ ଜାଣିଥିଲା ପାକିସ୍ତାନ: ସେନା ଉପାଧ୍ୟକ୍ଷ

ନୂଆଦିଲ୍ଲୀ,୪।୭

**ଅପରେଶନ ସିନ୍ଦୂର**



ରାହୁଲ ସିଂ

ମେ' ୧୦ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ର ୯ଟି ସ୍ଥାନରେ 'ଅପରେଶନ ସିନ୍ଦୂର' ଚାଲିଥିବାବେଳେ ଉଭୟ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ)ଙ୍କ ମଧ୍ୟରେ ଅସ୍ତ୍ରବିରତି ପାଇଁ ଆଲୋଚନା ହୋଇଥିଲା। ସେହି ସମୟରେ ପାକିସ୍ତାନ ଭାରତୀୟ ସେନାର ଯୁଦ୍ଧାସ୍ତ୍ର ମୁତୟନ ସ୍ଥିତି ସମ୍ପର୍କରେ ସବୁକିଛି ଜାଣିଥିଲା। ଭାରତର ଯୁଦ୍ଧ ପ୍ରସ୍ତୁତି ନେଇ ପାକିସ୍ତାନକୁ ଚାଇନା ଲାଇଭ୍ ଅପ୍‌ଡେଟ୍ ଦେଉଥିଲା। ଏ ସମ୍ପର୍କରେ ଅବଗତ ହେବା ପରେ ଆମକୁ ଉଚିତ ପଦକ୍ଷେପ ନେବାକୁ ପଡ଼ିଥିଲା ବୋଲି ଶୁକ୍ରବାର ଭାରତୀୟ ସେନା ଉପାଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ଆର୍. ସିଂ ସୂଚନା ଦେଇଛନ୍ତି। ଅପରେଶନ ସିନ୍ଦୂର ବେଳେ ଭାରତ କେତୋଟି ଯୁଦ୍ଧବିମାନ ହରାଇଥିବା ନେଇ ମେ' ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେବା ସମୟରେ କହିଥିଲେ। ସେହିପରି ଜୁନ୍ ୧୦ରେ ଇଣ୍ଡୋନେସିଆର ଦିଗନ୍ତର ମର୍ସେକଲ ସୂର୍ଯ୍ୟଦର୍ମ ବିଶ୍ୱବିଦ୍ୟାଳୟରେ ☞ପୃଷ୍ଠା-୪


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ବିଶେଷ ସୂଚନା**


**ଜୁଲାଇ ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ**

No. T-47: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୭।୦୭।୨୦୨୫ରିଖ (ସୋମବାର) ଦିନ ୧୦.୩୦ ଘଟିକା ସମୟରେ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୩୦।୦୬।୨୦୨୫ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ଜୁନ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ।


ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0165/2526






A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




## ଭାଜପା ରାଜ୍ୟ ସଭାପତି ନିର୍ବାଚନ

# ୭ରେ ଜଣାପଡ଼ିପାରେ ନୂଆ ନାଁ

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଭାଜପାର ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ କେତେକ ଅନିବାର୍ଯ୍ୟ କାରଣ ପାଇଁ ସ୍ଥଗିତ ଥିବା ଦଳର ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପ୍ରକ୍ରିୟା ଆସନ୍ତା ୬ରୁ ଆରମ୍ଭ ହୋଇ ୮ ତାରିଖରେ ଶେଷ ହେବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଯତୀନ ମହାନ୍ତି ଶୁକ୍ରବାର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯତୀନ କହିଛନ୍ତି, ଭାଜପାର ସାଙ୍ଗଠନିକ ନିର୍ବାଚନ ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହୁଏ। ଏଥିରେ ଦଳର ବୁଥ୍‌ସ୍ତରରୁ ଆରମ୍ଭକରି କେନ୍ଦ୍ରସ୍ତର ପର୍ଯ୍ୟନ୍ତ ନିର୍ବାଚନ କରାଯାଏ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଭାଜପାର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭାପତିଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଜୁଲାଇ ୬ରେ ପୂର୍ବାହ୍ନ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତ୍ତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ। ଜୁଲାଇ ୭ ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରାଯିବ। ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଅନ୍ତିମ ସୂଚୀ ପ୍ରକାଶ କରାଯିବା ସହ ଚିହ୍ନ ଆବଣ୍ଟନ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ। ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ। ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଯତୀନ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭାଜପା ରାଜ୍ୟରେ ପ୍ରଥମ ଥର ଲାଗି ଶାସନକୁ ଆସିଥିବା କାରଣରୁ ଏଠାରେ ଦଳ ଏକାଧିକ ପ୍ରାର୍ଥୀଙ୍କୁ ନେଇ ସଭାପତି ପଦ ଲାଗି ଭୋଟ କରିବାକୁ ଚାହିଁବ ନାହିଁ। ଅନେକ ବରିଷ୍ଠ ନେତାଙ୍କ କହିବାନୁଯାୟୀ, କାହାକୁ ଦଳ ସଭାପତି କରିବ ସେନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିସାରିଲାଣି। କେବଳ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ କରିବେ ଏବଂ ସେହିଦିନ ହିଁ ସ୍ପଷ୍ଟ ହୋଇଯିବ। ତେବେ ସଭାପତି ଦୌଡ଼ରେ ଅନେକ ନେତାଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି।




## ଶତ୍ରୁଘ୍ନ କର ଟାଉନ ପ୍ଲାନିଂ ନିର୍ଦ୍ଦେଶକ ନିଯୁକ୍ତ

ଭୁବନେଶ୍ୱର,୪।୭(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶତ୍ରୁଘ୍ନ କରଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ବିଭାଗ ପକ୍ଷରୁ ଗୁରୁବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଶତ୍ରୁଘ୍ନ କର ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ସହିତ ଟାଉନ ପ୍ଲାନିଂ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ସମ୍ଭାଳିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଆଉ ୩ଦିନ ବର୍ଷା

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ଉତ୍ତର ଓଡିଶା ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏଥିସହ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ଅଧିକାଂଶ ଜିଲାରେ ତୁହାକୁତୁହା ବର୍ଷା ଲାଗିରହିଛି। ଶନିବାର ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୪ ଜିଲା ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଓ ବରଗଡକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୩ଦିନ ବର୍ଷା ଲାଗି ରହିବ।

# ଡି.ପି.ଙ୍କ ବହି ବନ୍ଦ

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)


ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଘଟଣାରେ ଭାଜପା ନେତା ଜଗନ୍ନାଥ ପ୍ରଧାନ ଶେଷରେ ନିଜର ଆଣ୍ଠୁ ଭାଙ୍ଗି ଡିସିପି ଅଫିସ୍‌ରେ ଆତ୍ମସମର୍ପଣ କଲେ ଏବଂ ଗିରଫ ହେଲେ। କଥା ଏପରି ଯେ ନିର୍ଦ୍ଦିଷ୍ଟ ଏକ ଘଟଣାରେ ଜଗନ୍ନାଥ ଓଏଏସ୍ ଅଫିସର ରତ୍ନାକର ସାହୁଙ୍କୁ ଫୋନ୍‌କରି ନିଜର ପତିଆରା ଦେଖାଇଥିଲେ। ହେଲେ ଉକ୍ତ ଅଧିକାରୀ ଜଣକ ଜାଣିଥିଲେ ଜଗନ୍ନାଥ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗତ। ସେଥିଲାଗି ଜଗନ୍ନାଥଙ୍କ କଥାକୁ ସେ ସେତେଟା ଗୁରୁତ୍ୱ ଦେଇ ନ ଥିଲେ ଏବଂ ତାଙ୍କ କଥା କାହିଁକି ଶୁଣିବେ ବୋଲି ପରୋକ୍ଷରେ ପ୍ରଶ୍ନ ମଧ୍ୟ କରିଥିଲେ। ଏତିକି କଥାରେ ଜଗନ୍ନାଥ ଜଣେ ଅଫିସରଙ୍କ ପାଖରେ ନିଜର ଗୁରୁତ୍ୱ ଅନୁଭବ କରି ନ ପାରି ଅପଦସ୍ଥ ହେବାପରେ ତାଙ୍କ ସମର୍ଥକଙ୍କ ଜରିଆରେ ଉକ୍ତ ଅଧିକାରୀଙ୍କ ଉପରେ ପରୋକ୍ଷରେ ଆକ୍ରମଣ କରାଇଦେଲେ। ଏହାପରେ ଏହି ଘଟଣାରେ ମାଡ଼ ମାରିଥିବା ବ୍ୟକ୍ତିମାନେ ତାଙ୍କ ପରିବାରର ବୋଲି କହି ସେମାନଙ୍କ ସପକ୍ଷରେ ଯୁକ୍ତି ମଧ୍ୟ ବାଢ଼ିଥିଲେ। ଅନ୍ୟପଟେ ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ରଙ୍କ ତୁଳନୀୟ ନେତା ଭାଜପାରେ କେହି ନାହାନ୍ତି ବୋଲି ଜଗନ୍ନାଥ କହିଥିଲେ। ସେ ଭାବିଥିଲେ ଏହି କଥା କହିଦେଲେ ଓଏଏସ୍ ସଂଘ ବୋଧହୁଏ ତାଙ୍କ ବିରୋଧରେ ଆଉ ଗିରଫ କରିବାକୁ ଦାବି କରିବନାହିଁ। ଏପରି କି ଦଳୀୟ କାର୍ଯ୍ୟାଳୟରୁ ଜଗନ୍ନାଥଙ୍କୁ ଡକରା ଆସିଥିଲା। ସେଦିନ ଜଗନ୍ନାଥଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। ହେଲେ ଧର୍ମେନ୍ଦ୍ରଙ୍କ ବଳ ଦେଖାଇ ଜଗନ୍ନାଥ ଆତ୍ମସମପଣ କରିବେ ନାହିଁ ବୋଲି କହିଦେଇ ସେଠାରୁ ଚାଲିଆସିଲେ। ଦଳରେ ଥିବା ଧର୍ମେନ୍ଦ୍ରଙ୍କ ବିରୋଧୀ ଗୋଷ୍ଠୀ ଓଏଏସ୍ ସଂଘକୁ ଆନ୍ଦୋଳନକୁ ପ୍ରତ୍ୟାହାର ନ କରି ସେମିତି ଜାରି ରଖିବାକୁ ପରୋକ୍ଷରେ ସୂଚନା ଦେଇଦେଲେ। ଏହାପରେ ଆନ୍ଦୋଳନ ବି ବନ୍ଦ ହେଲାନାହିଁ। ଏହାକୁ ଦେଖି ଧର୍ମେନ୍ଦ୍ର ଗଣମାଧ୍ୟମ ଆଗରେ ଯିଏ ଦୋଷ କରିବ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହି ପ୍ରସଙ୍ଗରୁ ନିଜକୁ ଖସାଇବାକୁ ଚେଷ୍ଟା କଲେ ବୋଲି ଚର୍ଚ୍ଚା ହେଉଛି। ଧର୍ମେନ୍ଦ୍ରଙ୍କ ଏଭଳି ମନ୍ତବ୍ୟ ଶୁଣି ଦଳ ଏବଂ ସରକାର ପାଇଁ ଯାହା ଭଲ ହେବ ତାହା କରିବେ କହି ଜଗନ୍ନାଥ ଗତ ୩ ଦିନ ଧରି ଯେଉଁ ଆଣ୍ଠୁ ଦେଖାଉଥିଲେ ତାକୁ ଛାଡି ପୋଲିସ ପାଖରେ ଆତ୍ମସମର୍ପଣକରି ଗିରଫ ହେଲେ। ଧର୍ମେନ୍ଦ୍ରଙ୍କ ବହି ବନ୍ଦ ହେଲା ବୋଲି ରାଜ୍ୟ ଭାଜପାରେ ଥିବା ତାଙ୍କ ବିରୋଧୀ ଗୋଷ୍ଠୀ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନ ସମୂହ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆଇଏନ୍‌ଟିୟୁସି, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରାର ରଥଟଣା, ସ୍ଥାନ: ଭିଏସ୍ଏସ୍ ନଗର, ସମୟ: ଅପରାହ୍ନ ୪ଟା।

## କଟକ
- କାନାଡ଼ା ବ୍ୟାଙ୍କର ଗ୍ରାହକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଛକସ୍ଥିତ ବ୍ୟାଙ୍କ ପରିସର, ଚୌଦ୍ୱାର, ସମୟ: ସକାଳ ୯ଟା।
- ବାହୁଡ଼ା ରଥଯାତ୍ରା ଓ ଭଜନ ସନ୍ଧ୍ୟା, ସ୍ଥାନ: ଚୌଦ୍ୱାର ହାଉସିଂ ବୋର୍ଡସ୍ଥିତ ଗୁଣ୍ଡିଚା ବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ବାହୁଡ଼ା ରଥଯାତ୍ରା, ସ୍ଥାନ: ଚୌଦ୍ୱାର ତଳବଜାରସ୍ଥିତ ମାଉସୀ ମା' ଘର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ବାହୁଡ଼ା ଯାତ୍ରା ପରିପ୍ରେକ୍ଷୀରେ ଆରତି ଓ ଅବକାଶ ନୀତି, ସମୟ: ସକାଳ ୫ଟା ୧୫, ମଙ୍ଗଳାର୍ପଣ,ସମୟ: ସକାଳ ୮ଟା ୪୦,ଆଜ୍ଞାମାଳ ନୀତି, ସମୟ:ପୂର୍ବାହ୍ନ ୯ଟା ୨୦,ଧାଡ଼ି ପହଣ୍ଡି,ସମୟ:ପୂର୍ବାହ୍ନ ୧୧ଟା ୩୦, ଛେରା ପହଁରା,ସମୟ: ଅପରାହ୍ନ ୨ଟା୩୦, ରଥ ଟଣା,ସମୟ:ଅପରାହ୍ନ ୪ଟା,ସ୍ଥାନ:ଗୁଣ୍ଡିଚା ମନ୍ଦିର, ରେମୁଣା।
- ବାହୁଡ଼ା ଯାତ୍ରା, ରଥକୁ ପହଣ୍ଡି ବିଜେ,ସ୍ଥାନ:ମାଉସୀ ମା' ମନ୍ଦିର, ନୀଳଗିରି,ସମୟ:ଅପରାହ୍ନ ୩ଟା।
- ଅଧର ପଣା ନୀତି,ସମୟ:ରାତି ୯ଟା ୩୦,ନିଳାଦ୍ରି ବିଜେ କାର୍ଯ୍ୟକ୍ରମ,ସମୟ:ରାତି ୧୦ଟା, ସ୍ଥାନ:ଇମାମୀ ମନ୍ଦିର, ରେମୁଣା।

## ଭଦ୍ରକ
- ତିନିଠାକୁରଙ୍କ ବାହୁଡ଼ା ଯାତ୍ରା, ସ୍ଥାନ: କେଶପୁର, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ ଟା।
- ବାହୁଡ଼ା ଯାତ୍ରା, ସ୍ଥାନ: ଆଗରପଡ଼ା, ସମୟ: ଅପରାହ୍ନ ୪ଟା ୩୦।
- ବାହୁଡ଼ା ଯାତ୍ରା, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଆଧ୍ୟାତ୍ମିକ ପତ୍ରିକା 'ଭାବବନ୍ଧନ'ର ଲୋକାର୍ପଣ, ସ୍ଥାନ: ନୁଦୋଡିହା ଜଗନ୍ନାଥ ମନ୍ଦିର ପରିସର, କପ୍ତିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା, ସ୍ଥାନ: ମାଉସୀମା' ମନ୍ଦିର, ଉଦଳା କଲେଜ ରୋଡ୍, ସମୟ: ଅପରାହ୍ନ ୪ଟା ୩୦।
- ବାହୁଡ଼ା ଯାତ୍ରା, ସ୍ଥାନ: ଡିହିରାକୁଳ ମାଉସୀମା' ମନ୍ଦିର, ଉଦଳା, ସମୟ: ଅପରାହ୍ନ ୫ଟା।
- ମହାପ୍ରଭୁମାନଙ୍କ ଦ୍ୱାରିକା ବେଶ ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ସକାଳ ୯ ଟା।
- ରଥ ଉପରକୁ ଶ୍ରୀଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର
- ବନ ମହୋତ୍ସବରେ ଚାରାରୋପଣ, ସ୍ଥାନ: ଶ୍ରୀହରିନଗର,ସମୟ: ସକାଳ ୮ଟା।

## ଗଞ୍ଜାମ
- ଭାଜପା ପକ୍ଷରୁ ହନୁମାନ ଚାଳିଶା, ସ୍ଥାନ: ତିରୁପତିରାଓ ପେଟା ସାହିସ୍ଥିତ କାର୍ଯ୍ୟାଳୟ, ସମୟ : ସକାଳ ୮ଟା।

## ଜଗତ୍‌ସିଂହପୁର
- ଚେନ୍ନାଇରାଧା କମ୍ପାନୀ ପକ୍ଷରୁ ବାହୁଡ଼ା ଯାତ୍ରା ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ପାଇଁ ସେବାମୂଳକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଦାଣ୍ଡ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଘର ଫାଉଣ୍ଡେଶନ ଆନୁକୂଲ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ୧୦୦ତମ ଜୟନ୍ତୀ ପାଳନ, ସ୍ଥାନ: ତିର୍ତ୍ତୋଲ ବ୍ଲକ ଇବ୍ରିସିଂସ୍ଥିତ ମା'ଉତ୍ତରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ଶ୍ରୀଜୀଉଙ୍କ ବାହୁଡା ଯାତ୍ରା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, କାକଟପୁର, ମହାକାଳପଡ଼ା, ଦେଉଳସାହି, ଓଳାଭର, ରାଜକନିକା, ଜମପଡ଼ା, ମାର୍ଶାଘାଇ, ଶ୍ରୀଲକ୍ଷ୍ମୀବରାହଜୀଉ ମନ୍ଦିର ସମ୍ମୁଖ, ଆଳି, ଶ୍ରୀବନବିହାରୀଜୀଉ ମନ୍ଦିର, ପେଣ୍ଠ, ରାଜନଗର, ଶ୍ରୀଦଧିବାମନଜୀଉ ମନ୍ଦିର, ରାଜନଗର, ଶ୍ରୀଜଗନ୍ନାଥ ମନ୍ଦିର, କେରଡାଗଡ଼, ରାଜନଗର, ଶ୍ରୀବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀଲକ୍ଷ୍ମୀନାରାୟଣ ମନ୍ଦିର, ଆଳି, ଶ୍ରୀଦଧିବାମନଜୀଉ ମନ୍ଦିର, ତମାଳଶାସନ, ପଟ୍ଟାମୁଣ୍ଡାଇ, ଶ୍ରୀଦଧିବାମନଜୀଉ ମନ୍ଦିର, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ବିଶ୍ୱାୟନ ସଂସ୍କୃତି ଓ ପରିବର୍ତ୍ତିତ ଯୁବରୁଚି, ତାର ଭୂମିକା, ସ୍ଥାନ: ପୁର୍ନବାସ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଶ୍ରୀଜଗନ୍ନଥଙ୍କ ବାହୁଡ଼ାଯାତ୍ରା, ସ୍ଥାନ: ଧର୍ମଶାଳା ମାଉସୀ ମା' ମନ୍ଦିରରୁ ଭାଲୁଖାଇ ଜଗନ୍ନଥ ମନ୍ଦିର, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ବାହୁଡା ଯାତ୍ରାରେ ରଥ ପ୍ରତିଷ୍ଠା , ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ସକାଳ ୯ଟା।
- ବାହୁଡା ଯାତ୍ରାରେ ରଥଟଣା , ସ୍ଥାନ: ନୟାଗଡ ପୁରୁଣା ସହର ଏବଂ ଗୋଡିପଡା, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା
- ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ବାହୁଡା ଯାତ୍ରା ଅବସରରେ ରଥଟଣା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଦାଣ୍ଡ, ରାୟଗଡା, ସମୟ : ଅପରାହ୍ନ ୩ଟା।

## ନବରଙ୍ଗପୁର
- ବାହୁଡ଼ା ଯାତ୍ରା, ସ୍ଥାନ: ଡାବୁଗାଁ ମାଉସୀମା ମନ୍ଦିର, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ଶାବର ଶ୍ରୀକ୍ଷେତ୍ରରେ ବାହୁଡ଼ାଯାତ୍ରା, ଜୀଉଙ୍କ ପହଣ୍ଡି ଆରମ୍ଭ, ସ୍ଥାନ: ମାଉସୀମା ମନ୍ଦିର, ସମୟ: ସକାଳ ୯ଟା ୪୫।
- ରଥ ଟଣା କାର୍ଯ୍ୟ ଆରମ୍ଭ, ସ୍ଥାନ: ବଡଦାଣ୍ଡ, କୋରାପୁଟ, ସମୟ : ଅପରାହ୍ନ ୧ଟା ୨୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ଓ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଆସିପାରେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ମାନସିକ ଅସ୍ଥିରତା ଦୂରହେବ। କୃତ୍ତିକା ନକ୍ଷତ୍ରର ସାହିତ୍ୟ ଏବଂ ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବାର ଆଶା ରହିଛି।

**ବୃଷ** ଅସୁସ୍ଥତା କିମ୍ବା କୌଣସି ଶତ୍ରୁତାଜନିତ ମନ ଭଲ ରହି ନ ପାରେ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ କିଛିଟା ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରିପାରେ। ରୋହିଣୀ ନକ୍ଷତ୍ର ଆଗାମୀ ଦିନ ସକାଶେ କେତେକ ନୂତନ କାମର ପରିକଳ୍ପନା କରିବେ।

**ମିଥୁନ** ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତରେ କରିବାକୁ ପଡ଼ିବ। ପୁନର୍ବସୁ ନକ୍ଷତ୍ର ଯାତ୍ରାରେ ସଫଳତା ପାଇବେ କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଯେତେ ଭଲକଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** ନୂତନ ସ୍ଥାନ, ନୂଆ କାମ, ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ଆଜି ବ୍ୟସ୍ତ ରହିପାରନ୍ତି। ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ଅଶ୍ଳେଷା ନକ୍ଷତ୍ରର ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହେବାର ସୂଚନା ରହିଛି। ବାଣିଜ୍ୟ, ବ୍ୟବସାୟ, ପରିବହନ, ବାଧାପ୍ରାପ୍ତ ହେବାରୁ ସାମୟିକ ମନ ଅଶାନ୍ତ ରହିବ।

**ସିଂହ** ଆପଣଙ୍କ ପରୋକ୍ଷରେ ଅନ୍ୟମାନେ ପଛରେ ବିଭିନ୍ନ ପ୍ରକାରର ସମାଲୋଚନା କରିପାରନ୍ତି। ନିଜର ବ୍ୟବହାର୍ଯ୍ୟ ଜିନିଷ ଅପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ, ଅବଶ୍ୟ କିଛି ଘରୋଇ କଥାକୁ କେନ୍ଦ୍ରକରି। ପୂର୍ବାଫାଲଗୁନୀ ନକ୍ଷତ୍ରର ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ଅପଦସ୍ଥ ହୋଇପାରନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ଭାବୁଥିବା କାମଟିକୁ ଶେଷ କରିପାରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଯାହାର ବିଷୟରେ ଆଲୋଚନା କରୁଥିବେ ତାହାକୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** ସ୍ୱାତୀ ନକ୍ଷତ୍ରର ଘର ଲୋକଙ୍କ ବ୍ୟସ୍ତତାକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡକୁ ଅଙ୍ଗୁଳି ଦେଖାଇପାରନ୍ତି। ରାଜନୀତି, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜିବେ। ଆଲୋଚନାରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ପ୍ରତିଯୋଗିତା ମନୋଭାବ ଉପୁଜିବ।

**ବିଛା** କୌଣସି କଥାକୁ ଭଲ ରୂପେ ନ ବୁଝି ନ ଶୁଝି ଠକିଯାଇ ପାରନ୍ତି, ଏଣୁ ସତର୍କତାର ସହ ଚଳିବା ଭଲ ହେବ। ନିଜ ପରିସରର ଲୋକ ଅପଯଶ ଗାଇ ବୁଲିବେ, ଯଦ୍ୱାରାକି ମନୋବଳ ହ୍ରାସ ପାଇବ। ଜ୍ୟେଷ୍ଠା ନକ୍ଷତ୍ର କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଖୁସି ରହିବ।

**ଧନୁ** ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ସହକର୍ମୀ କଡ଼ା ଭାଷା ଶୁଣାଇବେ କିନ୍ତୁ କାମଟି ଶେଷରେ କରିଦେଇପାରନ୍ତି। ମୂଳା ନକ୍ଷତ୍ର ସକାଶେ ମକଦ୍ଦମାର ରାୟ ସପକ୍ଷରେ ଯିବ। କର୍ମକ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ଅଶାନ୍ତ ବାତାବରଣକୁ ନିମନ୍ତ୍ରଣ କରିପାରନ୍ତି।

**ମକର** ଆଜିର ଅପ୍ରୀତିକର ପରିସ୍ଥିତିରେ କ'ଣ କରିବେ କ'ଣ ନ କରିବେ ସ୍ଥିର କରିପାରିବେ ନାହିଁ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ବନ୍ଧୁଙ୍କ ଅନୁରୋଧରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ନଥିଲେ ମଧ୍ୟ ଯାହା କରିବା କଥା ଧାର କରି ମଧ୍ୟ କରିବାକୁ ବାଧ୍ୟ ହେବେ।

**କୁମ୍ଭ** ଆଜିର ସମସ୍ୟା ସୁଧାରିବାରେ ସଫଳ ହେବେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିବାରୁ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ। ଶତଭିଷା ନକ୍ଷତ୍ରର ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାରୁ ସମ୍ଭାବ୍ୟ ସହଯୋଗର ଆଶା କରାଯାଇପାରେ ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ । ଯିଏ ଶତ୍ରୁତା କରୁଥିଲେ ସେ ମଧ୍ୟ ସହଯୋଗର ହାତ ବଢ଼ାଇବେ। କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରିଯିବ କିନ୍ତୁ ଶାରୀରିକ ସୁସ୍ଥତା ନଥିବାରୁ ଉପଭୋଗ୍ୟ ହେବନାହିଁ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ।

ଆଜି ଜୁଲାଇ ୫ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା, ନିମାଇଁ ଚରଣ ହରିଚନ୍ଦନଙ୍କ ତିରୋଧାନ ଦିବସ, ଆଷାଢ଼ ଶୁକ୍ଳପକ୍ଷର ବାହୁଡା ଦଶମୀ, ଶନିବାର। ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୨ ଗତେ ଘ.୧୨।୧୭ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୩ ଗତେ ଘ. ୧୦/୧୨ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଭାରତ ପ୍ରସ୍ତୁତି ବିଷୟରେ ...

ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଭାରତ-ପାକିସ୍ତାନ ସଂଘର୍ଷ ପରିପ୍ରେକ୍ଷୀରେ ଶକ୍ତି ରଣନୀତି ଉପରେ ନୌସେନା କ୍ୟାପ୍‌ଟେନ ଶିବକୁମାର ଅନୁରୂପ ମତ ଦେଇଥିଲେ। ପାକିସ୍ତାନୀ ସେନା ପ୍ରତିଷ୍ଠାନ କିମ୍ବା ସେମାନଙ୍କ ବାୟୁସେନା ଘାଟିଗୁଡ଼ିକ ଉପରେ ଆକ୍ରମଣ ନ କରିବା ପାଇଁ ଭାରତର ରାଜନୈତିକ ନେତୃତ୍ୱ ନିର୍ଦ୍ଦେଶ ଦେଇଥିବାରୁ ଇଣ୍ଡିଆନ୍ ଏୟାର ଫୋର୍ସ (ଆଇଏଏଫ୍)କୁ କେତୋଟି ଯୁଦ୍ଧବିମାନ ହରାଇବାକୁ ପଡ଼ିଥିଲା ବୋଲି ଶିବକୁମାର ପ୍ରଘଟ କରିଥିଲେ। ଏହି ସଂଘର୍ଷକୁ ନେଇ ଭାରତର ଜଣେ ପରେ ଜଣେ ବରିଷ୍ଠ ସାମରିକ ଅଧିକାରୀ ମୁହଁ ଖୋଲୁଥିବାରୁ ଦେଶର ଯୁଦ୍ଧ ପ୍ରସ୍ତୁତି ସାମର୍ଥ୍ୟ ପଦାକୁ ଆସିବାରେ ଲାଗିଛି। ଅପରେଶନ ସିନ୍ଦୂରକୁ ପ୍ରାୟ ୨ ମାସ ପୂରିବାକୁ ଯାଉଥିବାବେଳେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚ୍ୟାମ୍ବର୍ସ ଆଣ୍ଡ୍ କମର୍ସ ଇଣ୍ଡଷ୍ଟ୍ରି(ଏଫ୍‌ଆଇସିସିଆଇ) ପକ୍ଷରୁ ଆୟୋଜିତ 'ନ୍ୟୁ ଏଜ୍ ମିଲିଟାରି ଟେକ୍ନୋଲୋଜି' ଶୀର୍ଷକ ଆଲୋଚନାଚକ୍ରକୁ ସମ୍ବୋଧିତ କରି ସ୍ଥଳସେନା ଉପମୁଖ୍ୟ ରାହୁଲ ଆର୍. ସିଂ କହିଛନ୍ତି, ଡିଜିଏମ୍‌ଓ ସ୍ତରୀୟ କଥାବାର୍ତ୍ତା ବେଳେ ପାକିସ୍ତାନ ବାସ୍ତବରେ ଭାରତୀୟ ପ୍ରତିପକ୍ଷଙ୍କୁ କହିଥିଲା, ଭାରତର କେଉଁ ଯୁଦ୍ଧାସ୍ତ୍ରଗୁଡ଼ିକୁ କେଉଁ ସ୍ଥାନଗୁଡ଼ିକରେ ମୁତୟନ କରାଯାଇଛି, ତାହା ଆମେ ଜାଣିଛୁ। ତେଣୁ ଭାରତୀୟ ସେନା ସେଗୁଡ଼ିକୁ ପ୍ରତ୍ୟାହାର କରି ପଛଘୁଞ୍ଚା ଦେବ ବୋଲି ମନେକରୁଛୁ। ସେତେବେଳେ ପାକିସ୍ତାନୀ ଡିଜିଏମ୍‌ଓ ମେଜର ଜେନେରାଲ କାଶିଫ୍ ଅବ୍ଦୁଲ୍ଲା ଚାଇନାଠାରୁ ଲାଇଭ୍ ଇନ୍‌ପୁଟ୍ ପାଉଥିଲେ। ଏହି ସ୍ଥଳେ ଆମକୁ ତ୍ୱରିତ ପଦକ୍ଷେପ ନେବାକୁ ପଡ଼ିଥିଲା।

ରାହୁଲ ଆହୁରି କହିଛନ୍ତି, ସେହି ସମୟରେ ଭାରତ ବିପକ୍ଷରେ ଗୋଟିଏ ସୀମାରେ ଦୁଇ ଶତ୍ରୁ ରହିଥିଲେ। ପାକିସ୍ତାନ ସମ୍ମୁଖ ଭାଗରେ ଥିଲା। କିନ୍ତୁ ଚାଇନା ତାକୁ ଯଥାସମ୍ଭବ ସାହାଯ୍ୟ କରିଥିଲା। ଗତ ୫ ବର୍ଷର ପରିସଂଖ୍ୟାନକୁ ଦେଖିଲେ ଜଣାପଡ଼େ, ଭାରତୀୟ ସେନାର ମୁକାବିଲା ପାଇଁ ପାକିସ୍ତାନ ୮୧% ସାମରିକ ଅସ୍ତ୍ର ଚାଇନାଠାରୁ ହାସଲ କରିଛି। ଏଥିରେ ବିସ୍ମିତ ହେବାର ନାହିଁ। ସମ୍ଭବତଃ ଚାଇନା ମନେକରିଥିଲା ଯେ, ମେ' ୭ରୁ ୪ ରାତି ଧରି ଚାଲିଥିବା ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ମୁତୟନ ବିଭିନ୍ନ ଅସ୍ତ୍ର ବ୍ୟବସ୍ଥା ବିରୋଧରେ ବେଜିଂ ନିଜ କ୍ଷେପଣାସ୍ତ୍ର ପରୀକ୍ଷା କରିବାକୁ ସମର୍ଥ। ଏହା ଚାଇନା ନିକଟରେ ଉପଲବ୍ଧ ଏକ ଲାଇଭ୍ ଲାବ୍ ସଦୃଶ। ଏଥିରୁ ଇସ୍‌ଲାମାବାଦ୍ ସବୁ ପ୍ରକାର ସୁବିଧା ପାଇପାରିଥିଲା। ଏହା ଧାରରେ ଛୁରି ଆଣି ଶତ୍ରୁକୁ ହତ୍ୟା କରିବା ଭଳି ଏକ ରଣନୀତି ବୋଲି ସେନା ଉପମୁଖ୍ୟ ରାହୁଲ କହିଛନ୍ତି। ଭାରତୀୟ ସେନାର ଏହି ବରିଷ୍ଠ ଅଧିକାରୀ ସମ୍ବୋଧନ ବେଳେ ପାକିସ୍ତାନକୁ ତୁର୍କୀର ସହାୟତା ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ରାହୁଲ କହିଛନ୍ତି, ସଂଘର୍ଷ ଚରମସୀମାରେ ପହଞ୍ଚିଥିବାବେଳେ ପାକିସ୍ତାନ କେବଳ ଏକ ଚେହେରା ଥିଲା। ଏହାର ସବୁଦିନିଆ ବନ୍ଧୁ ଚାଇନା ଯଥାସମ୍ଭବ ସାମରିକ ସହଯୋଗ ଯୋଗାଇ ଦେଉଥିବାବେଳେ ତୁର୍କୀ ମଧ୍ୟ ଇସ୍‌ଲାମାବାଦକୁ ଯୁଦ୍ଧାସ୍ତ୍ର ଯୋଗାଇ ଦେଇଥିଲା। ଏହି ଦୃଷ୍ଟିରୁ ଦେଖିଲେ, ମେ' ୭ରୁ ୧୦ ପର୍ଯ୍ୟନ୍ତ ଚାଲିଥିବା ସଂଘର୍ଷରେ ଭାରତ ଅନ୍ୟୁନ ୩ ଶତ୍ରୁଙ୍କ ସହ ଲଢୁଥିଲା ବୋଲି ସେ ପ୍ରଘଟ କରିଛନ୍ତି।

## ପୁରୀ ବିମାନବନ୍ଦର ...

ପକ୍ଷୀମାନଙ୍କ ପାଇଁ ସମ୍ଭାବ୍ୟ ବିପଦ ରହିଥିବା ନେଇ ଆଞ୍ଚଳିକ କାର୍ଯ୍ୟାଳୟ ଚିନ୍ତା ପ୍ରକଟ କରିଥିବା ମନ୍ତ୍ରଣାଳୟ ଦର୍ଶାଇଛି। ସମୁଦ୍ର କୂଳରେ ରହିଥିବା ଗଛ ବାତ୍ୟାରୁ ଉପକୂଳକୁ ସୁରକ୍ଷା ଦେଇଥାଏ। ବିମାନବନ୍ଦର ନିର୍ମାଣ ଲାଗି ୧୩,୦୦୦ ଗଛ କଟାଗଲେ ଉପକୂଳ ଅଞ୍ଚଳ ପ୍ରଭାବିତ ହେବ ବୋଲି କୁହାଯାଇଛି। ବୃହତ୍ ପ୍ରକଳ୍ପଗୁଡ଼ିକ ଲାଗି ଜଙ୍ଗଲ ଜମି ପ୍ରସ୍ତାବଗୁଡ଼ିକର ଯାଞ୍ଚ କରୁଥିବା ଏଫ୍‌ଏସି ସତର୍କତାମୂଳକ ଦୃଷ୍ଟିକୋଣ ରଖିବା ଲାଗି ଓଡ଼ିଶା ସରକାରଙ୍କୁ କହିଛି। ଏଥିସହିତ ଆବେଦନର ବିଚାର ଲାଗି ଏହାକୁ ଭାରତର ବନ୍ୟପ୍ରାଣୀ ଅନୁଷ୍ଠାନ (ଡବ୍ଲ୍ୟୁଆଇଆଇ)କୁ ବିଚାର ଲାଗି ପଠାଯାଇଛି। ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରସ୍ତାବକୁ ଗତ ମେ' ୫ରେ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ ଅନୁମୋଦନ କରିଥିଲା। ପୁରୀ ଜିଲାର ସିପସରୁବାଲିସ୍ଥିତ ୪୭୧ ହେକ୍ଟର ଜମିରେ ଏୟାରପୋର୍ଟ ନିର୍ମାଣ ଲାଗି ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ଲାଗି ରାଜ୍ୟ ସରକାର ୨୭.୮୮ ହେକ୍ଟର ଜଙ୍ଗଲ ଜମି ବ୍ୟବହାର ନିମନ୍ତେ ମଞ୍ଜୁରୀ ପାଇଁ ଆବେଦନ କରିଥିଲେ। ପ୍ରକଳ୍ପ ନିର୍ମାଣରେ ୫,୬୩୧ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ଓଡ଼ିଶା ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାବେଳେ ପୁରୀକୁ ବାତ୍ୟାରୁ ପ୍ରାକୃତିକ ଭାବେ ସୁରକ୍ଷା ଦେଉଥିବା ଜଙ୍ଗଲର ୧୩,୦୦୦ ଗଛ କଟାଯିବାକୁ ନେଇ ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ବେଗ ପ୍ରକାଶ କରିଛି। ସେଠାରେ ମୁଖ୍ୟତଃ ଝାଉଁ, କାଜୁ, ଆକାଶିଆ ଆଦି ଗଛ ରହିଛି। ଗଛକଟାର ଯଥାର୍ଥତା ଦର୍ଶାଇବା ସହ ଜଳବାୟୁ ସମ୍ବନ୍ଧୀୟ ପରିସ୍ଥିତିରେ ପ୍ରଶମନ ଯୋଜନା ଦାଖଲ କରିବାକୁ ଏଫ୍‌ଏସି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ସ୍ଥାନକୁ ଲାଗି କଇଁଛମାନଙ୍କ ଏକମାତ୍ର ଅଣ୍ଡାଦାନ ସ୍ଥଳ ବ୍ରହ୍ମଗିରି ବନ ବିଭାଗ ମଧ୍ୟରେ ରହିଛି। ଏୟାରପୋର୍ଟ ନିର୍ମାଣ ଯୋଗୁ ଏହା ପ୍ରତି ସମ୍ଭାବ୍ୟ ବିପଦ ରହିଥିବାବେଳେ ଚିଲିକା ହ୍ରଦକୁ ଶୀତଦିନେ ଲକ୍ଷାଧିକ ବିଦେଶାଗତ ପକ୍ଷୀ ଆସୁଥିବାରୁ ବିମାନ ପ୍ରତି ବାର୍ଡ ହିଟ୍ ସମ୍ଭାବନା ଥିବା ଆଞ୍ଚଳିକ କାର୍ଯ୍ୟାଳୟ ଏହାର ସ୍ଥାନ ପରିଦର୍ଶନ ରିପୋର୍ଟରେ ଦର୍ଶାଇଛି। ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନଠାରୁ ଚିଲିକାର ସାତପଡ଼ା ହ୍ରଦ ସୀମା ୧୦ରୁ ୧୧ କିଲୋମିଟର ଦୂରରେ ରହିଛି। ସେହିପରି ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସ୍ଥଳ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ପ୍ରକଳ୍ପ ସ୍ଥଳଠାରୁ ୨.୩ କିଲୋମିଟର ଦୂରରେ ଅବସ୍ଥିତ। ଏହି ସମସ୍ତ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କୁ ମତାମତ ମଗାଯିବା ସହ ଡବ୍ଲ୍ୟୁଆଇଆଇକୁ ବିଚାର ପାଇଁ ସୁପାରିସ କରିବାକୁ ଜୁନ୍ ୨୪ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଏଫ୍‌ଏସି କହିଛି। ଚଳିତ ବର୍ଷ ବ୍ରହ୍ମଗିରି ରେଞ୍ଜ୍‌ରେ ୩୪୫ଟି ଅଲିଭ୍ ରିଡ୍‌ଲେ କଇଁଛ ଠାବ ହୋଇଥିବାବେଳେ ୩୯,୮୧୧ ଅଣ୍ଡା ସଂଗ୍ରହ ହୋଇଥିଲା। ସେଥିରୁ ଜନ୍ମିତ ୩୮ ଛୁଆଙ୍କୁ ସମୁଦ୍ରକୁ ଛଡ଼ାଯାଇଥିଲା ବୋଲି ଗତ ମାର୍ଚ୍ଚ ୨୦ରେ ଓଡ଼ିଶା ସରକାର ଏଫ୍‌ଏସିକୁ ଜଣାଇବା ସହ ନିର୍ଦ୍ଦିଷ୍ଟ ସ୍ଥାନର ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରାଯାଇପାରେ ବୋଲି କହିଥିଲେ। ଡଲ୍‌ଫିନ ସମ୍ପର୍କରେ ଭାରତର ପ୍ରାଣୀବିଜ୍ଞାନ ସର୍ଭେ ସଂସ୍ଥା (ଜେଡ୍‌ଏସ୍‌ଆଇ)ର ଗୋପାଳପୁର ଆଞ୍ଚଳିକ କାର୍ଯ୍ୟାଳୟ ସର୍ଭେ କରୁଥିବା ଏଫ୍‌ଏସିକୁ ଜଣାଇ ଦିଆଯାଇଥିଲା। ସେହିପରି ବିମାନ ଉଡ଼ାଣ ରୁଟ୍‌ରେ ବିଦେଶାଗତ ପକ୍ଷୀଙ୍କ ଆଉ ବିପଦ ସମ୍ପର୍କରେ ରାଜ୍ୟ ସରକାର କହିଥିଲେ, ଉକ୍ତ ଏୟାରସ୍ପେସ୍‌ରୁ ପୂର୍ବାଞ୍ଚଳରୁ ଦକ୍ଷିଣାଞ୍ଚଳ ସହରକୁ ବିମାନ ଚଳାଚଳ କରୁଛି। ଏହି ବିମାନଗୁଡ଼ିକ ଉପରେ ଏବଂ କେନ୍ଦ୍ରୀୟ ଏସିଆ ଫ୍ଲାଏୱେରେ ଉଡ଼ାଣ କରୁଛନ୍ତି। ବିଦେଶାଗତ ପକ୍ଷୀଙ୍କଠାରୁ କୌଣସି ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିନାହିଁ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ କହିଥିଲା। ସମ୍ଭାବ୍ୟ ପ୍ରଭାବ ଉପରେ ଜେଡ୍‌ଏସ୍‌ଆଇ ଅନୁଧ୍ୟାନ କରିବ ବୋଲି କୁହାଯାଇଛି।

## ଆଜି ବାହୁଡ଼ିବେ ...

ଏଥିପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ପ୍ରସ୍ତୁତ ରହିଛି। ସେବାୟତମାନେ ନୀତି ସମ୍ପାଦନ ଓ ଭକ୍ତମାନେ ରଥ ଟାଣିନେବା ପାଇଁ ଉତ୍କଣ୍ଠାର ସହ ଚାହିଁବସିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ଶନିବାର ଭୋର ୪ଟାରେ ମଙ୍ଗଳ ଆଳତି, ୪ଟା ୧୫ରେ ମଇଲମ, ୪ଟା ୩୦ରେ ତଡ଼ପଲାଗି ଓ ରୋଷହୋମ, ୫ଟାରେ ଅବକାଶ, ୫ଟା ୧୫ରେ ସୂର୍ଯ୍ୟପୂଜା, ୫ଟା ୩୦ରେ ଦ୍ୱାରପାଳ ପୂଜା ଓ ବେଶ ଶେଷ ହେବ। ସେହିପରି ଗୋପାଳବଲ୍ଲଭ ଓ ସକାଳ ଧୂପ ୫ଟା ୪୫ରୁ ୬ଟା ୪୫, ସେନାପଟାଲାଗି ୭ଟାରୁ ପୂର୍ବାହ୍ନ ୧୧ଟା ୩୦, ମଙ୍ଗଳାର୍ପଣ ୧୧ଟା ୪୫, ପରେ ଡୋରଲାଗି, ୧୨ଟାରେ ପହଣ୍ଡି ଆରମ୍ଭ ହୋଇ ୨ଟା ୩୦ରେ ଶେଷ ହେବ। ଅପରାହ୍ନ ୨ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଛେରାପହଁରା, ଅପରାହ୍ନ ୩ଟାରୁ ୪ଟା ଭିତରେ ଚାରମାଳ ଫିଟା ସହ ଘୋଡ଼ା ଲାଗିବ। ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ରଥ ଉପରେ ଅନ୍ୟାନ୍ୟ ନୀତି ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ ବୋଲି ସେବାୟତମାନଙ୍କ ପକ୍ଷରୁ କୁହାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଆମ୍ବୁଲାନ୍ସ ଯିବା ପାଇଁ ଗ୍ରୀନ୍ କରିଡର ହେବ। ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରାଯିବ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

## ପ୍ରକାଶ ପାଇଲା ସିୟୁଇଟି ...

ସେହିପରି ୧୭ଜଣ ବିଦ୍ୟାର୍ଥୀ ୩ଟି ବିଷୟରେ, ୧୫୦ଜଣ ବିଦ୍ୟାର୍ଥୀ ୨ଟି ବିଷୟରେ ଓ ୨୬୭୯ଜଣ ବିଦ୍ୟାର୍ଥୀ କେବଳ ଗୋଟିଏ ବିଷୟରେ ୧୦୦% ମାର୍କ ରଖିଛନ୍ତି। ଦେଶରେ ୩୦୦ଟି ସହର ଏବଂ ବିଦେଶରେ ୧୫ଟି ସହରରେ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ହୋଇଥିଲା। ପରୀକ୍ଷା ଦେବାକୁ ୧୩,୫୪,୬୯୯ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୧୦,୭୧,୭୩୫ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫,୪୭,୭୪୪ଜଣ ଛାତ୍ର ଏବଂ ୫,୨୩,୯୮୮ଜଣ ଛାତ୍ରୀ ଓ ୩ଜଣ ଟ୍ରାନ୍ସଜେଣ୍ଡର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ଜେନେରାଲ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪,୭୫,୦୫୧ଜଣ ରହିଥିବା ବେଳେ ଅନୁସୂଚିତ ଜାତିର ୧,୧୪,୭୫୧ଜଣ, ଅନୁସୂଚିତ ଜନଜାତିର ୬୨,୩୫୪ଜଣ, ଓବିସିରେ ୩,୫୯,୨୬୪ଜଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦,୩୧୫ଜଣ ରହିଥିଲେ। ସେହିଭଳି ଅସମୀୟା ଭାଷାରେ ୧୪୯୩ଜଣ, ବେଙ୍ଗଲୀରେ ୪୮୬୯, ଇଂଲିଶରେ ୮,୭୩,୧୧୫, ଗୁଜୁରାଟୀରେ ୨୩୩, ହିନ୍ଦୀରେ ୧,୮୫,୬୦୫, କନ୍ନଡରେ ୪୬, ମାଲାୟାଲମରେ ୪୧୨, ମରାଠୀରେ ୧୧୩, ଓଡ଼ିଆରେ ୨୧୪, ପଞ୍ଜାବୀରେ ୭୮, ତାମିଲରେ ୩୪୫୦, ତେଲୁଗୁରେ ୧୨୮ ଏବଂ ଉର୍ଦ୍ଦୁରେ ୨୧୫ ଜଣ ପିଲା ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ରେଜଲ୍ଟ ସହ ଆନ୍‌ସାର କି (ସାମୟିକ ଉତ୍ତର) ପ୍ରକାଶ ପାଇଛି। ଏ ସଂକ୍ରାନ୍ତ ଅଧିକ ତଥ୍ୟ https://cuet.nta.nic.in ମାଧ୍ୟମରେ ଛାତ୍ରୀଛାତ୍ର ପାଇପାରିବେ।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାରିନେବେ ମହାପାତ୍ରେ**
**ଚାହିଁଥିବେ ଜଳକା।**

କିଛି ବ୍ୟକ୍ତି ଜଣକୁ ଭକୁଆ ବନେଇ ସମସ୍ତ ସୁବିଧା ସୁଯୋଗ କୌଶଳ କରି ହାତେଇ ନେବାରେ ସିଦ୍ଧହସ୍ତ ହୋଇଥାନ୍ତି। ଚାଲାକ ଚତୁର ଲୋକ ନିଜ ସୁବିଧା କରିନେବା ଓ ସାଦାସିଧା ସରଳ ଲୋକ ଅନେଇ ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମଣିଷ ଫୁଲଇ ଖାଇଲେ ଭାତ**
**କ୍ଷେତ ଫୁଲୁଥାଏ ଖାଇଲେ ଖତ।**

ଆମର ପ୍ରଧାନ ଖାଦ୍ୟ ହେଉଛି ଭାତ। ଭାତ ଖାଇବା ଦ୍ୱାରା ମଣିଷ ମୋଟା ବା ହୃଷ୍ଟପୁଷ୍ଟ ହୋଇଥାଏ। ଠିକ୍ ସେହିପରି କ୍ଷେତରେ ଖତ ବା ସାର ପ୍ରୟୋଗ କଲେ କ୍ଷେତର ଉର୍ବରତା ବୃଦ୍ଧି ପାଇଥାଏ ଏବଂ ସେହି ଅନୁସାରେ ଭଲ ଅମଳ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୁରୀ ହେବ ମହାନଗର ...

ରହିଥିବାବେଳେ ପୁରୀ ଷଷ୍ଠତମ ମହାନଗର ନିଗମ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରୁ ଜଣାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହା ଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକ୍‌ର ପ୍ରାୟ ସାତରୁ ଆଠଗୋଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇପାରିବେ। ଆସନ୍ତାକାଲି(ଶନିବାର)ଠାରୁ ଏ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ଏହି ଘୋଷଣା ସରକାରଙ୍କ ଭିଜନର ଏକ ଅଂଶବିଶେଷ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ସମ୍ମିଳନୀରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଉପସ୍ଥିତ ଥିଲେ।

# ବଢ଼ିବ ପୁରୀ ସହର କଳେବର

- ନିର୍ମାଣ ହେବ ସଂଗ୍ରହାଳୟ, ପାଠାଗାର ଓ ଗବେଷଣାଗାର
- ପ୍ରତିଦିନ ହେବ ଲାଇଟ୍ ଓ ସାଉଣ୍ଡ ଶୋ

ଭୁବନେଶ୍ୱର,୪।୭(ରବିନାରାୟଣ ଜେନା)

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ପୁରୀ ଅନନ୍ୟ। ଏଠାକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ରହଣି ଓ ଅନ୍ୟାନ୍ୟ ଆବଶ୍ୟକତା ଉପଲବ୍ଧ କରିବା ଏବଂ ସହର ବାସିନ୍ଦାଙ୍କୁ ବଡ଼ ସହରର ସୁବିଧାସୁଯୋଗ ଯୋଗାଇବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ତଦନୁଯାୟୀ ପୁରୀକୁ ମହାନଗର ନିଗମ ଘୋଷଣା କରିବାକୁ ପଦକ୍ଷେପ ନେଇଛନ୍ତି। ଜନସଂଖ୍ୟା ଦୃଷ୍ଟିରୁ ଭାରତର ୭୪ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ, ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହରକୁ ହିଁ ଏହି ମାନ୍ୟତା ମିଳିପାରିବ। ତେବେ ପୁରୀ ଓ ଏହାର ଆଖପାଖ ଅଞ୍ଚଳକୁ ମିଶାଇଲେ ଏହି ସଂଖ୍ୟାଠାରୁ ୪୫ରୁ ୭୦ହଜାର ପର୍ଯ୍ୟନ୍ତ କମ୍ ଜନସଂଖ୍ୟା ରହୁଛି। ପୁରୀର କେତେକ ଉପକଣ୍ଠକୁ ଏହି ମହାନଗର ନିଗମ ପ୍ରକ୍ରିୟାରେ ସାମିଲ କରାଯିବାକୁ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ। ନୟାଗଡ଼ର ଘଞ୍ଚ ଜଙ୍ଗଲରେ ଏକଦା ଅଧିଷ୍ଠିତ ପ୍ରଭୁ ନୀଳମାଧବଙ୍କ ନୀଳକନ୍ଦରକୁ ଯାତ୍ରା ହେଉଛି ଅବିସ୍ମରଣୀୟ। ଏହି ସଂସ୍କୃତି ସହିତ ଅନେକ ଧର୍ମୀୟ ମହାନୁଭବ, ଲେଖକ, କବି, ଗାୟକ, ନୃତ୍ୟଶିଳ୍ପୀ, କାରିଗର ନିଜ ନିଜର ଅବଦାନ ଦେଇ ଆହୁରି ପରିପୁଷ୍ଟ କରିଛନ୍ତି। କିନ୍ତୁ ପରିତାପର ବିଷୟ, ଆଜିର ଯୁବ ସମାଜ ତଥା ପୁରୀକୁ ଆସୁଥିବା ଭକ୍ତଗଣ ଜଗନ୍ନାଥ ସଂସ୍କୃତିର ଧନିକ ଇତିହାସ ବିଷୟରେ ବେଶି କିଛି ଜାଣନ୍ତି ନାହିଁ। ତା'ଠୁ ଦୁଃଖର ବିଷୟ, ଏହି ସଂସ୍କୃତି ଏବଂ ଇତିହାସକୁ ଜଣାଇବା ପାଇଁ ପୁରୀଠାରେ କିଛି ବ୍ୟବସ୍ଥା ହୋଇନାହିଁ। ଏତଦ୍‌ବ୍ୟତୀତ ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ବିଶେଷ କିଛି ପଦକ୍ଷେପ ନିଆଯାଇନାହିଁ। ଚିନ୍ତା କରନ୍ତୁ, ଆଜି ଜଣେ ପର୍ଯ୍ୟଟକ ପୁରୀ ଆସିଲେ, ତା' ପାଇଁ ମୁଖ୍ୟତଃ ଦୁଇଟି ଠିକଣା। ଜଗନ୍ନାଥ ମନ୍ଦିର ଏବଂ ବେଳାଭୂମି। ଏହାକୁ ଛାଡ଼ିଦେଲେ ଅନ୍ୟ କୌଣସି ମନୋରଞ୍ଜନ କିମ୍ବା ପର୍ଯ୍ୟଟନ ଭିତ୍ତିଭୂମି ନାହିଁ, ଯେଉଁଠାରେ ସେ କିଛି ସମୟ ବିତାଇପାରିବ। ଯେ କୌଣସି ପର୍ଯ୍ୟଟନ ସ୍ଥଳକୁ ବିକାଶ କରିବାକୁ ହେଲେ, ପ୍ରଥମ ନିୟମ ହେଉଛି କିପରି ଜଣେ ପର୍ଯ୍ୟଟକ ସେଠାରେ ଅଧିକରୁ ଅଧିକ ସମୟ ଅତିବାହିତ କରିବ ; ଯାହାଦ୍ୱାରା ସେ ଅଧିକ ଖର୍ଚ୍ଚ ବି କରିବ। କିନ୍ତୁ ପୁରୀଠାରେ ସେମିତି କିଛି ବ୍ୟବସ୍ଥା ନାହିଁ। ତେଣୁ ଏହି ଦୁଇ ସମସ୍ୟାକୁ ସମାଧାନ କରିବା ପାଇଁ ଆମ ସରକାର ପୁରୀଠାରେ ଏକ ବିଶ୍ୱ ସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ଶ୍ରୀଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରି କି ଏହାର ପୌରାଣିକ ମହତ୍ତ୍ୱ, ନୀଳମାଧବଙ୍କଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ମିନିଏଚର ପ୍ରତିମୂର୍ତ୍ତି, ପଟଚିତ୍ର ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପନ ହେବ। ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମାଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ଏଥିସହିତ ଏଠାରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟୋରିଅମ) ନିର୍ମାଣ କରାଯିବ। ଏହି ଅଡିଟୋରିଅମରେ ପ୍ରତିଦିନ ଲାଇଟ୍ ଓ ସାଉଣ୍ଡ ଶୋ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସୋଡ୍) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରି କି ଓଡ଼ିଆ, ହିନ୍ଦୀ, ଇଂଲିଶ ଏବଂ ବଙ୍ଗଳା ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ। ତା' ଛଡ଼ା ଏହି ପରିସରରେ ଏକ ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମିତ ହେବ, ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ରାଜ୍ୟ ସରକାରଙ୍କ ଏହି ଘୋଷଣା ପୁରୀବାସୀଙ୍କ ମନ ଜିଣିବ ବୋଲି କହିଛନ୍ତି।



ପୁରୀ ଲିଟ୍‌ଫେଷ୍ଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ଲେଖକ ଓମ୍ ପ୍ରିୟଦର୍ଶୀ ଛୋଟରାୟ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ 'ଧରିତ୍ରୀ' ମୁଖ୍ୟ କାର୍ଯ୍ୟାଳୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କ ଲିଖିତ ପୁସ୍ତକ 'ପାଇକ: ଜନ, ଆଖ୍ୟାନ ଓ ଆନ୍ଦୋଳନ' ପ୍ରଦାନ କରୁଛନ୍ତି। ପାଇକ ବିଦ୍ରୋହ ଉପରେ ପର୍ଯ୍ୟବସିତ ଏହି ପୁସ୍ତକ ହେଉଛି ଓଡ଼ିଶାର ସେହି ବୀରତ୍ୱପୂର୍ଣ୍ଣ ମୁକ୍ତିସଂଗ୍ରାମ ଓ ତତ୍କାଳୀନ ସାମାଜିକ-ରାଜନୀତିକ ପୃଷ୍ଠଭୂମିରେ ପରିକଳ୍ପିତ ଏକ ଐତିହାସିକ ଉପନ୍ୟାସ। ଖୋର୍ଦ୍ଧାରେ ଜନ୍ମିତ ଲେଖକ ଛୋଟରାୟ ଏନ୍‌ଆଇଟି ରାଉରକେଲା ଓ ଏନ୍‌ଆଇଆର୍‌ଡିପିଆର୍ ହାଇଦ୍ରାବାଦରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଛନ୍ତି। ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପାଇକ ସାମରିକ କଳା ପ୍ରଦର୍ଶନ କରି ରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ର ସଂସ୍କୃତି ବିଭାଗ ଓ ଜାତିସଂଘ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।

# ନୀଳଗିରି ବିଧାୟକଙ୍କ ନାମରେ ଏତଲା ଦେଲେ ଲେଖାଶ୍ରୀ

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ)

**ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ**

ବିଜେଡି ମୁଖପାତ୍ର ତଥା ବାଲେଶ୍ୱର ସଂସଦୀୟ କ୍ଷେତ୍ର ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଲେଖାଶ୍ରୀ ଶୁକ୍ରବାର ଭୁବନେଶ୍ୱର ମହିଳା ଥାନାରେ ସନ୍ତୋଷଙ୍କ ବିରୋଧରେ ଏତଲା ଦେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତାଙ୍କ ଏତଲାକୁ ଭିତ୍ତିକରି ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଦଫା ୭୫(୨), ୭୯, ୨୯୬, ୩୫୬ରେ ଏକ ମାମଲା (ନଂ.୧୭୧/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରିଣୀ ଭାଗ୍ୟଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ହାତୀ ଶିକାର ଏବଂ ଦାନ୍ତ ଚୋରି ନେଇ କିଛିଦିନ ହେବ ସୋସିଆଲ ମିଡିଆରେ ଭାଜପା ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି। ହାତୀ ଶିକାର ଓ ଦାନ୍ତ ଚୋରି ଘଟଣାରେ ବିଧାୟକ ସନ୍ତୋଷଙ୍କ ହାତ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଲେଖାଶ୍ରୀଙ୍କୁ ବିଧାୟକ ସନ୍ତୋଷ ଅତ୍ୟନ୍ତ କୁତ୍ସିତ, ଅପମାନଜନକ ଭାଷା ପ୍ରୟୋଗ କରି କହିଥିଲେ ବୋଲି ଗୁରୁବାର ବିଜେଡି ପକ୍ଷରୁ ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା।

# ପର୍ଯ୍ୟାୟକ୍ରମେ ସବୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା: ମନମୋହନ

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଭାଜପା ରାଜ୍ୟରେ ଏକାକୀ ସରକାର ଗଠନ କରିବାପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ବର୍ଷକ ମଧ୍ୟରେ ୧ ଲକ୍ଷ୍ୟ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି। ଆସନ୍ତା ୩ରୁ ୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଭାଜପା ସରକାରଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଚିଟଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ। ସବୁ ଜମାକାରୀଙ୍କୁ ଟଙ୍କା ମିଳିବ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ଜନସାଧାରଣଙ୍କଠାରୁ ସୂଚନା ଓ ଭିଡିଓ ତଥ୍ୟ ଲୋଡ଼ିଲେ ସରକାର

ଭୁବନେଶ୍ୱର,୪।୭(ରବିନାରାୟଣ ଜେନା)

**ରଥଯାତ୍ରା ଦଳାଚକଟା ମାମଲା**

ପୁରୀ ରଥଯାତ୍ରା ଅବସରରେ ଘଟିଥିବା ଦଳାଚକଟା ଏବଂ ଏଥିରେ ମୃତ୍ୟୁ ହୋଇଥିବା ୩ଜଣ ବ୍ୟକ୍ତିଙ୍କ ସଂକ୍ରାନ୍ତରେ ଯଦି କୌଣସି ଅଧିକ ତଥ୍ୟ କିମ୍ବା ଭିଡିଓ ଫୁଟେଜ୍ ରହିଛି ତାହାକୁ ସରକାରଙ୍କୁ ପ୍ରଦାନ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏହି ଘଟଣାକୁ ରାଜ୍ୟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ତଦନ୍ତ କରାଯାଉଛି।


ତଦନ୍ତ କମିଟି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଜାରି ବିଜ୍ଞପ୍ତି ଅନୁଯାୟୀ, ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟାଜନିତ ମୃତ୍ୟୁ (ଷ୍ଟାମ୍ପେଡ) ପ୍ରସଙ୍ଗରେ ଯେ କୌଣସି ଭିଡିଓ କିମ୍ବା ସୂଚନା ରହିଛି, ସେଗୁଡ଼ିକୁ ଲୋକେ ତଦନ୍ତ କମିଟିକୁ ପ୍ରଦାନ କରିପାରିବେ। ଅନେକ ବ୍ୟକ୍ତି ଏହି ଦୁଃଖଦ ଘଟଣା ସମୟରେ ଭିଡିଓ ଉତ୍ତୋଳନ କରିଛନ୍ତି। ଯଦି ସେଗୁଡ଼ିକୁ ସରକାରଙ୍କୁ ନିମ୍ନୋକ୍ତ ଠିକଣାରେ ପ୍ରଦାନ କରିବେ ତେବେ ତାହା ତଦନ୍ତ ପ୍ରକ୍ରିୟାକୁ ଅଧିକ ସହଜ କରିବ। ସମସ୍ତ ଉପଯୁକ୍ତ ଭିଡିଓ କିମ୍ବା ସୂଚନା ଚଳିତମାସ ୨୦ ତାରିଖ ମଧ୍ୟରେ ଦାଖଲ କରାଯିବା ଉଚିତ। ଜନସାଧାରଣ ଏସମ୍ପର୍କିତ ସୂଚନା ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଚଳିତମାସ ୯ତାରିଖ ଅପରାହ୍ନ ୩ ଘଟିକାରୁ କିମ୍ବା ପୁରୀ ସ୍ପେଶାଲ୍ ସର୍କିଟ୍ ହାଉସ୍‌ରେ ୧୦ତାରିଖ ଅପରାହ୍ନ ୩ଟା ପରେ ଦେଇପାରିବେ। ସୂଚନା ପ୍ରଦାନ ପାଇଁ ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୫୩୬୮୮୨ ଓ ୦୬୭୪-୨୩୯୧୯୭୦ରେ ଯୋଗାଯୋଗ କରିପାରିବେ। ଉଲ୍ଲେଖଯୋଗ୍ୟ, ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଷ୍ଟାମ୍ପେଡ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଓ ବହୁତ ଲୋକ ଆହତ ହୋଇଥିଲେ।









ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

-ବାହୁଡ଼ା ଯାତ୍ରା



# ନୂଆ ମୁହଁ, ନୂଆ ପ୍ରକ୍ରିୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତର ଗୁପ୍ତଚର ଢାଞ୍ଚାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଉଛି। ପରାଗ ଜୈନଙ୍କୁ ର'ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ନିକଟରେ ଇସ୍ରାଏଲର ଗୋଇନ୍ଦା ସଂସ୍ଥା ମୋସାଦର ତଥାକଥିତ ସହଯୋଗୀଙ୍କୁ ଇରାନ ହତ୍ୟା କରିବା ସହ ଅନେକଙ୍କୁ ଅଟକ ରଖିଛି। ଏହାକୁ ନେଇ ଭାରତ ସମେତ ଅନେକ ଦେଶ ଜରୁରିକାଳୀନ ଗୁପ୍ତ ଯୋଗାଯୋଗ ସମନ୍ୱୟକୁ ସକ୍ରିୟ କରିଥିବା ଜଣାପଡ଼ିଛି। ର'ର ଶୀର୍ଷ ପଦବୀରେ ଜୈନ ନିଯୁକ୍ତ ହେବା ଏକ ନିୟମିତ ଉତ୍ତରାଧିକାର ଅର୍ଥାତ୍ ଔପଚାରିକ ଭାବେ ଜଣକ ପରେ ଆଉ ଜଣେ ନିଯୁକ୍ତ ହେବା ବିଷୟ ନୁହେଁ। ଏଥିରେ ଦକ୍ଷତା ହିଁ ସବୁକିଛି। ଜୈନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଅନ୍ତି। ଅପରେଶନ ସିନ୍ଦୂରରେ ତାଙ୍କ ପ୍ରମୁଖ ଭୂମିକା ପାଇଁ ଜଣାଶୁଣା ଜୈନ ତ୍ରୁଟିଶୂନ୍ୟ ମାନବ ଗୋଇନ୍ଦାଗିରି ପରିଚୟ ଦେଇଛନ୍ତି, ଯେଉଁଥିପାଇଁ ଠିକ୍ ଭାବେ ସୀମା ସେପାଖରେ ଥିବା ଆତଙ୍କବାଦୀ କେନ୍ଦ୍ରଗୁଡ଼ିକରେ ସେନା ଆକ୍ରମଣ କରିବାକୁ ସକ୍ଷମ ହେଲା। ଏହି ପ୍ରକାର ସମ୍ପୂର୍ଣ୍ଣ ପ୍ରଭାବୀ ଗୋଇନ୍ଦାଗିରି ଜରୁରୀ। ଡ୍ରୋନ, ଡେଟା ଲିଙ୍କ୍ ଏବଂ ଡିଜିଟାଲ ଫିଙ୍ଗରପ୍ରିଣ୍ଟ ଭୌଗୋଳିକ ବିପଦକୁ ଠାବ କରୁଥିବାରୁ ଠିକ୍ ଭାବେ ଆକ୍ରମଣ ସମ୍ଭବ ହେଉଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ଅଜିତ ଡୋଭାଲଙ୍କ କାର୍ଯ୍ୟକାଳ ଏବେ ଶେଷ ସ୍ତରରେ ପହଞ୍ଚିଯାଇଥିବାରୁ ଏନ୍‌ଏସ୍‌ଏ ପଦବୀ ପାଇଁ ଦକ୍ଷ ବ୍ୟକ୍ତିଙ୍କୁ ଖୋଜା ଆରମ୍ଭ ହୋଇଯାଇଛି। ପାଞ୍ଚବର୍ଷ ପୂର୍ବ ସ୍ଥିତି ତୁଳନାରେ ନୂଆ ଏନ୍‌ଏସ୍‌ଏ ସମ୍ପୂର୍ଣ୍ଣ ଭିନ୍ନ ଦାୟିତ୍ୱ ତୁଲାଇବେ। ବିଶ୍ୱରେ ଏବେ ଗୁପ୍ତଚର ଯୁଦ୍ଧ ଡିଜିଟାଲ ପ୍ଲାଟଫର୍ମ ଓ ବ୍ୟାଟେଲଫିଲ୍ଡ ସର୍ଭରରେ ଚାଲିଥିବାବେଳେ ଭାରତ ରଣନୀତିକ ଦିଗରେ ପରିବର୍ତ୍ତନ ଆଣିବାକୁ ଚାହୁଁଛି। ଆମର ଗୁପ୍ତଚରମାନେ ଏହି କାମ ଲାଗି ସକ୍ଷମ ହେବେ କି ନାହିଁ ତାହା ପ୍ରଶ୍ନ ନୁହେଁ, କିନ୍ତୁ ପ୍ରଶ୍ନ ଉଠୁଛି ଆମ ନେତୃତ୍ୱ ଏଥିପାଇଁ ସଫଳ ଯୋଜନା କରିବାକୁ ସକ୍ଷମ ହେଉଛନ୍ତି କି ନାହିଁ ।

### ଏୟାର ଇଣ୍ଡିଆ ଓ ବାବୁ

ଏୟାର ଇଣ୍ଡିଆ ଏବେ ଦୁର୍ଘଟଣା, ଉଡ଼ାଣ ରଦ୍ଦ, ଉଡ଼ାଣ ବେଳେ ବୈଷୟିକ ତ୍ରୁଟି ଏବଂ ଅତ୍ୟଧିକ ଯାତ୍ରୀ ଭୟର କାହାଣୀଗୁଡ଼ିକ ଯୋଗୁ ଖବରର ଶିରୋନାମା ପାଲଟିଛି। ଏଭଳି ସମସ୍ୟାବହୁଳ ସ୍ଥିତିରେ, ନିକଟରେ ପ୍ରଶାସନିକ ବ୍ୟବସ୍ଥାରୁ ବାହାରିଆସିଥିବା ଜଣେ ଅବସରପ୍ରାପ୍ତ ବରିଷ୍ଠ ବାବୁ ଏୟାରଲାଇନ ଅଫିସର ଏକ ଆରାମଦାୟକ କାର୍ଯ୍ୟାଳୟକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି। ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ଥିବା ଏକ ଏୟାରଲାଇନ ଚଳାଇବାକୁ ହେଲେ ଏକ ଭିନ୍ନ ଧରଣର କୌଶଳ ଜରୁରୀ। ସୂତ୍ରରୁ ଜଣାପଡ଼ିଛି, ଏହି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ବିଭିନ୍ନ ବିଷୟରେ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିବାରେ ଖ୍ୟାତି ରହିଛି। ଦେଖିବାକୁ ଅନେକ ସମୟରେ ଏୟାର ଇଣ୍ଡିଆର ଟଏଲେଟ ଜାମ ହେଉଛି ଏବଂ ଏଭଳି ସମସ୍ୟାର ସମାଧାନ ଆବଶ୍ୟକ । ଏୟାରଲାଇନ ପାଇଁ ଉତ୍ତରଦାୟିତ୍ୱ, ପ୍ରଶିକ୍ଷଣ ଓ ପରିଚାଳନାର ଅଧିକ ଆବଶ୍ୟକତା ରହିଛି। ଶେଷରେ ଏହା ପାଇଁ ଉତ୍ତମ ନେତୃତ୍ୱ ଦରକାର, ଯଦ୍ୱାରା ଏହା ନକାରାତ୍ମକ ଖବରରୁ ଦୂରେଇ ରହିବ। ଯଦି ଏହାର ଅଧୋଗତିକୁ ରୋକା ନ ଯାଏ, ତେବେ ଜଣଙ୍କୁ ନିଯୁକ୍ତ କଲେ ସବୁ ସମସ୍ୟା ଦୂର ହେବ ନାହିଁ। ଏହାସହ ଏବେ କମ୍ କର୍ମଚାରୀଙ୍କୁ ନେଇ ଏୟାରଲାଇନ ଚାଲୁଛି। ଅଧିକ ରୁଟ୍‌ରେ ଚଳାଇବାର ପ୍ରତିଶ୍ରୁତି ଦେଇ ସେବା ଯୋଗାଇ ପାରୁନାହିଁ। କେବଳ କ୍ଷମତା କୈନ୍ଦ୍ରିକ ରଣନୀତି ଦ୍ୱାରା ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ନାହିଁ। ଯଦି ଏହି ଅବସରପ୍ରାପ୍ତ ବାବୁ ନୂଆ ଦୃଷ୍ଟିକୋଣ ନେଇ କାମ କରିବେ ଓ ମଙ୍ଗ ସମ୍ଭାଳିବେ, ତେବେ କିଛି ପରିବର୍ତ୍ତନ ଆଶା କରାଯାଇପାରେ। ଅନ୍ୟଥା, ଏୟାର ଇଣ୍ଡିଆର ତ୍ରୁଟିପୂର୍ଣ୍ଣ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଯିବ।

### ଘୋଷଣାରେ ଅଟକିଛି

ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ ଆପିଲେଟ ଟ୍ରିବ୍ୟୁନାଲ (ଜିଏସ୍‌ଟିଏଟି) ଡିସେମ୍ବର ୨୦୨୪ ସୁଦ୍ଧା ସକ୍ରିୟ ଭାବେ କାମ କରିବ ବୋଲି ମନେହେଉଥିଲା। ୨୦୨୫ ମଧ୍ୟଭାଗ ହୋଇଯାଇଥିଲେ ବି ଟ୍ରିବ୍ୟୁନାଲର ଅସ୍ତିତ୍ୱ ନ ଥିବା ଭଳି ଅନୁଭବ ହେଉଛି। ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଛି, କାର୍ଯ୍ୟରେ ନୁହେଁ। ବଡ଼ ଧୁମ୍‌ଧାମରେ ଏହାକୁ ଆରମ୍ଭ କରାଯାଇ ୨୦୨୪ ଗ୍ରୀଷ୍ମ ସମୟରେ ଆକର୍ଷକ ବିଜ୍ଞାପନ, ଚୟନ କମିଟି ସହ ଶହେରୁ ଅଧିକ ଆଶାୟୀ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନିଆଯାଇଥିଲା। କିନ୍ତୁ ଏହା କାମ କରିବା ଆରମ୍ଭବେଳକୁ ଆମ ବାବୁମାନେ ଅଟକାଇଦେଲେ। ଏହା ସ୍ପଷ୍ଟ ଯେ, କମିଟିର ସଦସ୍ୟମାନେ ବୈଠକର ବିବରଣୀରେ ସ୍ୱାକ୍ଷର କରିବାକୁ ସୁଯୋଗ ପାଇଲେ ନାହିଁ। ପରେ ପ୍ରକ୍ରିୟାର ପ୍ରମୁଖ ସଞ୍ଚାଳକ ତଥା ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରା ମଞ୍ଚ ଛାଡ଼ିଦେଇ ଆର୍‌ବିଆଇ ଗଭର୍ନର ଭାବେ ଦାୟିତ୍ୱ ନେଲେ। ପ୍ରକ୍ରିୟା ଆଉ ଆଗେଇପାରିଲା ନାହିଁ। ମେ ୨୦୨୫ରେ ଆଉ ଏକ ଚୟନ ପ୍ରକ୍ରିୟା ପାଇଁ ଚେଷ୍ଟା କରାଯାଇଥିଲା, କିନ୍ତୁ ସେତେବେଳେ ଜଣେ ନ୍ୟାୟିକ ଆଶାୟୀ ଓଡ଼ିଶା ହାଇକୋର୍ଟକୁ ଚାଲିଗଲେ। ଫଳରେ ପୁନର୍ବାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଅଟକି ଗଲା। ଏବେସୁଦ୍ଧା କୌଣସି ନିଯୁକ୍ତି ହୋଇପାରିଲା ନାହିଁ। ଟ୍ରିବ୍ୟୁନାଲରେ ୭୨ ଜଣ ସଦସ୍ୟ ଦରକାର, କିନ୍ତୁ ଏବେସୁଦ୍ଧା ଜଣେ ବି ନାହାନ୍ତି ଏବଂ ଏହାର ସ୍ଥିତି ବିଷୟରେ ନ କହିବା ଭଲ। ଜିଏସ୍‌ଟି ଆରମ୍ଭ ହେବାର ୮ ବର୍ଷ ପରେ ମଧ୍ୟ ଆମେ ଟ୍ରିବ୍ୟୁନାଲ ପାଇଁ ଅପେକ୍ଷା କରି ରହିଛୁ, ଯାହା କୋର୍ଟଗୁଡ଼ିକ ଉପରେ ରହୁଥିବା ଅଧିକ ବୋଝକୁ ହାଲୁକା କରିପାରିବ। କିନ୍ତୁ ଏହା ଏବେ ବି ଦ୍ୱନ୍ଦ୍ୱରେ ରହିଛି। ଏକ ମହତ୍ତ୍ୱପୂର୍ଣ୍ଣ ଭାରତୀୟ ସଂସ୍ଥା କେବଳ ଘୋଷଣାରେ ଅଟକି ଯାଇଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | 6 | | |
| | | 5 | 6 | | 9 | | | |
| | 9 | | | 2 | | | 8 | |
| | 1 | | | | 2 | | | |
| | | | | | | 3 | | |
| 8 | | | 4 | | 1 | | 9 | |
| | | 1 | | 6 | 3 | 7 | | 2 |
| | | | 9 | 5 | | | 3 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 2 | 6 | 4 | 5 | 7 | 8 | 1 |
| 8 | 6 | 5 | 1 | 3 | 7 | 2 | 9 | 4 |
| 7 | 4 | 1 | 8 | 2 | 9 | 5 | 3 | 6 |
| 1 | 3 | 4 | 7 | 6 | 8 | 9 | 2 | 5 |
| 6 | 8 | 7 | 5 | 9 | 2 | 1 | 4 | 3 |
| 2 | 5 | 9 | 4 | 1 | 3 | 8 | 6 | 7 |
| 4 | 7 | 6 | 9 | 8 | 1 | 3 | 5 | 2 |
| 5 | 2 | 8 | 3 | 7 | 6 | 4 | 1 | 9 |
| 9 | 1 | 3 | 2 | 5 | 4 | 6 | 7 | 8 |

ଗତକାଲିର ଉତ୍ତର

# ମହାପ୍ରଭୁ: ଆଶୀର୍ବାଦ କରନ୍ତୁ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ମହାପ୍ରଭୁଙ୍କ ପବିତ୍ର ବାହୁଡ଼ାଯାତ୍ରା। ଓଡ଼ିଆ ଜାତିର ଇଷ୍ଟ ତଥା ଅଗଣିତ ସନାତନୀ ବିଶ୍ୱାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ କଳାଠାକୁର ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବେ। ସୁନାବେଶ-ଅଧରପଣା ପରେ ନୀଳାଦ୍ରିବିଜେ କରିବେ। ମହାପ୍ରଭୁଙ୍କ ମହାଲୀଳାରେ ସାମିଲ ହେବା ପାଇଁ ପୁରୀ ବଡ଼ଦାଣ୍ଡ ଚଳଚଞ୍ଚଳ ହେବ। ଏହାସହ ଓଡ଼ିଶାର ପୁରପଲ୍ଲୀ, ସବୁ ରାଜ୍ୟ ଏବଂ ବିଶ୍ୱର ଅନେକ ରାଷ୍ଟ୍ରରେ ମହାପ୍ରଭୁଙ୍କ ଏହି ମାନବୀୟ ଲୀଳାରେ ମଧ୍ୟ ସାରା ଦୁନିଆ ସାମିଲ ହେବ। ବାହୁଡ଼ାଯାତ୍ରାର ପବିତ୍ର ଅବସରରେ ସାଢ଼େ ଚାରି କୋଟି ଓଡ଼ିଆ ତଥା ସମଗ୍ର ମାନବ ସମାଜ ଉପରେ ମହାପ୍ରଭୁ ଆଶୀର୍ବାଦ ବର୍ଷା କରନ୍ତୁ, ଏହା ହିଁ ପ୍ରାର୍ଥନା।

ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନାରେ ପ୍ରବଳ ଜନସମାଗମ। ଏହାସହ ଦୁର୍ଭାଗ୍ୟଜନକ ଘଟଣାକ୍ରମରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କର ଜୀବନଦୀପ ଲିଭିଯିବା ଘଟଣା ଆପଣମାନଙ୍କୁ ନିଶ୍ଚିତ ଭାବେ ବ୍ୟଥିତ କରିଛି। ସବୁ ଓଡ଼ିଶାବାସୀଙ୍କ ପରି ସେଦିନ ମୁଁ ବି ବ୍ୟଥିତ ହୋଇଉଠିଥିଲି। ଆପଣମାନଙ୍କ ମନରେ ଯେଉଁ ଦୁଃଖ ଓ ଯନ୍ତ୍ରଣା ଥିଲା ମୋ ମନ ବି ଠିକ୍ ସେମିତି ଦୁଃଖ ଓ ଯନ୍ତ୍ରଣାରେ ଜର୍ଜରିତ ହୋଇଥିଲା। ସେଦିନ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥ ତଥା ମହାପ୍ରଭୁଙ୍କ ଅଗଣିତ ଭକ୍ତମଣ୍ଡଳୀଙ୍କ ପାଖରେ କ୍ଷମା ପ୍ରାର୍ଥନା କରିଥିଲି। ଯେ କେହିବି ଏହି ଜୀବନହାନି ପାଇଁ ଦାୟୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲି।

ଜୀବନହାନିର କ୍ଷତିପୂରଣ ଅର୍ଥ ହୋଇପାରିବ ନାହିଁ। ତଥାପି ତିନି ପରିବାର ପାଖରେ ମୋ ମନ୍ତ୍ରିମଣ୍ଡଳର ସହଯୋଗୀମାନଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ୍ କରି ଶାନ୍ତ୍ୱନା ଦେବା ପାଇଁ ପଠାଇଥିଲି। ଏହାସହ ପଚିଶ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ତିନି ପରିବାରର ଦୁଃଖ, କଷ୍ଟ ଓ ନିଜର ପରିଜନଙ୍କୁ ହରାଇବାର କଷ୍ଟକୁ ତ କେହି ନେଇପାରିବେ ନାହିଁ। ମାତ୍ର ଏହି ପରିବାରର ବନ୍ଧୁ ଭାବରେ ସେମାନଙ୍କ ଦୁଃଖର ଘଡ଼ିରେ ମୁଁ ଓ ମୋ ସରକାର ଛିଡ଼ା ହେବା ଆମର ପରମ ଦାୟିତ୍ୱ ଓ କର୍ତ୍ତବ୍ୟ ଭାବରେ ନେଇଛୁ। ପ୍ରାଥମିକ ସ୍ତରରେ କିଛି ବରିଷ୍ଠ ଅଧିକାରୀଙ୍କୁ ବଦଳି, କିଛିଙ୍କୁ ନିଲମ୍ବନ କରିଛୁ। ଏହି ଘଟଣାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେବା ସହ ଆସନ୍ତା ମାସେ ଭିତରେ ତଦନ୍ତ ରିପୋର୍ଟ ଦେବା ପାଇଁ ମୁଁ ନିର୍ଦ୍ଦେଶ ଦେଇଛି। ସେ ଦିନ ବି କହିଥିଲି ଆଜି ପବିତ୍ର ବାହୁଡ଼ାଯାତ୍ରା ଅବସରରେ ପୁଣି ଥରେ ଦୋହରାଉଛି। ତଦନ୍ତ ରିପୋର୍ଟ ଆସିବା ପରେ ସଙ୍ଗେସଙ୍ଗେ ତର୍ଜମା କରି ଏହି ଅଘଟଣ ପାଇଁ ଯାହାର ବି ଅବହେଳା ଦାୟୀ ସେ ଯିଏବି ହୁଅନ୍ତୁନା କାହିଁକି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ନାଥ। ସେ ବିଶ୍ୱନିୟନ୍ତା। ସମଗ୍ର ମାନବଜାତିର ଦେବତା। ମାତ୍ର ପୁରୀ ନୀଳାଚଳ ଧାମକୁ ଆସିବା ପୂର୍ବରୁ ଆଦିବାସୀ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ସେ ହେଉଥିଲେ ପୂଜିତ। ବଣଜଙ୍ଗଲର ଫଳମୂଳ ସହ ଆଦିବାସୀ ସମାଜର ଭକ୍ତି ଓ ଭାବରେ ସନ୍ତୁଷ୍ଟ ହେଉଥିଲେ ବିଶ୍ୱନିୟନ୍ତା। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ବନବାସ ସମୟରେ ଶବରୀ ମାତାର ଆତିଥ୍ୟକୁ ଖାଲି ସ୍ୱୀକାର କରି ନ ଥିଲେ, ବରଂ ଜଣେ ଆଦିବାସୀ ବୃଦ୍ଧା ଖଟାମିଠା ଫଳ ବାଛିବା ପାଇଁ ପାଟିରେ ଚାଖି ନିଜ ଉଚ୍ଛିଷ୍ଟକୁ ଯେତେବେଳେ ଶ୍ରୀରାମଙ୍କୁ ଖୁଆଇ ଦେଉଥିଲେ ସେତେବେଳେ ଭଗବାନ ମର୍ଯ୍ୟାଦା ପୁରୁଷୋତ୍ତମ ପରମ ତୃପ୍ତିରେ ଗ୍ରହଣ କରି ଶବରୀ ମାତା ଉପରେ ଆଶୀର୍ବାଦର ବର୍ଷା କରିଥିଲେ। ସେମିତି ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଆମର ମାଣବସା ଗୁରୁବାର। ପଞ୍ଚଦଶ ଶତାବ୍ଦୀରେ ଆମର ଅମର କବି ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଓଡ଼ିଆ ଜାତିର ସଭ୍ୟତା ଓ ସଂସ୍କୃତିର ଗର୍ବ ଓ ଗୌରବ। ଯେଉଁ ସଂସ୍କୃତିକୁ ଆମର ପରିବାରମାନଙ୍କରେ ଆଜିବି ନିଷ୍ଠା ଓ ଭକ୍ତିର ସହ ପାଳନ କରାଯାଏ। ସ୍ୱୟଂ ମା ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଆମ ସମାଜ ବ୍ୟବସ୍ଥାର ତଥାକଥିତ ନୀଚ ଜାତିର ଶ୍ରୀୟାର ଆତିଥ୍ୟ ସ୍ୱୀକାର କରିଥିଲେ। ଉଚ୍ଚ ବା ନୀଚ ଜାତି ନୁହେଁ ବରଂ ମା' ଅନ୍ନପୂର୍ଣ୍ଣା ଭକ୍ତି-ଭାବ ଓ ସ୍ୱଚ୍ଛତା ଆଧାରରେ ନିଜେ ଆତିଥ୍ୟ ସ୍ୱୀକାର କରିବା ପାଇଁ ପରିବାର ନିରୂପଣ କରିଥିଲେ।

ସମୟଚକ୍ରରେ ମୋ ଭଳି ଜଣେ ଗରିବ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତିଙ୍କୁ ସାରା ଓଡ଼ିଶାର ବିକାଶ ଓ ଅସ୍ମିତା ତଥା ସ୍ୱାଭିମାନ ରକ୍ଷାର ଦାୟିତ୍ୱ ମିଳିବା ମହାପ୍ରଭୁଙ୍କ ଇଚ୍ଛା ବିନା ସମ୍ଭବ ନୁହେଁ। ମୁଁ ନିମିତ୍ତ ମାତ୍ର। ମହାପ୍ରଭୁ ହିଁ ଆମର ରାଜା। ଉତ୍କଳମଣିଙ୍କ ଭାଷାରେ, ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ।

ମୁଁ ଜାଣିଛି ମୋତେ ମହାପ୍ରଭୁଙ୍କ ଆଶୀର୍ବାଦ ବିନା ଓଡ଼ିଶା ବ୍ୟବସ୍ଥା ଚଳାଇବାର ଦାୟିତ୍ୱ ମିଳି ନ ଥାନ୍ତା। କିନ୍ତୁ ମହାପ୍ରଭୁଙ୍କ ସାମ୍ନାରେ ଦଳାଚକଟାରେ ମୃତ୍ୟୁରୁ ମୁଁ ଦାୟିତ୍ୱରୁ ହଟିପାରିବି ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତାଙ୍କର କୋଟି କୋଟି ଭକ୍ତ ମଣ୍ଡଳୀଙ୍କ ପାଖରେ ମୁଁ ଉତ୍ତରଦାୟୀ। ମୁଁ ଆଦିବାସୀ। ପଡ଼ି-ଉଠି ଜୀବନ ସଂଘର୍ଷ କରି ମହାପ୍ରଭୁଙ୍କ ଆଶୀର୍ବାଦ କାରଣରୁ ଏହି ସ୍ଥାନରେ ପହଞ୍ଚିଛି। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଓଡ଼ିଶାକୁ ପ୍ରଗତିର ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଆମେ ସଫଳ ହେବା, ଏହା ମୋର ଦୃଢ଼ ବିଶ୍ୱାସ।

ଆଜି ପବିତ୍ର ବାହୁଡ଼ାଯାତ୍ରାର ଶୁଭ ଅବସରରେ ଓଡ଼ିଶାର ମୋ ପ୍ରିୟ ଭାଇଭଉଣୀଙ୍କ ପାଖରେ ଆମ ସମସ୍ତଙ୍କ ପାଇଁ ଏକ ଶୁଭ ଖବର ଜଣାଇବାକୁ ଚାହୁଁଛି। ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ତିନି ମାସରେ ଓଡ଼ିଶା ବେସରକାରୀ ପୁଞ୍ଜିନିବେଶ କ୍ଷେତ୍ରରେ ସାରା ଦେଶରେ ରେକର୍ଡ କରିଛି। ଏହି ତିନି ମାସରେ ସାରା ଦେଶରେ, ମାନେ ଓଡ଼ିଶା ସମେତ ସବୁ ରାଜ୍ୟରେ ୩.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏଥିରୁ ଆମ ରାଜ୍ୟ ଓଡ଼ିଶା ଭାଗରେ ୧.୪ ଲକ୍ଷ କୋଟି ପଡ଼ିଛି। ମାନେ ଯଦି ସାରା ଦେଶକୁ ୧୦୦ ଟଙ୍କାର ପୁଞ୍ଜି ଆସିଛି ଦେଶର ଓଡ଼ିଶା ଛାଡ଼ି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ୬୦ ଟଙ୍କା ଗଲାବେଳେ କେବଳ ଓଡ଼ିଶାକୁ ୪୦ ଟଙ୍କା ଆସିଛି।

ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ପୂର୍ବୋଦୟ ଯୋଜନାରେ ଓଡ଼ିଶାକୁ ପ୍ରାଥମିକତା ଦେବା ସହିତ ଓଡ଼ିଶାକୁ ପ୍ରକୃତପକ୍ଷେ ଲାଭ ଦେବା ଆରମ୍ଭ କରିଛି। ଉତ୍କର୍ଷ ଓଡ଼ିଶା ଓ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାରେ ଆୟୋଜନ କରି ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ମୋଦୀ ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଇଥିଲେ।

ଖାଲି ପ୍ରତିଶ୍ରୁତି ନୁହେଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଓଡ଼ିଶା ଦେଶର ପୁଞ୍ଜି ଆକର୍ଷଣରେ ଏକ ନମ୍ବର ରାଜ୍ୟ ଭାବରେ ଉଭାହେବା-ଓଡ଼ିଶା ଯେ ନୂଆ ସରକାରର ପ୍ରଥମ ବର୍ଷରେ ଠିକ୍ ଦିଶା ଓ ସ୍ପଷ୍ଟ ନୀତିର ଆଧାରରେ ଆଗକୁ ବଢ଼ି ଚାଲିଛି ଏହା ପ୍ରମାଣିତ ହୋଇଛି।

ମହାପ୍ରଭୁ ଗରିବ ତଥା ଆଦିବାସୀ ସମାଜ ବ୍ୟବସ୍ଥାର ତଥାକଥିତ ଜାତି ବ୍ୟବସ୍ଥାର ସବା ତଳ ପାହାଚର ବ୍ୟକ୍ତିବିଶେଷ ଓ ଗରିବଙ୍କର ଦେବତା। ତାଙ୍କ ମହାପ୍ରସାଦ ବିତରଣର ସ୍ଥାନ ଆନନ୍ଦ ବଜାରରେ ଉଚ୍ଚନୀଚର ଭେଦଭାବ ନାହିଁ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେଇ ଜନସମୁଦ୍ର ମଧ୍ୟରେ ଏକାକାର ହେବା ପାଇଁ ରତ୍ନ ସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଆମର ମହାବାହୁ।

ଆମର ବିଶ୍ୱାସ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୂର୍ଯ୍ୟ-ଚନ୍ଦ୍ର ଭଳି ବେନି ନୟନକୁ ଅନାଇ ଭାବବିହ୍ୱଳ ହେଉଥିବା ଭକ୍ତର ସବୁ ଦୁଃଖ କଷ୍ଟ ହରନ୍ତି କଳାଠାକୁର।

ହେ ମହାବାହୁ। ଓଡ଼ିଆ ଜାତିକୁ ଆପଣ ଚକ୍ର ଉହାଡ଼ କରିଥାନ୍ତୁ। ଆଜି ଆମେ ଅଛୁ। ଏ ନଶ୍ୱର ସଂସାରରେ ପିଢ଼ି ପରେ ପିଢ଼ି ଆସିବ ଓ ଯିବ। କିନ୍ତୁ ଆପଣ କାହିଁ କେଉଁ ଅନାଦି ଅନନ୍ତ କାଳରୁ ଅଛନ୍ତି। ଆଉ ଅନାଦି-ଅନନ୍ତ କାଳ ପର୍ଯ୍ୟନ୍ତ ରହିବେ। ଆପଣଙ୍କ ଆଶୀର୍ବାଦରେ ଆମେ ଆମ ଜୀବଦ୍ଦଶାରେ ଓଡ଼ିଶାକୁ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ଆର୍ଥିକ ଦୃଷ୍ଟିରୁ ସବୁଠୁ ଆଗୁଆ ଭୂଖଣ୍ଡ ଭାବରେ ଗଢ଼ିତୋଳିବା ପାଇଁ ଚାହୁଁ। ଆପଣଙ୍କ ଆଶୀର୍ବାଦରେ କେଇ ଶତାବ୍ଦୀ ପୂର୍ବରୁ ଓଡ଼ିଆ ସାଧବପୁଅ ପୂରା ଦକ୍ଷିଣ-ପୂର୍ବ ଏସିଆରେ ବ୍ୟବସାୟ ବାଣିଜ୍ୟ କରି ଆମ ରାଜ୍ୟକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇଥିଲେ। ସମୟର ଚକ ଗଡୁଛି। ଆପଣଙ୍କ ଇଚ୍ଛାରେ କିଏ କେତେବେଳେ ଆଗରେ ତ କିଏ କେତେବେଳେ ପଛରେ। ଆମେ ଦିନରାତି ଯୋଜନାବଦ୍ଧ କଠିନ ପରିଶ୍ରମ ପାଇଁ ପ୍ରସ୍ତୁତ। ଆପଣଙ୍କ ଆଶୀର୍ବାଦ ଆମ ପଥକୁ ସୁଗମ କରିବ। ଆମ ପ୍ରଦେଶ ଗଠନର ଶହେ ବର୍ଷ ୨୦୩୬ ମସିହା ସୁଦ୍ଧା ଆମ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ଆଶୀର୍ବାଦ ଦିଅନ୍ତୁ।

ଆମ ରାଜ୍ୟ ଓଡ଼ିଶାକୁ ଆପଣ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଜଳସମ୍ପଦ, ଜଙ୍ଗଲସମ୍ପଦ ତଥା ପରିଶ୍ରମୀ ଓ ବୁଦ୍ଧିମାନ ମାନବସମ୍ବଳ ଦେଇଛନ୍ତି। ଓଡ଼ିଶା ପାଖରେ ଯେଉଁ ସମ୍ବଳ ଅଛି ଦେଶର ଅନ୍ୟ କୌଣସି ରାଜ୍ୟ ପାଖରେ ସେ ସଂସାଧନ ନାହିଁ। ହେ ମହାପ୍ରଭୁ- ଓଡ଼ିଶା ଧନୀ ମାତ୍ର ଓଡ଼ିଆ ଗରିବ। କେତେଦିନ ଏହି ଲାଞ୍ଛନା ଓ ଅପମାନ ସହିବାକୁ ପଡ଼ିବ ?

ମୁଁ ଆଦିବାସୀ-ଗରିବ ପରିବାରରୁ ଆସିଛି। ଗରିବର କଷ୍ଟକୁ ଅଙ୍ଗେ ନିଭେଇ ନିଭେଇ ଆସିଛି। ମହାପ୍ରଭୁ ଆପଣ ଜଗତର ନାଥ। ଗରିବର ଦେବତା। ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଆମେ ଆପଣଙ୍କୁ ସାକ୍ଷୀ ରଖି ଯୋଜନା କରିଛୁ। ଆପଣ ଆଶୀର୍ବାଦ କରନ୍ତୁ। ଜୟ ଜଗନ୍ନାଥ।

# ମଣିଷସଂଖ୍ୟା କମୁଛି



ଡ. ମନୋରଞ୍ଜନ ପ୍ରଧାନ

ମନେପଡୁଛି ପିଲାବେଳର କଥା। ବହିପତ୍ର କିଣିବାଠାରୁ ଆରମ୍ଭ କରି କୌଣସି ବଡ଼ ଧରଣର ବଜାର କାମରେ ବା ଅଫିସ କାମରେ ବ୍ରହ୍ମପୁର ଯିବାକୁ ପଡ଼େ। ସେଥିପାଇଁ ଭଡ଼ା ସାଇକେଲ ଆମ୍ଭମାନଙ୍କ ଭଳି ଗ୍ରାମୀଣ ଦୂରିଆ ଲୋକଙ୍କର ଏକମାତ୍ର ନିର୍ଭରଯୋଗ୍ୟ ସାହାରା ଥିଲା। ତିରିଶ ବର୍ଷ ତଳେ ସମାଜ ଜଟିଳ ନଥିଲା। ମୋ ବିଚାରରେ ସେତେବେଳେ ଲୋକସଂଖ୍ୟା ଅପେକ୍ଷା ମଣିଷସଂଖ୍ୟା ବେଶି ଥିଲେ। ଆସ୍ଥା, ବିଶ୍ୱାସ, ପରସ୍ପର ପ୍ରତି ସହଯୋଗ ଇତ୍ୟାଦି ସମାଜର ସାଧାରଣ ଚରିତ୍ର ଥିଲା। ଅବିଶ୍ୱାସ, ସନ୍ଦେହ, ଠକାମି ଇତ୍ୟାଦି ପ୍ରାୟତଃ ନଥିଲା କହିଲେ ଚଳେ। ମୋର ମନେଅଛି ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ପାର୍ଶ୍ୱରେ ଭଡ଼ାରେ ସାଇକେଲ ମିଳୁଥାଏ। କେବଳ ନିଜ ନାମ ଓ ଠିକଣା ଲେଖିଦେଲେ ସାଇକେଲଟି ଦେଇ ଦିଅନ୍ତି। ସେତେବେଳେ କୌଣସି ଫୋନ ନମ୍ବରର ବ୍ୟବସ୍ଥା ମଧ୍ୟ ନଥାଏ। ଚାହିଁଲେ ଜଣେ ସାଇକେଲ ନେଇ ପଳେଇ ପାରିବ। କିନ୍ତୁ ସେଭଳି ଉଦାହରଣ ପ୍ରାୟତଃ ନଥିଲା। କାରଣ ବାରମ୍ବାର ଭଡ଼ାରେ ସାଇକେଲ ନେବା ପରେ ସେ ଲୋକଟି ସହ ମୋର ଭଲ ପରିଚୟ ହୋଇଯାଇଥିଲା। ଥରେ ଏ ବାବଦରେ ପଚାରିଥିଲି। ସେ ଲୋକଟି ସ୍ପଷ୍ଟ କହିଥିଲେ ଧର୍ମ, ନ୍ୟାୟ ଓ ବିଶ୍ୱାସ ଅଛି ବୋଲି ଦୁନିଆ ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲୋକଟି ଏତେ ସଚ୍ଚୋଟ ଯେ ଠିକ୍ ସମୟର ଭଡ଼ା ନିଅନ୍ତି। ମାନେ ଯଦି ଆପଣ ଏକ ଘଣ୍ଟା ପଞ୍ଚଚାଳିଶ ମିନିଟ ସାଇକେଲ ବ୍ୟବହାର କରିଛନ୍ତି, ସେ ଆପଣଙ୍କୁ ଆଉ ପନ୍ଦର ମିନିଟ ଚଳାଇ ଦୁଇ ଘଣ୍ଟାର ଭଡ଼ା ଦେବାକୁ ପରାମର୍ଶ ଦେବେ କିମ୍ବା ନିର୍ଦ୍ଧାରିତ ସମୟର ଭଡ଼ା ରଖନ୍ତି। ଦେଖନ୍ତୁ ଅଳ୍ପ ପାଠୁଆ ଓ ସ୍ୱଳ୍ପ ରୋଜଗାରିଆ ଲୋକଟିର ମାନସିକତା, ମଣିଷପଣିଆ ଓ ମହତମଣିଆ କେତେ ଉଚ୍ଚକୋଟୀର ଥିଲା। ସେତେବେଳେ ଲୋକମାନେ ସଚ୍ଚୋଟ,ବିଶ୍ୱାସୀ ଓ ନ୍ୟାୟବନ୍ତ ଥିଲେ। ସେଥିପାଇଁ କୁହାଯାଇପାରେ ସେତେବେଳେ ଲୋକସଂଖ୍ୟା ଅପେକ୍ଷା ମଣିଷ ସଂଖ୍ୟା ବେଶି ଥିଲା।

ଆଜି ପରିସ୍ଥିତି ବଦଳିଛି। ଲୋକସଂଖ୍ୟା ହୁହୁ ହୋଇ ବଢୁଛି ଏବଂ ମଣିଷସଂଖ୍ୟା କ୍ରମ ବର୍ଦ୍ଧିଷ୍ଣୁ ଗତିରେ କମିବାରେ ଲାଗିଛି। ପାଠୁଆ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ହେଉଛି ହେଲେ ଶିକ୍ଷିତମାନଙ୍କ ସଂଖ୍ୟା ଆଶାତୀତ ଭାବରେ କମିଚାଲିଛି। ଆଜିକାଲିର ପାଠୁଆମାନଙ୍କ ମଧ୍ୟରୁ ମଣିଷ ସଂଖ୍ୟା ବହୁତ କମ୍। ସେମାନଙ୍କର ସମାଜ, ରାଷ୍ଟ୍ର ତଥା ବିଶ୍ୱ କଲ୍ୟାଣ ପାଇଁ ସମ୍ବେଦନଶୀଳ ମନୋବୃତ୍ତିର ଘୋର ଅଭାବ। ବୃତ୍ତିଗତ ନୈତିକତା ନାହିଁ କି ନିଜେ ଯେଉଁ ପଦପଦବୀରେ ଅଧିକାରୀ ତା'ର ଗରିମାକୁ ବଳବତ୍ତର ରଖିବାର ମାନସିକତା ନାହିଁ। କେବଳ ବୃଥା ଅହଂକାର, ସାମାନ୍ୟ ସ୍ୱାର୍ଥ ସାଧନର ଅହେତୁକ ବ୍ୟାକୁଳ ଓ ନିଜ ରାଜକାର୍ଯ୍ୟରେ ଅବହେଳା କରି ଅନୈତିକ ଅର୍ଥ ରୋଜଗାରର ଅହେତୁକ ଲାଳସା। ତା' ନ ହୋଇ ଥିଲେ ସରକାରୀ ବାବୁମାନଙ୍କ ଘରୁ



କୁବେରଙ୍କଠାରୁ ଅଧିକ ଧନ ସମ୍ପତ୍ତି ଜବତ ହେଉଛି କେମିତି? ଏମାନେ ଗୋଟିଏ ଗୋଟିଏ ନରପଶୁ ବା ଅର୍ଥଲୋଭି ଦୁଃସ୍ୱପ୍ନ ଜନ୍ତୁ। ଆଜି ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ଭଦ୍ର ମୁଖା ତଳେ ଲମ୍ବା ଚଉଡ଼ା ଭାଷଣ ଦେଇ ସମାଜରେ ନିଜକୁ ବଡ଼ ପଦାଧିକାରୀ କହି ଏକପ୍ରକାର ସମ୍ଭ୍ରାନ୍ତ ଭାବନ୍ତି ଏମାନେ। ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଏମାନେ ଗୋଟିଏ ଗୋଟିଏ ସାମନ୍ତ, ଯେଉଁମାନଙ୍କ ସାମନ୍ତବାଦୀ ଚିନ୍ତାଧାରା ପାଇଁ ଆଜି ଦେଶ, ସମାଜ ଓ ସାଧାରଣ ଜନତା ପରାଭବ ଭୋଗ କରୁଛନ୍ତି। ଏମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦରକାର।

ଆଜି ମଣିଷସଂଖ୍ୟା କମିବାର ଅନ୍ୟ ଏକ କାରଣ ଜଗତୀକରଣ ହୋଇପାରେ। ସାମନ୍ତବାଦକୁ କବର ଦେଇ ଯେଉଁ ଜଗତୀକରଣ ରୂପକ ଚାରାଟି ପୋତା ହୋଇଥିଲା ତାହା ଧୀରେ ଧୀରେ ବିସ୍ତାରି ବ୍ୟାପକ ରୂପ ଧାରଣ କଲାଣି, ଯାହା ପ୍ରଭାବରେ ବିଶ୍ୱ ଗୋଟିଏ ଲାଭକରୀ ବଜାରରେ ପରିଣତ ହେଲାଣି। ବଡ଼ ମାଛକୁ ସାନ ମାଛ ଗିଳି ଦେଲା ଭଳି ବିକଶିତ ରାଷ୍ଟ୍ରଗୁଡ଼ିକ ନିଜର ଆର୍ଥିକ ଅଭିବୃଦ୍ଧିକୁ ଆହୁରି ଗତିଶୀଳ କରିବା ପାଇଁ ସାନ ସାନ ଦେଶଗୁଡ଼ିକୁ ବିଭିନ୍ନ ଉପାୟରେ ଗିଳିବାରେ ଲାଗିଛନ୍ତି। ଆଜି ସାରା ବିଶ୍ୱରେ ଦେଶ ଦେଶ ମଧ୍ୟରେ ଯେଉଁ ଯୁଦ୍ଧର ତାଣ୍ଡବଲୀଳା ଆମେ ଦେଖୁଛେ ତାହା କେବଳ ଦୁଇ ଦେଶର ଅନ୍ତରୀଣ ଶତ୍ରୁତା ନୁହେଁ ବଡ଼ ବଡ଼ ପ୍ରଭାବଶାଳୀ ଦେଶଗୁଡ଼ିକର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରୋତ୍ସାହନର ଫଳ। ନିଜକୁ ସମୃଦ୍ଧ କରିବା ନିଶାରେ ଆଜିର ଭୌତିକ ସୁଖୀ ମଣିଷ ସାଧାରଣ ଲୋକ ସମୂହକୁ ପୋକ ମାଛି ଭଳି ହତ୍ୟା କରିବାକୁ ପଛାଉ ନାହିଁ। ତେବେ କୁହନ୍ତୁ ମଣିଷସଂଖ୍ୟା ବଢ଼ିଛି ନା କମିଛି?

ଡିଗ୍ରୀଧାରୀ ସାକ୍ଷର ବଢ଼ିଛି କିନ୍ତୁ ମୂଲ୍ୟବୋଧ ଯୁକ୍ତ ଶିକ୍ଷିତମାନଙ୍କ ସଂଖ୍ୟା କମ୍। ସେଥିପାଇଁ ଘରୋଇ ହିଂସା, ଛାଡ଼ପତ୍ର, ଜମିଜମା ବିବାଦ ବଢ଼ିଛି। ରକ୍ତ ସମ୍ପର୍କ ହୋଇ ଶତ୍ରୁତା କରୁଛି। କେତେବେଳେ ସମ୍ପତ୍ତି ପାଇଁ ପୁଅ ବାପାକୁ ତ ଆଉ କେତେବେଳେ ଜନ୍ମଦାତ୍ରୀ ମାଆ, ଲାଳନପାଳନ କରିଥିବା ଆଈ, ଜେଜେମାଆ ପ୍ରମୁଖଙ୍କୁ ହତ୍ୟା କରୁଛି। ସହନଶୀଳତା ଓ ଉଦାରତା ଆଜି ଏକ ପ୍ରକାର ବିଲୁପ୍ତ ହେଲାଣି। ଯୌଥ ପରିବାର ଭାଙ୍ଗି ଛୋଟ ପରିବାର ସୁଖୀ ପରିବାର ନାମକ ମରୀଚିକା ପଛରେ ସମସ୍ତେ ଧାବମାନ। ସାମାନ୍ୟ ସୁଖ ପାଇଁ ଜନ୍ମଦାତା ମାଆବାପା ମଧ୍ୟ ସନ୍ତାନ ସନ୍ତତିର ନୁହନ୍ତି। ଶିକ୍ଷା ବ୍ୟବସ୍ଥାରୁ ଜୀବନ ମୂଲ୍ୟ ହଜିଗଲାଣି। ପରିବାରରେ କେବଳ ପରୀକ୍ଷାରେ ନମ୍ବର ପାଇଁ ପ୍ରତିଯୋଗିତା ଓ ପରାମର୍ଶ। ଏଭଳି ପରିସ୍ଥିତିରେ ସମାଜର ପ୍ରାଜ୍ଞ ବ୍ୟକ୍ତିମାନେ ଯଦି ମଣିଷ ଗଢ଼ିବାରେ ଶପଥ ନ ନିଅନ୍ତି ସମାଜରୁ ମଣିଷ ଓ ମଣିଷପଣିଆ ହଜିଯିବ। ତେଣୁ ପ୍ରତିକାର ହିଁ ପ୍ରତିଷେଧ। ମଣିଷ ସଂଖ୍ୟା ବୃଦ୍ଧି ହିଁ ଏକମାତ୍ର ସମାଧାନ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

କୋଲକାତାର ପିଣ୍ଟୁ ପୋହାନ୍ ପାନ ଦୋକାନ କରି ପରିବାର ପ୍ରତିପୋଷଣ ସହ ବହି ଲେଖା ଜାରି ରଖିଛନ୍ତି। ଏବେସୁଦ୍ଧା ସେ ୧୨ଟି ବହି ଲେଖିସାରିଲେଣି। ସବୁ ବହି ବେଙ୍ଗଲୀ ଭାଷାରେ ଲେଖିଛନ୍ତି। ସେ ପାନ ବିକିବା ସହ କମ୍ପ୍ୟୁଟର କ୍ଲାସ ଓ ଲାଙ୍ଗୁଏଜ ଡିପ୍ଲୋମା କୋର୍ସ କରୁଛନ୍ତି ଓ ବହି ଲେଖୁଛନ୍ତି। ପିଣ୍ଟୁଙ୍କ ପାନ ଦୋକାନ ରହିଛି ବେହେଲାରେ। ଲୋକଙ୍କୁ ପାନ ଦେଇସାରି ସାଙ୍ଗେ ସାଙ୍ଗେ ସେ ଲେଖିବା ଆରମ୍ଭ କରିଦିଅନ୍ତି। ବେହେଲାଠାରୁ ଦୁଇ କିଲୋମିଟର ଦୂର ମଦନମୋହନତାଲାରେ ତାଙ୍କ ଜନ୍ମ। ପ୍ରତିକୂଳ ପରିସ୍ଥିତିରେ ସେ ଦଶମରୁ ପାଠରେ ଡୋରି ବାନ୍ଧି ଦେଇଥିଲେ। ପରେ ଏକ ଫ୍ୟାକ୍ଟ୍ରିରେ କାମକରି ଅର୍ଥ ସଞ୍ଚୟ ପରେ ପୁଣି ପାଠପଢ଼ି ବେଙ୍ଗଲୀ ଭାଷାରେ ସ୍ନାନକୋତ୍ତର ଡିଗ୍ରୀ ହାସଲ କରିପାରିଲେ। ପିଣ୍ଟୁ ପଢ଼ିବା ବେଳେ ସ୍କୁଲ ମାଗାଜିନରେ ଲେଖୁଥିଲେ ଏବଂ ସେହି ଆଗ୍ରହ ଏବେ ପାନ ଦୋକାନରେ ଦେଖାଯାଇଛି, ଯେଉଁଠି ବସି ସେ ବହି ଲେଖିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଜୁଲାଇ ୧୯୭୬

- କେନ୍ଦ୍ର ସରକାର ୧୦+୨+୩ ଶିକ୍ଷା ପଦ୍ଧତି ଅନୁସାରେ ନୂତନ ଉଚ୍ଚମାଧ୍ୟମିକ ପାଠ୍ୟକ୍ରମର ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଆଦିବାସୀ ଓ ହରିଜନ ଛାତ୍ରମାନଙ୍କୁ ଶିକ୍ଷାବୃତ୍ତି ଦେବା ପାଇଁ ନୀତିଗତ ଭାବେ ନିଷ୍ପତ୍ତି କରିଛନ୍ତି।
- କମ୍ପାନୀ ଆଇନ ଅନୁଯାୟୀ ଲାଭାଂଶ ଘୋଷଣା ଓ ବଣ୍ଟନ ଉପରେ ଜାରି କଟକଣାକୁ କେନ୍ଦ୍ର ସରକାର ଉଠାଇଦେବା ପାଇଁ ନିଷ୍ପତ୍ତି କରିଛନ୍ତି।

## ଚିରନ୍ତନୀ

ବିଚିତ୍ର କରଣୀ-ଚିତ୍ର ଚାରୁ ଚିତ୍ରୋତ୍ପଳା,
ଶୁଭ୍ର ବାଲିଶେଯେ ଯା'ର ରଚିତ ମେଖଳା,
ତୋ ପରି ମୁଁ ଦେଶେ ଦେଶେ
ଭ୍ରମୁଅଛି ଆଜି ଶେଷେ
ଚଞ୍ଚଳ ତୋ ପରି ମୋର ପରାଣ-ପିତୁଳା ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେଉ

ମହାଶୟ,

ଓଡ଼ିଶାରେ ଭାଜପା ସରକାରଙ୍କ ଏକ ବର୍ଷର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ଗତ ଏକବର୍ଷ ମଧ୍ୟରେ ସରକାରଙ୍କ ତରଫରୁ ଅନେକ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ମାତ୍ର ଏଗୁଡ଼ିକ ମଧ୍ୟରୁ ୧୦ ପ୍ରତିଶତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇପାରି ନାହିଁ। ନୂଆ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିବା ସ୍ୱାଗତଯୋଗ୍ୟ ଓ ଏହାଦ୍ୱାରା ସରକାରଙ୍କ ବିକାଶ ପ୍ରତି ପ୍ରତିବଦ୍ଧତା ପ୍ରକାଶ ପାଉଛି। ମାତ୍ର ଏଗୁଡ଼ିକର କାର୍ଯ୍ୟାନ୍ୱୟନ ବେଗ ଅତି ମନ୍ଥର। ଏଣୁ ସରକାର ଘୋଷଣା କରିଥିବା ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଉଚିତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-165

# REGIONAL PLANT RESOURCE CENTRE


FOREST, ENVIRONMENT AND CLIMATE CHANGE DEPARTMENT, GOVERNMENT OF ODISHA
NAYAPALLI, BHUBANESWAR-751015, INDIA, PHONE : 91 674 2552002, 2557925, FAX : 91 674 2550274
E-mail : rprcbbsr@gmail.com, Website : www.rprcbbsr.in


The Regional Plant Resource Centre (RPRC), also known as Ekamrakanan, was established in 1985 as a recreational garden and a green lung for Bhubaneswar under the administrative control of Forest, Environment & Climate Change Department, Govt. of Odisha. Initially, it served as a recreational space, but it evolved into a Research and Development (R&D) organization focused on research leading to Ph.D. degrees. RPRC has also been involved in the commercial production of horticultural plants including Orchids, germplasm conservation of rare and endangered species, wild edible fruits, medicinal plants, and mangroves. It houses a botanical garden, known as Ekamra Kanan, which is a popular tourist attraction and unique botanical parks in Odisha. RPRC is known for its extensive collection of cacti and succulents, including a substantial number of hybrid cacti & roses. RPRC has various thematic gardens & houses including a cactus and succulent house, Jagannath Vatika, fragrance garden, hibiscus garden, RET garden and a rose garden. RPRC continues to implement various research projects related to plant conservation and resource utilization. plant biodiversity conservation.

- RPRC is enhancing its facilities for Orchid breeding and tissue culture of Banana, and RET plants.
- RPRC is actively working on improving and beautifying its botanical garden, including the development of specialized gardens like the Garden of Colors, Indradhanu Garden, and an Aquatic Garden which attracts daily morning walkers & day visitors to the garden.
- RPRC aims to develop advanced laboratories and instrumentation facilities to support hi-tech research and development.
- RPRC supplies authentic planting stock to farmers, progressive growers, research institutes, and other agencies for research and commercial purposes. Besides, a plant sale counter named ‘ Bloosm Baazaar’ has recently been in operation in the campus.
- RPRC offers short-term training and internship programs in areas like biotechnology, molecular biology, and plant tissue culture.
- RPRC publishes scientific and popular literature to disseminate information about its research and activities. Initiatives have been undertaken to collaborate with reputed national institutes for implementation of various research projects and patenting of research findings and end product.

OIPR-08004/13/0042/2526

# ନିଜ ଆବେଗକୁ ବୃତ୍ତିରେ ପରିଣତ କର:ଉଚ୍ଚଶିକ୍ଷା ମନ୍ତ୍ରୀ

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)



କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟମାନେ।

## ରାୟଗଡ଼ା କଲେଜ ପ୍ରତିଷ୍ଠା ଦିବସ

■ଭିତ୍ତିଭୂମି ବିକାଶ ପାଇଁ ସରକାରୀ ସହଯୋଗ ମିଳିବ

ନିଜର ଆବେଗ ଅନୁସାରେ ବୃତ୍ତି ଚୟନ କରିବା ଉଚିତ। ନିଜ ଭିତରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣକରି ସେହି ଦିଗରେ ଆଗକୁ ବଢ଼ । ଚାକିରି କରିବା ପାଇଁ ପାଠ ପଢ଼ିବା ପରିବର୍ତ୍ତେ ପାଠ ପଢ଼ି ନିଜେ ଷ୍ଟାର୍ଟଅପ୍ ବିଜ୍‌ନେସ୍ ଦ୍ୱାରା ଅନ୍ୟକୁ ଚାକିରିଦେବା ଭଳି ନିଜକୁ ପ୍ରସ୍ତୁତକର । ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ରେ ବର୍ତ୍ତମାନର ଛାତ୍ରୀଛାତ୍ର ଯୁବପିଢ଼ି ଭାବେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ନିଜକୁ ପ୍ରସ୍ତୁତ କର ବୋଲି ଶୁକ୍ରବାର ରାୟଗଡ଼ା ଗସ୍ତରେ ଆସିଥିବା ଉଚ୍ଚ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ କହିଛନ୍ତି, କେବଳ ନେତା ହେଲେ ନେତୃତ୍ୱ ନେଇପାରିବ ତାହା ନୁହେଁ, ବରଂ ନିଜ ରୁଚିରେ ବୃତ୍ତିରେ ନେତୃତ୍ୱ ନେଇ ଅନ୍ୟକୁ ସହଯୋଗ କରିପାରିବ।

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଉଚ୍ଚଶିକ୍ଷା ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପାରୁଲ ପଟୱାରି ଏବଂ ଏସ୍‌ପି ସ୍ୱାଥି ଏସ୍.କୁମାର, ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଓ କଲେଜ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ମଞ୍ଚାସୀନ ଥିଲେ । ଜିଲାପାଳ ପାରୁଲ ଓ ଏସ୍‌ପି ସ୍ୱାଥି ନିଜ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନାକରିବା ସହ ସେମାନଙ୍କ ମାର୍ଗଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ମନ୍ତ୍ରୀ ସୂରଜ କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନାକରି ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାରୀ କଲେଜ ମାନ୍ୟତା, କଲେଜ ଭିତରେ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ, କଲେଜ ପାଇଁ ଦ୍ୱିତୀୟ କ୍ୟାମ୍ପସ, ଶ୍ରେଣୀଗୃହ, ଖେଳ ପଡ଼ିଆ, ସାଧାରଣ ବର୍ଗ ପିଲାଙ୍କ ପାଇଁ ହଷ୍ଟେଲ ଆଦି ନିର୍ମାଣ ପାଇଁ ଛାତ୍ରୀଛାତ୍ର ଦାବି କରିଥିଲେ । ଏ ନେଇ କମିଟି ଗଠନ ସହ ଆଲୋଚନାକରି ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତକରି ଦେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ କଲେଜର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶ ପାଇଁ ଜିଲା ଖଣିଜ ପାଣ୍ଠିର ବ୍ୟବହାର ମଧ୍ୟ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟ ସରକାର ଏବେ ସିଭିଲ ସର୍ଭିସ୍ ପାଇଁ ଇଚ୍ଛୁକ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ଯୋଜନା ଆଣିଛନ୍ତି। ପ୍ରବେଶିକା ପରୀକ୍ଷା ମାଧ୍ୟମରେ ୫୦୦ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ମାଗଣା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜରେ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପବାଚସ୍ପତି ତଥା ମନ୍ତ୍ରୀ ଲାଲବିହାରୀ ହିମିରିକା, ବରିଷ୍ଠ ଭାଜପା ନେତା କାଳିରାମ ମାଝି, ଶିବଶଙ୍କର ଉଲାକା, ଯୁବନେତା ଦେବାଶିଷ ପଣ୍ଡା, ଉମାଶଙ୍କର ପାଢ଼ୀ, ବସନ୍ତ ଉଲାକା, ମଞ୍ଜୁଳା ମିଣିଆକା, ଉମେଶ ଖୋସ୍‌ଲା, ମହେଶ୍ୱର ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ । ଏନ୍‌ସିସି ପ୍ରଶିକ୍ଷକ ଉଦୟ ନାଏକ ମଞ୍ଚ ପରିଚାଳନା କରିଥିଲେ ।



ରାୟଗଡା ଶ୍ରଦ୍ଧା ଶ୍ରୀକ୍ଷେତ୍ର ଗୁଣ୍ଡିଚା ମନ୍ଦିରରେ ଶୁକ୍ରବାର ଶ୍ରୀଜୀଉଙ୍କ କଲ୍‌କୀ ଅବତାର ବେଶ।

# ସ୍କୁଲ ବସ୍ ମାଡ଼ିଯିବାରୁ ମହିଳା ମୃତ

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ସ୍କୁଲ ବସ୍ ମାଡ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ କୋଲନରା ବ୍ଲକ୍ ସୁରୀ ପଞ୍ଚାୟତ ବଡ଼ପଦିଆ ଗାଁର ପେଣ୍ଟି ଉଲାକା। ଘଟଣାରୁ ପ୍ରକାଶ, ପେଣ୍ଟି ସ୍ୱାମୀ ଓ ଭ୍ରାଇଙ୍କ ସହ ସ୍କୁଟି ଯୋଗେ ବ୍ୟାଙ୍କ କାମରେ ରାୟଗଡ଼ା ଆସୁଥିଲେ । ଏହି ସମୟରେ ବଜାଜ ଶୋ'ରୁମ୍ ସମ୍ମୁଖରେ ପଛପଟୁ ଆସୁଥିବା ଏକ ଘରୋଇ ସ୍କୁଲର ବସ୍ ସ୍କୁଟିକୁ ଧକ୍କାଦେଇଥିଲା । ଫଳରେ ସ୍କୁଟି ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ି ପଡ଼ିଯାଇଥିବା ବେଳେ ପେଣ୍ଟି ବସ୍ ଚକା ତଳେ ପଡ଼ିଯାଇଥିଲେ । ବସ୍‌ଟି ପେଣ୍ଟିଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଉକ୍ତ ସମୟରେ କୌଣସି କାମ ନିମନ୍ତେ ରାୟଗଡ଼ା ଆସୁଥିବା ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସେଠାରେ ଅଟକି ଅଗ୍ନିଶମ ବିଭାଗ ଓ ୧୦୮କୁ ଫୋନ୍ କରି ଜଣାଇଥିଲେ । ରାୟଗଡ଼ା ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା, ଏଏସ୍‌ଆଇ ଗୌରୀ ସାହୁ ଓ ପୋଲିସ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାରକରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଦୁର୍ଘଟଣା ଘଟାଇଥିବା ବସ୍‌କୁ ମଧ୍ୟ ପୋଲିସ ଜବତ କରିଛି । ଏ ନେଇ ରାୟଗଡ଼ା ଟାଉନ ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ବେହେରା କହିଛନ୍ତି ।

# କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ କ୍ରୀଡ଼ା ଭିତିଭୂମିର ବିକାଶ ଏବଂ ଜିଲା କ୍ରୀଡ଼ା ସଂସଦ ଗଠନ ପାଇଁ ଜିଲା ଯୁବକ ସଂଘ ପକ୍ଷରୁ ଶୁକ୍ରବାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲାରେ କ୍ରୀଡ଼ା ସଂସଦ ପୁନର୍ଗଠନ, ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ପାଇଁ ଷ୍ଟାଡ଼ିୟମ ନିର୍ମାଣ, କ୍ରୀଡ଼ାବିତଙ୍କ ପାଇଁ ଛାତ୍ରାବାସ ନିର୍ମାଣ, ପିଇଟି ଶିକ୍ଷକ ନିଯୁକ୍ତି ସମେତ ବି.ଏଡ଼ କଲେଜ, ଆଇନ କଲେଜ ଏବଂ ମେଡ଼ିକାଲ କଲେଜ ଓ ସୁପର ସ୍ପେଶାଲିଟି ହସ୍‌ପିଟାଲ ନିର୍ମାଣ ଆଦି ଦାବି ଉଲ୍ଲେଖ ରହିଛି। ଦାବିପତ୍ର ପାଇବା ପରେ ମନ୍ତ୍ରୀ ସୂରଜ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି କେ.ଅଶୋକ ଓ ବାବୁଲା ମେଲେକା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ସମୟରେ ଭାଜପାର ପୂର୍ବତନ ଜିଲା ସଭାପତି ଶିବ ପଟ୍ଟନାୟକ ଓ ଯୁବନେତା ବସନ୍ତ ଉଲାକା ପ୍ରମୁଖ ଉପସ୍ଥିତ ଥିଲେ।

# ଅଜିତ୍ ହିରୋର ନୂତନ ଶୋ'ରୁମ୍ କୋଠା ଉଦ୍‌ଘାଟନ




ଅଜିତ ହିରୋର ନୂଆ ଶୋ-ରୁମ୍।



ବିଧାୟକ ନବୀନ କୁମାର ଜୈନ, ଅଜିତ ଜୈନ ଶୋ-ରୁମ୍ ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)

## ପ୍ରଥମ ଦିନରେ ୧୨ ମୋଟରସାଇକେଲ ବିକ୍ରି

ରାୟଗଡ଼ା ସହରର ଏଫ୍‌ସିଆଇ ଛକ ନିକଟରେ ଜାତୀୟ ରାଜପଥ କଡରେ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଅଜିତ ହିରୋର ନୂତନ ଶୋ-ରୁମ୍ ଶୁକ୍ରବାର ଉଦଘାଟିତ ହୋଇଛି । ଏଥିରେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅଜିତ ହିରୋ ଶୋ-ରୁମ ମାଲିକ ଅଜିତ ଜୈନ, ତାଙ୍କ ପିତା ଅଶୋକ ଜୈନ ଓ ପରିବାରବର୍ଗଙ୍କ ସହ ଏରିଆ ସେଲ୍ସ ମ୍ୟାନେଜର ରବିକାନ୍ତ ସିଂ ଉପସ୍ଥିତ ରହି ଏହି ନୂତନ ଶୋ-ରୁମର ଉଦଘାଟନ କରିଥିଲେ । ପ୍ରଥମ ଦିନରେ ହିରୋ କମ୍ପାନୀ ବିଭିନ୍ନ ଭେରିଆଣ୍ଟର ପ୍ରାୟ ୧୨ଟି ମୋଟରସାଇକେଲ ବିକ୍ରି ହୋଇଥିବା ଅଜିତ ସୂଚନା ଦେଇଛନ୍ତି । ଏହି ନୂତନ ଶୋ-ରୁମ ଆକାରରେ ବଡ଼ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ଗାଡ଼ି ବିକ୍ରି ହୋଇପାରିବ ବୋଲି ଅଜିତ କହିଛନ୍ତି ।

# ସଂକ୍ରାମକ ରୋଗ ନିରାକରଣ ପାଇଁ ସଫେଇ ଅଭିଯାନ

ପଦ୍ମପୁର,୪।୭(ପ୍ରଶାନ୍ତ କୁମାର କର)

ରାଜ୍ୟର ବିଭିନ୍ନ ଜିଲାରେ ଏବେ ଡାଇରିଆ ବ୍ୟାପୁଥିବା ବେଳେ ରାୟଗଡ଼ା ଜିଲାରେ ମଧ୍ୟ କେତେକ ବ୍ଲକ୍‌ରେ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହେଉଛନ୍ତି। ତେଣୁ ପଦ୍ମପୁର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କୁ ଆଗୁଆ ସଚେତନକରିବା ସହ ସଂକ୍ରାମକ ରୋଗ ନିରାକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଅଭିଯାନ, ଓଆର୍‌ଏସ୍ କର୍ନର ଖୋଲିବା, ସମସ୍ତ କୂଅର ବିଶୁଦ୍ଧୀକରଣ, ଘରକୁ ଘର ଓଆର୍‌ଏସ୍ ଏବଂ ଜିଙ୍କ୍ ବଟିକା ବଣ୍ଟନ, ହତାଧୁଆ ଏବଂ ଓଆର୍‌ଏସ୍ ପ୍ରସ୍ତୁତି ପ୍ରଣାଳୀ ଉପରେ ଲୋକଙ୍କୁ ସଚେତନ କରାଯାଉଛି। ଏହାସହ ମଶାରି ବ୍ୟବହାର, ମାଛି ବସା, ବାସିଖାଦ୍ୟ ନ ଖାଇବା ପାଇଁ ସଚେତନ କରାଯାଉଛି। ସେହିପରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶୁକ୍ରବାର ୨୦ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସାମୂହିକ ଭାବରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏ ସମ୍ପର୍କରେ ପଦ୍ମପୁର ମେଡିକାଲ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପଣ୍ଡାଙ୍କ କହିବା ଅନୁସାରେ, ଚଳିତ ମାସ ୪ ଓ ୧୧ତାରିଖରେ ମେଡିକାଲର ସ୍ୱାସ୍ଥ୍ୟ କମଚାରୀ ଲୋକଙ୍କ ପାଖକୁ ଯାଇ ମଶାରି ଟାଙ୍ଗି ଶୋଇବା ଓ ଲୋକେ ସଂକ୍ରାମକ ରୋଗରୁ କିପରି ରକ୍ଷାପାଇବେ ତାହା ଉପରେ ସଚେତନତା କରାଉଛନ୍ତି।



ସ୍ୱାସ୍ଥ୍ୟ କର୍ମଚାରୀ ସଫେଇ କରୁଛନ୍ତି।

# ଗୁଣପୁର ଇନ୍‌ଡୋର ଷ୍ଟାଡିୟମ୍‌କୁ ଜିମ୍ ସାମଗ୍ରୀ ଯୋଗାଇବାକୁ ଦାବି



କ୍ରୀଡାମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

ଗୁଣପୁର,୪।୭(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଜିମ୍ ସାମଗ୍ରୀ ଯୋଗାଇ ଦେବା ପାଇଁ ଯୁବ କ୍ରୀଡାପ୍ରେମୀଙ୍କ ପକ୍ଷରୁ ଦାବି ହୋଇଛି। ଶୁକ୍ରବାର କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ରାୟଗଡା ଗସ୍ତ ସମୟରେ ଗୁଣପୁର ଅଞ୍ଚଳରେ ଯୁବ କ୍ରୀଡାପ୍ରେମୀ ତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗୁଣପୁରରେ ଇନଡୋର ଷ୍ଟାଡିୟମ ରହିଥିଲେ ମଧ୍ୟ ସେଠାରେ କୌଣସି ପ୍ରକାର କ୍ରୀଡା ଉପକରଣ ନାହିଁ। ଫଳରେ ଏହି ଅଞ୍ଚଳରେ ରହିଥିବା ବହୁ ପ୍ରତିଭାବାନ ଖେଳାଳି ଅଭ୍ୟାସ କରିବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ବିଭିନ୍ନ ପ୍ରକାର କ୍ରୀଡା ଉପକରଣ ପ୍ରଦାନ କରାଗଲେ ବହୁ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରିବେ ବୋଲି ମତ ରଖାଯାଇଥିଲା। ମନ୍ତ୍ରୀ ଏହି ଦାବିପତ୍ର ପାଇବା ପରେ ଜିଲା କ୍ରୀଡା ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ପୂର୍ବତନ ବିଧାୟକ ତଥା ଭାଜପା ନେତା ତ୍ରିନାଥ ଗମାଙ୍ଗଙ୍କ ସହ ଉଦୟ ନାଥ ପାଢୀ, ହାଡିଆ ଶବର, କିରଣ ପାଣିଗ୍ରାହୀ, ଜଗଦିଶ ପଣ୍ଡା, ଟିଙ୍କୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଗଣଶିକ୍ଷା ବିଭାଗ ଉପନିର୍ଦ୍ଦେଶକଙ୍କ ଉପର ଜୁମୁରୁଗୁଡ଼ା ସ୍କୁଲ ପରିଦର୍ଶନ

ପଦ୍ମପୁର,୪।୭ (ପ୍ରଶାନ୍ତ କୁମାର କର)

ଗଣ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ଦୀପକ ରୟ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ରାୟଗଡା ଜିଲାର ପଦ୍ମପୁର ବ୍ଲକରେ ଅବସ୍ଥିତ ଉପର ଜୁମୁରୁଗୁଡା ସରକାରୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ତାଙ୍କ ସହିତ ଗଣ ଶିକ୍ଷା ବିଭାଗ ଅଧିକାରୀ ସ୍ନେହାଶିଷ ପଣ୍ଡା, ପଦ୍ମପୁର ଏବିଇଓ ଚନ୍ଦ୍ରସେନ ଲିମା ଏବଂ ସିଆରସିସି ଅଜିତ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମୌଳିକ ସଂଖ୍ୟା ଜ୍ଞାନ ଏବଂ ଶବ୍ଦ ଜ୍ଞାନରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ, ଯାହା ସେମାନଙ୍କୁ ପ୍ରଭାବିତ କରିଥିଲା। ସ୍କୁଲ କ୍ୟାମ୍ପସ ସ୍ୱଚ୍ଛତା, ସୃଜନଶୀଳତା ଏବଂ ଶାନ୍ତ ପରିବେଶ ଏବଂ ସୁପରିଚାଳିତ ଭିତ୍ତିଭୂମି ପାଇଁ ଅଧିକାରୀମାନେ ପ୍ରଶଂସା କରିଥିଲେ। ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର କର, ବର୍ତ୍ତମାନର ପ୍ରଧାନ ଶିକ୍ଷକ ଭୁବନାନନ୍ଦ ଖାଡଙ୍ଗା ଏବଂ ସହକାରୀ ଶିକ୍ଷକ ହୃଷିକେଶ ପରିଡାଲା, ବନିତା ନାୟକ ଏବଂ ରେଣୁମାଳା ନାୟକଙ୍କ ଉପସ୍ଥିତ ଥିଲେ। ସ୍କୁଲ କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, କାହ୍ନୁ ମହାପାତ୍ର ଏବଂ ବିଷ୍ଣୁ ସାହୁ ଏବଂ ଅଭିଭାବକ ଉପସ୍ଥିତ ଥିଲେ।



ଗଣ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ଦୀପକ ରୟଙ୍କ ସହ ଅନ୍ୟମାନେ ସ୍କୁଲ ପରିଦର୍ଶନ କରୁଛନ୍ତି।

# ଦଧିବାମନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଦ୍ମପୁର, ୪।୭ (ପ୍ରଶାନ୍ତ କୁମାର କର)



ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖମାପଦର ପଞ୍ଚାୟତ ଅଧୀନ ରାୟଲପଦର ଗ୍ରାମରେ ଶୁକ୍ରବାର ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଜ୍ୟୋତିର୍ବିଦ କୈଳାସ ଚନ୍ଦ୍ର ମିଶ୍ରଙ୍କ ଉଦ୍ୟମ ତଥା ଗ୍ରାମବାସୀଙ୍କ ସହଯୋଗରେ ଗତ ୧ ତାରିଖରୁ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଦିକ୍ଷା ଗ୍ରହଣ, ମଣ୍ଡଳ ସ୍ଥାପନ, ଅଙ୍କୁରାରୋପଣ କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ଗୋଦାନ, ଆବରଣ ପୂଜା, ଅର୍ଘ୍ୟ ଅର୍ପଣ, ଜଳଯାତ୍ରା, ଶାଳା ପ୍ରବେଶ, ବ୍ରାହ୍ମଣ ବରଣ କରାଯାଇଥିଲା। ତୃତୀୟ ଦିନ ପଞ୍ଚକୃତ, ପଞ୍ଚଗବ୍ୟ, ସୂର୍ଯ୍ୟପୂଜା, ଯଜ୍ଞ ଆଦି କାର୍ଯ୍ୟ କରାଯାଇଥିଲା। ଶୁକ୍ରବାର ମୂର୍ତ୍ତି ନୀଳଚକ୍ର, ଧ୍ୱଜା , ପାର୍ଶ୍ୱଦେବତା ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ଯଜ୍ଞ ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଶହ ଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ବନ ମହୋତ୍ସବରେ ଚାରାରୋପଣ

ଚନ୍ଦ୍ରପୁର, ୪।୭ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ସଦର ମହକୁମାରେ ବନ ବିଭାଗ ପକ୍ଷରୁ ଶୁକ୍ରବାର ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିଜୁଳି, ହରିଡ଼ା, ବାହାଡ଼ା, ଅଁଳା, ଅର୍ଜୁନ ଭଳି ପ୍ରାୟ ୧୬୦୦ ବିଭିନ୍ନ ଔଷଧୀୟ ଗଛର ଚାରା ରୋପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ୍ ଅଧ୍ୟକ୍ଷ କୈନ କିମ୍ବାକା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ହାଡିବନ୍ଧୁ ବ୍ରେକ୍‌ବେଡା, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଭାସ୍କର ଗମାଙ୍ଗ, ବରଷ୍ଠ କୃଷି ଶିକ୍ଷକ ଡ. ପ୍ରଦୀପ କୁମାର ଚୌଧୁରୀ, ଚନ୍ଦ୍ରପୁର ବନ ବିଭାଗର ବନପାଳ ଅଶ୍ୱିନୀ କରକରିଆ, ବନରକ୍ଷୀ କମଳ ନାଥ, ଲକ୍ଷ୍ମୀକାନ୍ତ ପାଇଟାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ର ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# କୃତ୍ରିମ ପୋଖରୀ ପାଲଟିଛି ବାଇପାସ୍ ରାସ୍ତା

ଗୁଡାରି,୪।୭ (ପ୍ରମୋଦ କୁମାର ପତି)

ଗୁଡାରି ସହରର ଡିଗ୍ରୀ କଲେଜ ଛକରୁ କାମନାଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ବାଇପାସକୁ ଯିବା ରାସ୍ତା ନିକଟରେ ବର୍ତ୍ତମାନ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ସହରକୁ ସମସ୍ତ ଗାଡି ଯାତାୟାତ କରିଥାଏ। ଏହାଛଡ଼ା ଏହି ରାସ୍ତାରେ ପ୍ରତିଦିନ କଲେଜ ଓ ହାଇସ୍କୁଲକୁ ଛାତ୍ରୀଛାତ୍ର ଚାଲି ଚାଲି ଯାଇଥାନ୍ତି। କିନ୍ତୁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇଥିବାରୁ ପିଲାମାନେ ରାସ୍ତାରେ ଚାଲିକି ଯିବା ଏବଂ ବାଇକ୍‌ରେ ଯିବାଆସିବା ପାଇଁ କଷ୍ଟକର ହୋଇପଡୁଛି। ପାଣି ଜମି ଯିବା ସହ ରାସ୍ତାରେ ଗର୍ତ୍ତ ଥିବାରୁ ଅନେକ ଲୋକ ସେଠାରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗୁଡାରି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ କହିଛନ୍ତି ଏହି ରାସ୍ତା 'ଆର ଏଣ୍ଡ ବି' ବିଭାଗ ଅଧୀନରେ ଅଛି ଏବଂ ବିଭାଗ ପକ୍ଷରୁ ଏନ୍‌ଏସିକୁ ହସ୍ତାନ୍ତର ନେଇ ଚିଠି ଆସିନି। ସେହି ବିଭାଗ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗୁଡାରି ଦାୟିତ୍ୱରେ ଥିବା 'ଆର ଏଣ୍ଡ ବି' ବିଭାଗ ଯନ୍ତ୍ରୀ କହିଛନ୍ତି ଶନିବାର ଏହି ରାସ୍ତାର ସ୍ଥିତି ସମୀକ୍ଷା କରିବା ପରେ ତୁରନ୍ତ ମରାମତି କରାଯିବ।



ପାଣି ଭର୍ତ୍ତି ହୋଇଥିବା ରାସ୍ତା।

# ବିନା ଛାତ୍ରୀଛାତ୍ରରେ ଚାଲିଛି ବିଦ୍ୟାଳୟ

ଗୁଡାରି, ୪।୭ (ପ୍ରମୋଦ କୁମାର ପତି)



ବୋରିପଦରସ୍ଥିତ ପ୍ରାଥମିକ ବିଦ୍ୟାଳୟ।

## ଗୁଡ଼ାରିରେ ବିଚିତ୍ର ଶିକ୍ଷା ବ୍ୟବସ୍ଥା

ଶିକ୍ଷାଦାନ କରିବାକୁ ଶିକ୍ଷକ ଅଛନ୍ତି, ହେଲେ ପଢ଼ିବାକୁ ଛାତ୍ରୀଛାତ୍ର ନାହାନ୍ତି। ବିନା ଛାତ୍ରୀଛାତ୍ରରେ ଚାଲିଛି ବିଦ୍ୟାଳୟ । ଶିକ୍ଷା ବିଭାଗର ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅନ୍ତର୍ଗତ ଭୁରୁକୁଡୁ କ୍ଲଷ୍ଟର ତଥା ଶିରିଗୁଡ଼ା ଗ୍ରାମପଞ୍ଚାୟତର ବୋରିପଦରସ୍ଥିତ ପ୍ରାଥମିକ ବିଦ୍ୟାଳୟରେ। ବୋରିପଦର ବିଦ୍ୟାଳୟରେ ଜଣେ ଶିକ୍ଷକ ନିୟୋଜିତ ଥିବାବେଳେ ଜଣେ ହେଲେ ବି ଛାତ୍ରୀଛାତ୍ର ନାହାନ୍ତି।

ଏହି ବିଦ୍ୟାଳୟରେ ମୋଟ ୩ ଜଣ ଛାତ୍ରୀଛାତ୍ର ପଢୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ୫ମ ପାସ୍ କଲାପରେ ନିକଟସ୍ଥ ବିଦ୍ୟାଳୟରେ ଉଚ୍ଚ ଶ୍ରେଣୀରେ ପଢ଼ିବା ନିମନ୍ତେ ସାର୍ଟିଫିକେଟ ନେଇଗଲେ। ବଳକା ୨ ଜଣ ପିଲା ମଧ୍ୟ ଅନ୍ୟ ବିଦ୍ୟାଳୟରେ ପଢ଼ିବା ନିମନ୍ତେ ଚାଲିଯାଇଥିବା ସୂଚନା ମିଳିଛି। ଗତ ଜୁନ୍ ୨୬ରେ ଜଣେ ଓ ୩୦ ତାରିଖରେ ଆଉ ଜଣେ ପିଲା ଏହି ବିଦ୍ୟାଳୟରୁ ସାର୍ଟିଫିକେଟ ନେଇ ନିକଟସ୍ଥ ଗାଜିଗୁଡ଼ା ବିଦ୍ୟାଳୟରେ ଯଥାକ୍ରମେ ୪ର୍ଥ ଓ ୫ମ ଶ୍ରେଣୀରେ ନାମ ଲେଖାଇଥିବା ସୂଚନା ମିଳିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ଜଣେ ହେଲେ ଛାତ୍ରୀଛାତ୍ର ନ ଥିବା ବେଳେ ଜଣେ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ବିନା ଛାତ୍ରୀଛାତ୍ରରେ ଶିକ୍ଷକ କ'ଣ କାର୍ଯ୍ୟ ତୁଲାଉଛନ୍ତି। ଏ ସମ୍ପର୍କରେ ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରାଯିବ। ଯଦି ଏହି ବିଦ୍ୟାଳୟରେ କୌଣସି ପିଲା ନ ଥିବେ, ତେବେ ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସୂଚନା ଥାଉକି, ଏହି ଗ୍ରାମରେ ୨୦ଟି ପରିବାର ବାସ କରୁଥିବାବେଳେ ଯଦି ଉକ୍ତ ବିଦ୍ୟାଳୟ ଉଠିଯାଏ, ତେବେ ନିଶ୍ଚିତ ଭାବେ ଗ୍ରାମର ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବେ। ସ୍ଥାନୀୟ ଶିକ୍ଷା ବିଭାଗ ଘଟଣାକୁ ଗୁରୁତର ସହ ନେଇ ଯେଉଁ ବିଦ୍ୟାଳୟରେ ଶିକ୍ଷକ ଆବଶ୍ୟକ ସେହି ବିଦ୍ୟାଳୟରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିୟୋଜିତ କରାଗଲେ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ସଂକ୍ଷେପରେ

### ନୂତନ ଏବିଡିଓଙ୍କ ଦାୟିତ୍ୱ ଗ୍ରହଣ

ସେମିଳିଗୁଡ଼ା/ ସୁନାବେଡ଼ା, ୪।୭ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)


ବସନ୍ତ କୁମାର ବେହେରା

ସେମିଳିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ (ଏବିଡିଓ) ବସନ୍ତ କୁମାର ବେହେରା ଶୁକ୍ରବାର ଯୋଗଦେଇଛନ୍ତି। ସେ ପୂର୍ବରୁ ମାଲକାନଗିରି ଜିଲା କାଳିମେଳାରେ କାର୍ଯ୍ୟ କରୁଥିଲେ। ଏବିଡିଓ ବେହେରାଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀ ଯସ୍ୱିନ ପ୍ରଧାନ, ଜିପିଡିଓ ଅଜିତ କୁମାର ହୋତା,ବିଏସ୍ଏସ୍ଓ ଟି.ସୁରଭି ପ୍ରମୁଖ ସ୍ୱାଗତକରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ବହୁଦିନରୁ ଏହି ପଦବୀ ଖାଲି ପଡ଼ିଥିବା ବେଳେ ବିଡିଓଙ୍କ ଅନୁପସ୍ଥିତିରେ କାମ ଏକ ପ୍ରକାର ଠପ୍ ହୋଇରହିଥିଲା।

### ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ

ଡାବୁଗାଁ, ୪।୭(ପ୍ରଜ୍ଞରଞ୍ଜନ ପରିଡ଼ା)



ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ଡାକ୍ତର ଦିପ୍ତିମୟୀ ପଟ୍ଟନାୟକ (୨୮)ଙ୍କର ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏ ନେଇ ଏକ ସ୍ମୃତି ସଭା କରାଯାଇଛି। ସୂଚନାନୁଯାୟୀ, କିଛି ଦିନ ହେବ ଡାକ୍ତର ଦିପ୍ତିମୟୀ ଅସୁସ୍ଥ ଥିଲେ। ସେ ଗତ ଜୁଲାଇ୧ରେ ଛୁଟି ନେଇ ବିଶାଖାପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତି ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

### ନଦୀରୁ ମୃତଦେହ ଜବତ

ନବରଙ୍ଗପୁର, ୪।୭(ସଦାଶିବ ପ୍ରହରାଜ)

ଶୌଚ ହେବାବେଳେ ଟୁରୀ ନଦୀରେ ଭାସି ଯାଇଥିବା ନବରଙ୍ଗପୁର ଜିଲା ବଡମସିଗାଁର ପଦମ୍ ଭତରା(୩୮)ଙ୍କ ମୃତଦେହ ଶୁକ୍ରବାର ଅଗ୍ନିଶମ ବାହିନୀ ଜବତ କରିଛନ୍ତି। ଏ ନେଇ କୋଡ଼ିଙ୍ଗା ପୋଲିସ ୯/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ ପଦମ ଗୁରୁବାର ନଦୀକୁ ଶୌଚ ହେବାକୁ ଯାଇଥିଲେ। ଲଗାଣ ବର୍ଷାରେ ପାଣି ଅଧିକ ଥିଲା। ଗୋଡ଼ ଖସିଯିବାରୁ ପଦମ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନଦୀରେ ଅତ୍ୟଧିକ ପାଣି ଓ ଅନ୍ଧାର ଯୋଗୁ ତାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଶୁକ୍ରବାର ଘଟଣାସ୍ଥଳରୁ ୨ କି.ମି. ଦୂରରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୁଣି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିଲା।

### ମହିଳାଙ୍କଠାରୁ ଭ୍ୟାନିଟି, ମୋବାଇଲ ଲୁଟ୍

ସୁନାବେଡ଼ା,୪।୭(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ହାଲ୍ ସୁରକ୍ଷା କର୍ମୀ ପି.ଏଲ.କରଙ୍କ ସ୍ତ୍ରୀ ଆରତୀ କରଙ୍କ ଭ୍ୟାନିଟି ବ୍ୟାଗ ସହ ମୋବାଇଲ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଝାମ୍ପି ନେଇଥିବା ସୁନାବେଡ଼ା ଥାନାରେ ଅଭିଯୋଗ ହୋଇଛି। ରଥଯାତ୍ରାର ଶେଷଦିନ ଥିବାରୁ ଆରତୀ ହାଲ ଓପନ ଏୟାର୍ ପେଣ୍ଡାଲ ମିନା ବଜାର ବୁଲିବାକୁ ଯାଇଥିଲେ। ଭିଡ଼ର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କଠାରୁ ବ୍ୟାଗ୍ ଓ ମୋବାଇଲ ଝାମ୍ପି ନେଇଥିଲେ। ଏ ନେଇ ସେ ନିକଟରେ ଥିବା ହାଲ୍ ଟାଉନଶିପ୍ ସୁରକ୍ଷା କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହା ପରେ ଦାୟିତ୍ୱରେ ଥିବା ଅଧିକାରୀ ସୁନାବେଡା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସୁନାବେଡା ଥାନା ଏଏସଆଇ ଉଷାରାଣୀ ବେହେରା ଓ ସହକର୍ମୀ ପହଞ୍ଚି ତଦନ୍ତ କରୁଛନ୍ତି।

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୪।୭(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଡାଙ୍ଗରା ଗ୍ରାମର ରଘୁନାଥ ହରିଜନ(୪୨)। ହରଡାପୁଟ ଛକରେ ଚଢାଉ କରି ୧୨ ଲିଟର ଦେଶୀ ମଦ ଓ ସ୍କୁଟିକୁ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦଉ ସୂଚନା ଦେଇଛନ୍ତି।

# ସରିଲା କେକେ ଲାଇନ୍‌ରୁ ମାଟି ଅତଡ଼ା ଉଠା କାର୍ଯ୍ୟ

**ଚଳାଚଳ କଲା ମାଲବାହୀ, ୬ରୁ ଚାଲିବ ଯାତ୍ରୀବାହୀ ଟ୍ରେନ୍**

କୋରାପୁଟ,୪।୭(ଅମିତାଭ ବେହେରା)



ରେଳ ଲାଇନ୍‌ରୁ ଜେସିବି ଦ୍ୱାରା ମାଟି କଢ଼ାଯାଉଛି।

କୋରାପୁଟ-କିରାଣ୍ଡୁଳ(କେକେ) ଲାଇନ୍ ଜରଟି ଗ୍ରାମ ନିକଟ ରେଳ ଧାରଣାରେ ପାହାଡ଼ରୁ ଖସିଥିବା ମାଟି ଅତଡ଼ା ଉଠା କାର୍ଯ୍ୟ ଶୁକ୍ରବାର ଅପରାହ୍ନରେ ଶେଷ ହୋଇଛି। ଏ ନେଇ ରାୟଗଡା ରେଲୱେ ଡିଭିଜନର ଡିଭିଜନାଲ ମ୍ୟାନେଜର ଅମିତାଭ ସିଙ୍ଗଲ ସୂଚନା ଦେଇଛନ୍ତି। ୨ ଦିନ ଧରି ଉଦ୍ଧାର କାର୍ଯ୍ୟରେ ୧୬ରୁ ଊର୍ଦ୍ଧ୍ୱ ପୋକ୍‌ଲିନ ସମେତ ରେଳ ବିଭାଗର ୩ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରି ରେଳ ଧାରଣାରୁ ୨୫୦୦୦ କ୍ୟୁବିକ ମିଟର ମାଟି ଓ ପଥରକୁ ଉଠାଇବା ପରେ ମାଲବାହୀ ଟ୍ରେନ୍ ଚଳାଚଳ କରିଥିଲା। ୬ ତାରିଖରୁ ଏହି ରୁଟ୍‌ରେ ହୀରାଖଣ୍ଡ ଏକ୍ସପ୍ରେସ୍ ଓ ରାଉରକେଲା ଏକ୍ସପ୍ରେସ୍ ଚଳାଚଳ କରିବ। ୭ ତାରିଖରୁ ସମଲେଶ୍ୱର ଏକ୍ସପ୍ରେସ୍ ଚଳାଚଳ କରିବ ବୋଲି ରେଲୱେ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ କୋରାପୁଟ- କିରାଣ୍ଡୁଳ ଲାଇନର ଜରଟି ଓ ମାଳିଗୁଡା ଷ୍ଟେଶନ ମଧ୍ୟରେ ଏକ ପାହାଡରୁ ମାଟି ଅତଡା ଖସି ଏହି ରୁଟ୍‌ର ସମସ୍ତ ଟ୍ରେନ ଚଳାଚଳ ବନ୍ଦ ରହିଥିଲା।

# ଭାଜପା ରାଜ୍ୟ ଓବିସି ସଭାପତିଙ୍କ କୋରାପୁଟ ଗସ୍ତ

କୋରାପୁଟ,୪।୭(ଅମିତାଭ ବେହେରା)

**ବିଭିନ୍ନ ସମସ୍ୟା ସମାଧାନ ନେଇ ଆଲୋଚନା**

ଭାଜପା ରାଜ୍ୟ ଓବିସି ସଭାପତି ସୁରଥ ବିଶ୍ୱାଳ ଶୁକ୍ରବାର କୋରାପୁଟ ଗସ୍ତ କରିଛନ୍ତି। ସହରର ଓବିସି ଜନତାଙ୍କ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସେ କୋରାପୁଟ ପୌର ପରିଷଦ ଅଞ୍ଚଳର ବନଭାରତୀ କଲୋନୀରେ ଓବିସି ବର୍ଗର ମହିଳା ଓ ପୁରୁଷମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ଦିନ ଧରି ସେହି ସ୍ଥାନରେ ବସବାସ କରୁଥିଲେ ସୁଦ୍ଧା ସେମାନଙ୍କୁ ପଟ୍ଟା ନ ମିଳିବା, ଆବାସ ଯୋଜନା, ଜାତିଗତ ପ୍ରମାଣପତ୍ରରୁ ବଞ୍ଚିତ ହେବା, କେତେକ ବ୍ୟକ୍ତିଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତା ଆଦି ମିଳି ନ ଥିବା ଅଭିଯୋଗ ହୋଇଥିଲା। ସମସ୍ୟା ଆଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସମ୍ପାଦକ ଜ୍ଞାନଜିତ ସ୍ୱାଇଁ, ଜିଲା ସଭାପତି ଟଙ୍କଧର ବିଷୋୟୀ, ଉପସଭାପତି ନକୁଳ ବିଷୋୟୀ, ସମ୍ପାଦକ ରବିପାଢୀ, ବୁଥ ସଭାପତି କବିରାଜ ପରିଡା, କୈଳାସ ମହାରଣା ଓ ବହୁ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ୱାଇ. ସତ୍ୟନାରାୟଣ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଓବିସି ସଭାପତି ଓ ଅନ୍ୟମାନେ।

### ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କ ଅକାଳ ବିୟୋଗ

ପଟ୍ଟାଙ୍ଗି,୪।୭(ଶରତ କୁମାର ଧଳ)



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଗଦାଧର ସ୍ୱାଇଁଙ୍କ ଗୁରୁବାର ରାତିରେ ଅକାଳ ବିୟୋଗ ହୋଇଛି। ସେ ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟରେ ୧୯୭୩ ଜାନୁଆରୀରେ ଏଆର୍‌ଆଇ ଭାବେ ନିଯୁକ୍ତି ପାଇଥିଲେ। କୋଟିଆ ପଞ୍ଚାୟତର ରାଜସ୍ୱ ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ୨୦୧୧ରେ ଚାକିରୀରୁ ଅବସର ନେଇଥିଲେ। ଏହା ପରେ ମଧ୍ୟ ସେ କୋଟିଆ ପଞ୍ଚାୟତକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ବିବାଦରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। କିଛି ଦିନ ହେବ ସେ ଅସୁସ୍ଥ ରହିଥିଲେ। ସେ କୋଟିଆ ରଥଯାତ୍ରାରେ ଯୋଗଦେଇ ବହୁଡ଼ାରେ ନିଜ ଗ୍ରାମକୁ ଫେରିବାକୁ ଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ବିଧାୟକ ରାମଚନ୍ଦ୍ର କାଡାମ୍, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ା ଓ ବଳରାମ ବାରିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ବ୍ଲକ୍‌ର ଯୁବଗୋଷ୍ଠୀ ବିଭୁତି ଧଳ, ସନ୍ତୋଷ ମହାପାତ୍ର, ଶରତ କୁମାର ଧଳ,ବାବୁନି ଷଡ଼ଙ୍ଗୀ,ସୁଜିତ୍ ଚୌଧୁରି, କୋଟିଆ ପଞ୍ଚାୟତର ପୂର୍ବତନ ଜିଆର୍‌ଏସ୍ ଭୌମ୍ୟ ନାୟକ ପ୍ରମୁଖ ତାଙ୍କ ମରଶରୀରକୁ ନିଜସ୍ୱ ଗ୍ରାମକୁ ପଠାଇଥିଲେ।

### ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ଲମତାପୁଟ,୪।୭(ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ସଦର ମହକୁମା ମଣିପୁର ଘାଟିରେ ଏକ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭୂମି ପୂଜା କରାଯାଇଛି। ଲମତାପୁଟ ସଦରରେ ବହୁ ବର୍ଷ ହେବ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଚେଷ୍ଟା ଚାଲିଥିଲା କିନ୍ତୁ ହୋଇପାରୁନଥିଲା। ଲମତାପୁଟରେ ମନ୍ଦିର ନିର୍ମାଣ ପାଇଁ ଆଲୋଚନା ହେବା ପରେ ଅଞ୍ଚଳର କୀର୍ତ୍ତନ ମଣ୍ଡଳୀ ଗତ ସପ୍ତାହରେ ମାଲକାନଗିରି ଜିଲା ସପ୍ତଧାରା ନଦୀରୁ ଶାଳଗ୍ରାମ ସଂଗ୍ରହ କରିଥିଲେ। ମନ୍ଦିର ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇ ପୁରୋହିତମାନଙ୍କୁ ନେଇ ବାସ୍ତୁ କଢ଼ାଯାଇଥିଲା। ଭୂମି ପୂଜାରେ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ମୁଖ୍ୟ ଡାକଘର ଛାତରୁ ଗଳୁଛି ପାଣି

ଜୟପୁର,୪।୭(ପବନ ପାଣିଗ୍ରାହୀ)

**ଗ୍ରାହକଙ୍କ ସମେତ କର୍ମଚାରୀ ହନ୍ତସନ୍ତ**

କୋରାପୁଟ ଜିଲା ଜୟପୁର ମୁଖ୍ୟ ରାସ୍ତାରେ ରହିଛି ଜୟପୁର ମୁଖ୍ୟ ଡାକଘର। ଦୀର୍ଘ ୬୦ ବର୍ଷ ଧରି ଏହି ଡାକଘର ଲୋକଙ୍କ ସେବାରେ ରହିଛି। ଦିନକୁ ଦିନ କୋଠା ବିପଦସଙ୍କୁଳ ହେବାରେ ଲାଗିଛି। ଡାକଘର କୋଠା ଛାତରୁ ନିୟମିତ ପାଣି ଗଳୁଛି। ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି ରଡ୍ ବାହାରକୁ ଦେଖାଯାଉଛି। ଡାକଘର ପରିସରରେ ପାଣି ଜମି ଶୋଚନୀୟ ହୋଇପଡୁଛି। ଡାକଘର ମଧ୍ୟରେ ପାଣି ଜମା କରବା ପାଇଁ ୨ଟି ବେସିନ ରଖାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାହକ ଓ କର୍ମଚାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ମରାମତି କରିବାକୁ ଦାବି ହୋଇଛି।

ସୂଚନାନୁଯାୟୀ, ଜୟପୁର ମୁଖ୍ୟ ଡାକଘର ଅଧୀନରେ ୪୨ ସବ୍ ପୋଷ୍ଟ ଅଫିସ୍ ଓ ୫ଶହରୁ ଅଧିକ ଶାଖା ପୋଷ୍ଟ ଅଫିସ ରହିଛି। ଏହି ମୁଖ୍ୟ ଡାକଘରେ ୬୦ରୁ ଅଧିକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏବେ ଜୟପୁର ସହରରେ ୫ ଦିନ ହେବ ବର୍ଷା ଲାଗି ରହିଛି। ବର୍ଷାଦିନ ଆସିଲେ କର୍ମଚାରୀମାନେ ନିଜ ନିଜ ଟେବୁଲରେ ବସି କାମ କରିବା କଷ୍ଟସାଧ୍ୟ ହୋଇପଡୁଛି। ଗ୍ରାହକମାନେ ଡାକଘରକୁ ଆସିବା ସମୟରେ ଛାତରୁ ପାଣି ପଡୁଥିବା ଦେଖି ବିରକ୍ତି ପ୍ରକାଶ କରୁଛନ୍ତି। ଏନେଇ ପୋଷ୍ଟମାଷ୍ଟରଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏ ନେଇ ପୋଷ୍ଟମାଷ୍ଟର ଶ୍ରୀରାମ ଚନ୍ଦ୍ରଙ୍କ ପଚାରିବାରୁ ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଆଗାମୀ ଦିନରେ ଏହାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିବା ସେ କହିଛନ୍ତି।

# ରାସ୍ତାକଡ଼ରେ ଗାଡ଼ି ପାର୍କିଂକୁ ନେଇ ପ୍ରଶାସନର ତାଗିଦା



ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉଛି।

ସୁନାବେଡ଼ା/ସେମିଳିଗୁଡ଼ା,୪।୭ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ପୌର ପରିଷଦ ଅଧୀନ ସେମିଳିଗୁଡ଼ା ରାଜପଥର ଉଭୟ ପାର୍ଶ୍ୱରେ ରାସ୍ତା ଅବରୋଧ ସହ ବେଆଇନ ଗାଡ଼ି ପାର୍କିଂକୁ ନେଇ ପୌର, ରାଜସ୍ୱ ଓ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ଚଢ଼ାଉ କରାଯାଇଛି। ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ କଡ଼ରେ ବ୍ୟବସାୟ କରୁଥିବା ଉଠାଦୋକାନୀ ଏବଂ ରାସ୍ତାକଡ଼ରେ ଗାଡ଼ି ପାର୍କିଂ କରୁଥିବା ଗାଡ଼ି ମାଲିକ ଓ ନିଜସ୍ୱ ପାର୍କିଂ ନ ଥିବା ମଲ୍ ସହ ବ୍ୟବସାୟ ପ୍ରତିଷ୍ଠାନ ଆଗରେ ପାର୍କିଂକୁ ନେଇ ତାଗିଦା କରାଯାଇଛି। ଏଥିସହ ମଲ୍ କର୍ତ୍ତୃପକ୍ଷଙ୍କୁ ରାସ୍ତା କଡ଼ରେ ଗାଡ଼ି ପାର୍କିଂ ନ କରିବାକୁ ପରାମର୍ଶ ଦେବା ସହ ଜନସାଧାରଣଙ୍କୁ ସଚେତନ କରିଥିଲେ। ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି,ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା, ସୁନାବେଡ଼ା ଥାନା ଅଧିକାରୀ ସୁଷମା କୁହଁର, ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଜୁରଙ୍କ ସମେତ ରାଜସ୍ୱ, ପୌର ଓ ପୋଲିସ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ପୌର ପ୍ରଶାସନ ସୁନାବେଡ଼ା ଓ ସେମିଳିଗୁଡ଼ା ସହର ଦେଇ ଯାଇଥିବା ରାସ୍ତାକଡ଼ରୁ ବ୍ୟବସାୟ ସ୍ଥଳ ଏବଂ ଗାଡ଼ି ପାର୍କିଂକୁ ତୁରନ୍ତ ଖାଲି କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ରାଜପଥର ଉଭୟ ପାର୍ଶ୍ୱରେ ବହୁ ଉଠାଦୋକାନ ଥିବାରୁ ଯାନ ବାହାନଗୁଡ଼ିକର ଅବାଧ ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେବା ସହ ଦୁର୍ଘଟଣା ଘଟୁଥିଲା। ତେଣୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

# ଏମ୍‌ପି, ବିଧାୟକଙ୍କ ଦ୍ୱାରା ବିଜ୍ଞାନ ପରୀକ୍ଷାଗାର ଉଦ୍‌ଘାଟିତ


ଏମ୍‌ପି, ବିଧାୟକ ବିଜ୍ଞାନ ପରୀକ୍ଷାଗାର ଉଦ୍‌ଘାଟନ କରୁଛନ୍ତି।

ଚିତ୍ରକୋଣ୍ଡା, ୪।୭ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ବିଜ୍ଞାନ ପରୀକ୍ଷାଗାର ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ଏବଂ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ପରୀକ୍ଷାଗାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ଉପସ୍ଥିତ ରହିଥିଲେ। ପରେ ଏମ୍‌ପି ଆଦିବାସୀ ଭାଇ ଭଉଣୀଙ୍କ ବିକାଶ ସକାଶେ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ମାଲକାନଗିରି ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଚିତ୍ରକୋଣ୍ଡା ବିଡ଼ିଓ ପ୍ରୀତା କୁମାର, ତହସିଲଦାର ନଟବର ଗରଡ଼ା ଏବଂ ଭାଜପା ମଣ୍ଡଳ ସଭାପତି ହେମନ୍ତ ସଗରିଆ ଉପସ୍ଥିତ ରହିଥିଲେ।

# କୁମୁଡ଼ାପୁଟ-ପାଙ୍ଗିପୁଟ ରାସ୍ତା ମରଣଯନ୍ତା

ନନ୍ଦପୁର,୪।୭(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ବିଲାପୁଟ ପଞ୍ଚାୟତ କାକୁଆ ୱାର୍ଡ ଅନ୍ତର୍ଗତ କୁମୁଡ଼ାପୁଟଠାରୁ ଟାଙ୍ଗୁଲୁପୁଟ, ମାରିପୁଟ ଦେଇ ପାଙ୍ଗିପୁଟ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଲଘୁଚାପଜନିତ ବର୍ଷା କାରଣରୁ ମାଟିରାସ୍ତା କାଦୁଅମୟ ହୋଇଛି। ରାସ୍ତାରେ ଚାଲିବାରେ କଷ୍ଟକର ହେଉଥିବା ବେଳେ ଦୁଇ ଓ ତିନିଚକିଆ ଯାନ କାଦୁଅରେ ଫସିଯାଉଥିବା ଦେଖିବାକୁ ମିଳିଛି। ବିଲାପୁଟ ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନକୁ ଉକ୍ତ ରାସ୍ତାକୁ ପକ୍କା କରିବା ନେଇ ବାରମ୍ବାର ଅନୁରୋଧ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ୩ ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ନନ୍ଦପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉକ୍ତ ପଞ୍ଚାୟତ ଓ ବ୍ଲକ୍ ଦ୍ୱାରା ନିର୍ମିତ ରାସ୍ତାକୁ ପକ୍କା କରିବାକୁ ବ୍ଲକ୍ ପକ୍ଷରୁ ଆର୍‌ଡି ବିଭାଗକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ସୁନାବେଡା ଆରଡି ବିଭାଗ ଯନ୍ତ୍ରୀ ଜୟନ୍ତ କୁମାର ସାହୁଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ସର୍ବେକ୍ଷଣ କରାଯାଇ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମଞ୍ଜୁରୀ ପାଇଁ ପଠାଯାଇଥିବା କହିଛନ୍ତି। ମଞ୍ଜୁରୀ ମିଳିଲେ ରାସ୍ତା ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ୪ ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ନିର୍ମାଣ ପାଇଁ ସରକାର ଧ୍ୟାନ ଦିଅନ୍ତୁ ବୋଲି କୁମୁଡ଼ାପୁଟ, ଟାଙ୍ଗୁଲୁପୁଟ, ମାରିପୁଟ ଓ ପାଙ୍ଗିପୁଟ ବାସିନ୍ଦା କହିଛନ୍ତି।


ରାସ୍ତାରେ ବର୍ଷା ପାଣି ଜମି କାଦୁଅ ହୋଇରହିଛି।

# ଉତ୍କଳ ସମ୍ମିଳନୀ କୋରାପୁଟ ଶାଖା ନିର୍ବାଚନ

ଜୟପୁର,୪।୭ (ପବନ ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖାର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ଯାଦବ ଭବନରେ ବୈଠକ କରାଯାଇଛି। କେନ୍ଦ୍ରୀୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ରଙ୍କ ପରାମର୍ଶରେ ଏହି ନିର୍ବାଚନରେ ମାଲକାନଗିରି ଶାଖା ସଭାପତି ରଞ୍ଜନ କୁମାର ସ୍ୱାଇଁ ପର୍ଯ୍ୟବେକ୍ଷକଭାବେ ଯୋଗ ଦେଇଥିଲେ। ମୁଖ୍ୟ ପରାମର୍ଶଦାତା ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ମନୋନୀତ କରାଯାଇଛି। ପୂର୍ବତନ କେନ୍ଦ୍ରୀୟ ସଭାପତି ବିନୋଦ ମହାପାତ୍ର ଓ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ପରାମର୍ଶଦାତା ଚୟନ କରାଯାଇଛି। ସଭାପତି ମଦନ ମୋହନ ନାୟକ, କାର୍ଯ୍ୟକାରୀ ସଭାପତି ଗୁପ୍ତେଶ୍ୱର ଦଣ୍ଡସେନା, ଉପସଭାପତି କୃଷ୍ଣଚନ୍ଦ୍ର ନେପାକ ଓ ରାଜେନ୍ଦ୍ର ଗୌଡ଼, ସାଧାରଣ ସମ୍ପାଦକ ନବୀନ ମାଦଳା, ସଙ୍ଗଠନ ସମ୍ପାଦକ କବିରାଜ ପରମେଶ୍ୱର ପାତ୍ର, ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ସୂତାର ଓ ନବକୃଷ୍ଣ ରଥ, କୋଷାଧ୍ୟକ୍ଷ ନରେଶ ମହାଙ୍କୁଡଙ୍କୁ ମନୋନୀତ କରାଯାଇଛି। ନିର୍ବାଚନରେ ରାଜ୍ୟ ପରିଷଦ ପାଇଁ ବିରେନ ପଟ୍ଟନାୟକ, ନରେନ୍ଦ୍ର ମହାନ୍ତି, ସୂର୍ଯ୍ୟନାରାୟଣ ରଥ, ବାଲା ରାୟ, ଦେବେନ୍ଦ୍ର ବାହାନୀପତି, ଡ.ସୁରେଶ ଦାସ, ଦୁର୍ଗାଶଙ୍କର ସାହୁ, ହରିହର କରସୁଧା ପଟ୍ଟନାୟକ, ପ୍ରମୋଦ ଦାସ, ସମର କେଶରୀ ବାରିକ ମନୋନୀତ ହୋଇଛନ୍ତି। ଜିଲା କାର୍ଯ୍ୟକାରିଣୀ ଆଇନଜୀବୀ ବିଷ୍ଣୁପ୍ରସାଦ ପାତ୍ର, ବୈଦ୍ୟନାଥ ମିଶ୍ର, କୃଷ୍ଣଚନ୍ଦ୍ର ହୋତା, ଶୁଭେନ୍ଦୁ ବ୍ରହ୍ମା, ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ମୀନକେତନ ପରିଚ୍ଛା, ପ୍ରଫୁଲ୍ଲ ଦାସ, କୃଷ୍ଣକେଶବ ଷଡ଼ଙ୍ଗୀ, କେଦାରନାଥ ବେହେରା, ମହମ୍ମଦ ହାସନ ମଦାନୀ, ନିହାର ବିଷୋୟୀ, ଚନ୍ଦ୍ରମଣି ବାରିକ, ଡା. ସୁଦର୍ଶନ ଗୌଡ଼, ଗାୟତ୍ରୀ ଦେବୀ, ଗିରିଧର ଖରା, ହରିଶ୍ଚନ୍ଦ୍ର ମୁଦୁଲି, ନିଶାନ ପଟ୍ଟନାୟକ, ତେଜେଶ୍ୱର ପଣ୍ଡା, ଶଶୀଧର ରାଉତ, ଭବାନୀ ମିଶ୍ର, ଶରତ ନାୟକ, ଶରତ ଧଳ, ତ୍ରିନାଥ ଖରା, ଜଳେନ୍ଦ୍ର ତ୍ରିପାଠୀ ଓ ନରସିଂହ ବ୍ରହ୍ମାଙ୍କୁ ମନୋନୀତ କରାଯାଇଛି।

# ରାଇପାହାଡ଼ର ବିକାଶ ନେଇ ପ୍ରଶାସନ ତତ୍ପର

ନନ୍ଦପୁର,୪।୭(ତୁଷାର କାନ୍ତ ମହାନ୍ତି)

**■ ଧରିତ୍ରୀ ପ୍ରଭାବ**
**■ ଡିଏମଏଫ୍ ପାଣ୍ଠିରୁ ୧କୋଟି ୬୮ଲକ୍ଷ ୬୯ହଜାର ଟଙ୍କା ମଞ୍ଜୁର**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ସୀମାନ୍ତ ଗ୍ରାମ ରାଇପାହାଡ଼ର ବିକାଶ ପାଇଁ ଜିଲା ଓ ରାଜ୍ୟ ପ୍ରଶାସନ ତତ୍ପରତା ଦେଖାଇଛନ୍ତି। ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଡିଏମଏଫ୍(ଖଣିଜ) ପାଣ୍ଠିରୁ ୧ କୋଟି ୬୮ ଲକ୍ଷ ୬୯ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ନିର୍ମାଣକାରୀ ସଂସ୍ଥା ସୁନାବେଡ଼ା ଆରଡି ବିଭାଗ ପକ୍ଷରୁ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଶୀଘ୍ର ଡୁମୁରିଗୁଡା ପ୍ରଧାନମନ୍ତ୍ରୀ ସଡ଼କଠାରୁ ରାଇପାହାଡ଼ ଗ୍ରାମ ଯାଏ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଓ୍ୱାସନ ସୂଚନା ଦେଇଛନ୍ତି। ସୂଚନା ଯେ, କେନ୍ଦ୍ରୀୟ ଆବାସ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜଙ୍ଗଲ ଜମିପଟ୍ଟା, ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଓ ପାଣି ଆଦି ସୁବିଧା ଦେଇ ଆନ୍ଧ୍ର ପ୍ରଦେଶ ରାଇପାହାଡ଼ ଗ୍ରାମକୁ ନିଜର ବୋଲି କହି ଅକ୍ତିଆର କରିଥିଲା। ଦ୍ୱିପାକ୍ଷିକ ଆଲୋଚନା ପରେ ଆନ୍ଧ୍ର ସରକାରଙ୍କ ସମସ୍ତ ସରକାରୀ ଯୋଜନା ରାଇପାହାଡ଼ରେ ଲୁଚା ଚୋରାରେ ଜାରି ରଖିଥିଲା। ନନ୍ଦପୁର ବ୍ଲକ, କୋରାପୁଟ ଜିଲା ଓ ରାଜ୍ୟ ପ୍ରଶାସନ ନୀରବତା ଅବଲମ୍ବନ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କୋରାପୁଟ ଜିଲା ଓ ରାଜ୍ୟ ପ୍ରଶାସନ ରାଇପାହାଡ଼ ଗ୍ରାମର ବିକାଶ ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଗ୍ରାମକୁ ପକ୍କା ସଡ଼କ ନିର୍ମାଣ ପାଇଁ ଖଣିଜ ପାଣ୍ଠିରୁ ୧୬୮୬୯୦୦୦ ଟଙ୍କା ମଞ୍ଜୁର କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇଛି। ଗୋଲୁର ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ସାବିତ୍ରୀ ବୁରୁଡ଼ି, ସମିତିସଭ୍ୟ ଲକ୍ଷ୍ମୀ ମାଟାମ, ସାମାଜିକକର୍ମୀ ବିରଞ୍ଚି ମାଟାମ, ସମସ୍ତ ୱାର୍ଡ ସଭ୍ୟଙ୍କ ସମେତ ରାଇପାହାଡ଼ ଗ୍ରାମବାସୀ ଧରିତ୍ରୀ ଖବରକାଗଜ ସମେତ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପ୍ରଶଂସା କରିଛନ୍ତି। ରାସ୍ତା ନିର୍ମାଣ, ଗ୍ରାମର ଅନ୍ୟ ବିକାଶ କାର୍ଯ୍ୟ ଯଥା ସମସ୍ତ ପରିବାରକୁ ଆବାସ, ଆନ୍ଧ୍ର ବିଦ୍ୟୁତ୍ ହଟାଇ ଓଡ଼ିଶା ବିଦ୍ୟୁତ୍ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଭତ୍ତା ଓ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ତହସିଲଦାର ଦେବବ୍ରତ ମହାରଣା ସୂଚନା ଦେଇଛନ୍ତି।


ରାଇପାହାଡ଼ ଗ୍ରାମ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### Birthday Wish



**Arshit (Gunu)**
IRC Village, Bhubaneswar
"You deserve all the happiness in the world.
Happy Birthday!"
Jay Jagannath
Family Friends,
D-1162

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଜମି ବିକ୍ରି ଆଳରେ ୫୦ଲକ୍ଷ ଠକେଇ

## ଜେଲ୍ ଗଲେ ଦମ୍ପତି

ବାଲେଶ୍ୱର,୪।୭(ବାଞ୍ଛାନିଧି ଦେ)

ଜଣେ ପୂର୍ବତନ ସେନା କର୍ମଚାରୀଙ୍କୁ ଜମି ବିକ୍ରି କରିବା ଆଳରେ ୫୦ ଲକ୍ଷ ଠକେଇ ଅଭିଯୋଗରେ ଅଭିଯୁକ୍ତ ଦମ୍ପତିଙ୍କୁ ଜେଲ ଯିବାକୁ ପଡ଼ିଛି। ଟଙ୍କା ନେଇ ୪ମାସ ଏଣେତେଣେ ଲୁଚିବା ପରେ ଶେଷରେ ପୋଲିସ ହାତରେ ଧରାପଡ଼ିଛନ୍ତି। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ। ଗିରଫ ଦମ୍ପତି ହେଲେ ମାକଲପୁର ଗ୍ରାମର ହରିହର ସାହୁ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା।

ଅଭିଯୋଗ ଅନୁଯାୟୀ, ଟାଉନ ଥାନା ଅଧୀନ ଦେୱାନପାଟଣା ଗ୍ରାମର ପୂର୍ବତନ ସେନା କର୍ମଚାରୀ ବିନୋଦ କୁମାର ବେହେରାଙ୍କୁ ଜମି ବିକ୍ରି କରିବେ କହି ହରିହର ଓ ସଂଯୁକ୍ତା ବିଭିନ୍ନ କିସ୍ତିରେ ୫୦ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଜମି ରେଜେଷ୍ଟ୍ରି ନ କରି ଦିନ ଗଡ଼େଇ ଚାଲିଥିଲେ। ଏହାପରେ ଅଭିଯୋଗକାରୀଙ୍କ ସନ୍ଦେହ ଉପୁଜିଥିଲା। ସେ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ଟଙ୍କା ଫେରାଇ ନ ଥିଲେ ଦମ୍ପତି। ଗତ ମାର୍ଚ୍ଚ ମାସରେ ସେନା କର୍ମଚାରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୮୩/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସେବେଠାରୁ ଦମ୍ପତି ଘର ଛାଡ଼ି ଫେରାର ହୋଇଯାଇଥିଲେ। ଗୁରୁବାର ଅଭିଯୁକ୍ତ ଦମ୍ପତି ଘରେ ଥିବା ଖବର ପାଇ ଥାନା ଆଇଆଇସି ବିଜୟ କୁମାର ଦାସ ସଦଳବଳେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲେ। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ଛୁରାମାଡ଼ରେ ଯୁବକ ଗୁରୁତର

ଆସିକା,୪।୭(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଛୁରାମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କୋଟିନଡ଼ା ଥାନା ଅନ୍ତର୍ଗତ ବାବନପୁର ଗ୍ରାମର ହିମାଂଶୁ ଶେଖର ଦାଶ (୩୫)। ତାଙ୍କ ପେଟର ବାମପାର୍ଶ୍ୱରେ ଆଘାତ ଲାଗିଥିବା ବେଳେ ବାମହାତରେ ମଧ୍ୟ ଏକାଧିକ ସ୍ଥାନରେ ଛୁରାଘାତ ହୋଇଛି। ମୁମୂର୍ଷୁ ଅବସ୍ଥାରେ ହିମାଂଶୁଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ହିମାଂଶୁ ଓ ଅଭିଯୁକ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ପରିସ୍ଥିତି ଉଗ୍ର ରୂପ ନେଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଏ ନେଇ ଆସିକା ଥାନାରେ ନଂ.୪୧୧/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି।

# ଶ୍ୱଶୁର ଆଗରେ ଜ୍ୱାଇଁଙ୍କ ଆତ୍ମହତ୍ୟା ଉଦ୍ୟମ

## ବ୍ଲେଡ୍‌ରେ ବେକ କାଟି ବାଇକ୍‌ରେ ମେଡିକାଲ ଗଲେ

ବ୍ରହ୍ମପୁର,୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ଅଞ୍ଚଳର ଜଣେ ଯୁବକ ଶୁକ୍ରବାର ନିଜ ଶ୍ୱଶୁରଘର ଆଗରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପାରିବାରିକ କଳହରୁ ସ୍ତ୍ରୀ ବାପଘରେ ଥିବା ବେଳେ ଝିଅକୁ ଦେଖାଇବେନି ବୋଲି ମନା କରିବାରୁ ଯୁବକ ଜଣକ ବ୍ଲେଡ୍‌ରେ ନିଜ ବେକ କାଟି ଦେଇଥିଲେ। ସେ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଖାରବେଳ ନଗରରେ ରହୁଥିବା ଅଶୋକ କୁମାର ପାଣିଗ୍ରାହୀ। ବେକରୁ ରକ୍ତ ଝରୁଥିଲେ ମଧ୍ୟ ନିଜେ ବାଇକ୍‌ରେ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ଏହାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଆଧାରରେ ପୋଲିସ ଏକ ଷ୍ଟେଶନ ଡାଏରୀ କରି ଡାକ୍ତରଖାନାରେ ପହଞ୍ଚିଥିଲା। ଅଶୋକ ଏବେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଅଶୋକ ଜଣେ ଗାଡିଚାଳକ। ତାଙ୍କ ନାମରେ ଏକାଧିକ ମାମଲା ରହିଛି। ଗତ ମେ ୨୨ ତାରିଖରେ ନିମଖଣ୍ଡି ଥାନା ପୋଲିସ ତାଙ୍କୁ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ହେଲା ସେ ଜେଲରୁ ଜାମିନରେ ଆସିଥିଲେ। ଅନେକ ସମୟରେ ବିଭିନ୍ନ କାରଣକୁ ନେଇ ଅଶୋକ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଳହ ହେଉଥିଲା। ତେଣୁ ସ୍ତ୍ରୀ ଆସ୍କାରୋଡରେ ତାଙ୍କ ବାପଘରେ ରହୁଥିବା ଜଣାପଡିଛି।

# ୪ ହଜାର ଟଙ୍କା ପାଇଁ କାଠଫାଳିଆରେ ପିଟି ମାରିଥିଲେ

## ବଧାପୋଖରୀ ନିକଟରୁ ହିରଣ୍ୟଙ୍କ ମୃତଦେହ ଜବତ ଘଟଣା

ଖୋର୍ଦ୍ଧା,୪।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ଠେଙ୍ଗାହାଟ ବଧା ପୋଖରୀ ନିକଟ ରାସ୍ତାପାର୍ଶ୍ୱରୁ ଗତ ରବିବାର ଜଟଣୀ ବିକାଶ ନଗରର ହିରଣ୍ୟ ବେହେରା ଓରଫ ଗୁଡୁଙ୍କ ମୃତଦେହକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଜବତ କରିଥିଲା। ଏହି ଘଟଣାରେ ଶିଳ୍ପାଞ୍ଚଳ ପୋଲିସ ଦୁଇଭାଇ ଏବଂ ଏଥିରେ ସହଯୋଗ କରିଥିବା ଜଣେ ଭଣଜାଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଥାନା ପଦନପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ଭୀମରାଜ ମହାନ୍ତି ଓରଫ ଭୀମା (୩୮), ସୁରେଶ ମହାନ୍ତି(୩୬) ଏବଂ ଭଣଜା ଖୋର୍ଦ୍ଧା ସଦର ଥାନା ଦଧିମାଛଗାଡ଼ିଆର ବିକ୍ରମ ଦାସ(୨୮)। ସେମାନଙ୍କଠାରୁ ଏକ ଟାଟା ଏସିଇ(ଓଆର୍‌୦୨ ବିଇ ୫୬୧୧), ବାଇକ୍(ଓଆର୍‌୦୨ ବିଡବ୍ଲୁ ୯୮୯୫), ସ୍କୁଟର(ଓଡି୦୨ ସିସି ୯୫୨୮), ଅଟୋ (ଓଆର୍‌୦୨ ବିଏଚ୍ ୩୭୦୭), ଦୁଇଟି କାଠଫାଳିଆ ଏବଂ ମୃତକଙ୍କ ମୋବାଇଲ ଫୋନ ଜବତ କରାଯାଇଛି। ତେବେ ୪ ହଜାର ଟଙ୍କା ପାଇଁ ବଚସାରୁ ଅଭିଯୁକ୍ତ ଦୁଇଭାଇ ପଦନପୁରସ୍ଥିତ ଘର ଆଗରେ ହିରଣ୍ୟଙ୍କୁ କାଠଫାଳିଆରେ ପିଟି ହତ୍ୟା କରିବା ପରେ ବିଳମ୍ବିତ ରାତିରେ ଖୋର୍ଦ୍ଧା ଠେଙ୍ଗାହାଟ ବଧାପୋଖରୀ ନିକଟରେ ଫିଙ୍ଗି ଦେଇଥିଲେ। ଅଭିଯୁକ୍ତଙ୍କୁ ନେଇ ଘଟଣାର ସିନ୍ ରିକ୍ରିଏଶନ କରାଯାଇଛି। ଏକ ମାସ ମଧ୍ୟରେ ଫାଷ୍ଟଟ୍ରାକ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସାଗରିକା ନାଥ କହିଛନ୍ତି।

ସୂଚନା ମୁତାବକ, ହିରଣ୍ୟ ଏବଂ ଅଭିଯୁକ୍ତ ଭୀମା ରଙ୍ଗମିସ୍ତ୍ରି କାମ କରନ୍ତି। ହିରଣ୍ୟ ମିସ୍ତ୍ରି ଯୋଗାନ୍ତି ଏବଂ ଭୀମା ତାଙ୍କୁ ନେଇ କାମରେ ଲଗାନ୍ତି। ଏ ବାବଦକୁ ହିରଣ୍ୟ ତାଙ୍କଠାରୁ ୪ହଜାର ଟଙ୍କା ପାଇବାକୁ ଥିଲା। ଗତ ୨୮ତାରିଖ ଅପରାହ୍ନରେ ହିରଣ୍ୟ, ଭୀମା ଏବଂ ଅନ୍ୟ ଜଣେ ମିଶି ମଦ୍ୟପାନ କରିଥିଲେ। ହିରଣ୍ୟ ସେଠାରେ ୪ହଜାର ଟଙ୍କା ମାଗିଥିଲେ। ଭୀମା ତାଙ୍କୁ ୫ଶହ ଟଙ୍କା ଦେଇଥିଲେ। ହେଲେ ସେ ଆଉ ବଳକା ଟଙ୍କା ଦାବି କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ହୋଇଥିଲା। ହିରଣ୍ୟ ଉତ୍ତକ୍ଷିପ୍ତ ହୋଇ ଭୀମାଙ୍କ ଟାଟା ଏସିଇକୁ ନେଇ ସେଠାରୁ ପଳାଇଥିଲେ, ଟଙ୍କା ଦେଲେ ଫେରସ୍ତ କରିବେ ବୋଲି କହିଥିଲେ। ହିରଣ୍ୟ ଟାଟା ଏସିଇକୁ ଧରି ଜଟଣୀରେ ବୁଲାବୁଲି କରି ରାତି ପ୍ରାୟ ୮ଟାରେ ମୁଖ୍ୟ ଅଭିଯୁକ୍ତଙ୍କ ଘର ଆଗରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଅନ୍ୟତମ ଅଭିଯୁକ୍ତ ସୁରେଶ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ତେବେ ହିରଣ୍ୟ ସେମାନଙ୍କୁ ଜୀବନରେ ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ଭୀମା ଏକ କାଠଫାଳିଆରେ ହିରଣ୍ୟଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ହିରଣ୍ୟଙ୍କ ମୃତ୍ୟୁ ଘଟିଥିଲା।

# ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ

ବାଲେଶ୍ୱର,୪।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ରାଣୀପାଟଣାରେ ଶ୍ୱଶୁରଘର ପରିବାରଙ୍କ ସହ ରହୁଥିବା ଜ୍ୱାଇଁଙ୍କୁ ହତ୍ୟା କରାଯାଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଖନ୍ତାପଡ଼ା ଥାନା ବଗଲପୁର ଗ୍ରାମର ଦିବ୍ୟରଞ୍ଜନ ସାହୁ (୩୯)। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୨୨/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ଅଭିଯୋଗ ମୁତାବକ, ଦିବ୍ୟରଞ୍ଜନ ବିଏସ୍‌ଏଫ୍‌ରେ ଚାକିରି କରୁଥିଲେ। ବିବାହ ପରଠାରୁ ଶ୍ୱଶୁରଘର ସମ୍ପର୍କରେ ଥାଇ ରାଣୀପାଟଣାରେ ରହିଆସୁଥିଲେ। ଗୁରୁବାର ରାତିରେ ଦିବ୍ୟରଞ୍ଜନ ବିଷ ପିଇ ଆତ୍ମହତ୍ୟା କରିଥିବା ଶ୍ୱଶୁରଘର ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ମୃତକଙ୍କ ଭାଇ ସୌମ୍ୟରଞ୍ଜନ ତାଙ୍କ ଭାଇକୁ ଅର୍ଥ ଓ ଗାଡ଼ି ଲୋଭରେ ଶ୍ୱଶୁର ଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ଆଇଆଇସି ଅଜୟ କୁମାର ମୁର୍ମୁ କହିଛନ୍ତି।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ହେମଲତା ରଥ**
ବୀରରାମଚନ୍ଦ୍ରପୁର, ପୁରୀ
ବୋଉ, ଆମର ଅନନ୍ତ କୋଟି ପ୍ରମାଣ ସାଦରେ ଗ୍ରହଣ କରିବ। ତୁମର ସନ୍ତାନମାନଙ୍କୁ ସବୁବେଳେ କୃପା ଦୃଷ୍ଟିରେ ଚାହିଁଥିବ। ତୁମର ଶ୍ରାଦ୍ଧ ଦିବସରେ ତୁମ ପାଦତଳେ ଆମର ଏହି ଅଳି। ତୁମେ ଯେଉଁଠି ବି ଥାଅ ବହୁତ ଭଲରେ ଥାଅ ପ୍ରଭୁଙ୍କ ନିକଟରେ ଆମର ଏହି ପ୍ରାର୍ଥନା।
ଧ-୧୧୪୦



# Classified Everyday
0674-2580101, 9692975378



REAL ESTATE
SALE

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର 16 କିଲୋମିଟର ଚନ୍ଦନପୁରରୁ ନିରାକାରପୁର ରାସ୍ତା ପାଟେଲି ଗାଁ ପାଖରେ ମୁଖ୍ୟରାସ୍ତାକୁ ଲାଗି ଘରବାଡ଼ି PLOT ବର୍ଗଫୁଟକୁ 1050/- ଟଙ୍କା। 30ଫୁଟ ପକ୍କା ରାସ୍ତା ସହ ଅତିଶୀଘ୍ର ଘର କରିବାକୁ ବା INVEST ପାଇଁ ଉପଯୁକ୍ତ। CALL:- 9438220432/ 8144658008 D-1160


Pre Launch Booking open for 2BHK & 3BHK Residential flats At- Kalinga Nagar, Bhubaneswar, 7978751719/ 9124721060 D-71399

କଟକ – ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330. D-76276

ଭୁବନେଶ୍ୱର ଧଉଳିଛକ ପୁଷ୍ପକ ହୋଟେଲ ପଛପଟେ BDA Approved 3BHK Spacious Flat 85 ଲକ୍ଷ। Bank Loan ବା Installment ସୁବିଧା ଅଛି। ଯୋଗାଯୋଗ: 9438220432/ 8144658008 D-1161




Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391




Newly open spa positively health benefits (Expert therapist). Contact: 7749034655 D-76922

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue an affidavit sworn before Executive Magistrate, Dhenkanal, dated-24.06.2025, I, Shriya Naik, D/o. Bidyadhar Naik, PHD Colony, Ward No.- 5, Dhenkanal- 759001, Odisha, declare that I have changed my name from Sabita Naik to Shriya Naik. Hence, I shall be known as Shriya Naik for all purposes.
Shriya Naik
D-1159

By virtue of an affidavit sworn before Executive Magistrate, Khordha, dtd. on 4.7.2025, I, Maharaj Shashwata Chaitanya Brahmachari, C/o- Swami Brahmananda Saraswati, At- Raghunath Jew Math Kokasingh, P.O.- Kunjuri, P.S.- Sadar Khordha, Dist.-Khordha, PIN-752056 declare that I have changed my name from Srikanta Swain to Maharaj Shashwata Chaitanya Brahmachari. Henceforth, I shall be known as Maharaj Shashwata Chaitanya Brahmachari for all purposes. D-73591

By virtue of an affidavit sworn before Executive Magistrate, Talcher vide No.- 3641, dated 26.06.2025, I, Vijayalaxmi Sahoo, resident of Village/P.O.-Santarabandha, P.S.-Chhendipada, Dist.-Angul, PIN-759130 (Odisha), India, declare that I have changed my name from Bijaylaxmi Sahoo to Vijayalaxmi Sahoo. Henceforth, I shall be known as Vijayalaxmi Sahoo for all purpose.
Vijayalaxmi Sahoo
D-1166

By virtue of affidavit No.- 40AA986289, dtd.5.6.2025 before the Executive Magistrate, Hydrabad, I KRISHTAPPA, S/o- KAMMA THIMMAIAH, At- RTC Colony, Hindupur, Anantpur District.- 515201, Andhra Pradesh hereby declare that I have changed my name from KRISHTAPPA to KAMMA KRISTAPPA. Henceforth, I shall be known as KAMMA KRISTAPPA for all purposes. I further declare that in this regard earlier I have not been made any change in my name, that I am not involved in any litigation Civil or Criminal Cases.
K.KRISTAPPA
D-1163

By virtue of an affidavit No.- 27AA 459068 dtd.19.6.2025 sworn before Executive Magistrate, Bhubaneswar, I, Chandana Mohapatra, W/o- Santosh Kumar Hota, resident of VSS Nagar, P.S.- Saheed Nagar, Bhubaneswar-751007, Odisha declare that I have changed my name from CHANDANA MOHAPATRA to CHANDANA HOTA. Henceforth, I shall be known as Chandana Hota for all purposes.
Chandana Hota
D-1164

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

Letter No.-1081, Dt- 05.06.2025

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ରା.ସେ.) ଆଡିସନାଲ ରିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୨୨୭/୨୦୨୩

ଲୋପାମୁଦ୍ରା ରାଉତରାୟ ....ବାଦୀ/ଦରଖାସ୍ତକାରୀ
ବନାମ
ଶଶିକଳା ଚାନ୍ଦ ଓ ଅନ୍ୟମାନେ ..... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ:
୧. ମୁନା ରଣସିଂହ, ପିତା: ବିଦ୍ୟାଧର ରଣସିଂହ, ଠିକଣା: ସା/ପୋଷ୍ଟ- ଆଇଗିଣିଆ, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ଓଡିଶା ..... ପ୍ରତିବାଦୀ ନଂ୧୭ମ୍ବର
୨. ପଙ୍କଜିନୀ ବିଶ୍ୱାଳ, ସ୍ୱାମୀ-ପ୍ରଭାତ କୁମାର ବିଶ୍ୱାଳ, ଠିକଣା: ସା- ବରବାରୀ, ଜାଗମରା, ପୋଷ୍ଟ/ଥାନା-ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା-ଖୋର୍ଦ୍ଧା ... ପ୍ରତିବାଦୀ ନଂ୧୮ମ୍ବର
୩. ଗୀତାଞ୍ଜଳି ସାହୁ, ସ୍ୱାମୀ-ବିଷ୍ଣୁ ଚରଣ ସାହୁ, ଠିକଣା: ସା-ପାଟେଣୀ, ଥାନା/ଜିଲ୍ଲା-ଜଗତ୍‌ସିଂହପୁର । ... ପ୍ରତିବାଦୀ ନଂ୧୯ମ୍ବର

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଲୋପାମୁଦ୍ରା ରାଉତରାୟ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ୧୭,୧୮ ଓ ୧୯ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୧୭, ୧୮ ଓ ୧୯ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୧।୦୮।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା ଖୋର୍ଦ୍ଧା, ଥାନା-ଖଣ୍ଡଗିରି, ତହସିଲ-ଭୁବନେଶ୍ୱର, ମୌଜା-ଶଙ୍କରପୁର, ସବ୍-ରେଜିଷ୍ଟ୍ରାର ଅଫିସ-ଖଣ୍ଡଗିରି, ଭୁବନେଶ୍ୱର, ସାବିକ ଖାତା ନଂ୩୧୪ମ୍ବର, ସାବିକ ପ୍ଲଟ୍ ନଂ୪୭୪ମ୍ବରରେ ଥିବା ୧୦ ଗୋଟି ପ୍ଲଟ୍‌ରେ ଥିବା ଏରିଆ- ୪୪.୭୪୪ ଡିସିମିଲ ଯାହାର ହାଲ୍ ଖାତା ନଂ୧୬୧୯ମ୍ବର, ପ୍ଲଟ୍ ନଂ୨୬୧୮ମ୍ବର, ସମୁଦାୟ ଏରିଆ- ଏ୦.୯୩୭ ଡିସିମିଲରୁ ପଡ଼ା ଏରିଆ- ଏ୦.୧୦୦ ଡିସିମିଲ ସମ୍ବନ୍ଧ ଏରିଆ ଏ୦.୬୭୫ ଡିସିମିଲ, ସମ୍ବନ୍ଧ ଏ୧.୬୪୦ ଡିସିମିଲ। ପଶ୍ଚିମ: ପ୍ଲଟ୍ ନଂ୭୭୪ମ୍ବରରୁ ଅବଶିଷ୍ଟ/ବଳକା ଜାଗା ପୂର୍ବ: ପ୍ଲଟ୍ ନମ୍ବର ଓ ରିତାଞ୍ଜଳୀ ଜେନା, ଉତ୍ତର: ପ୍ଲଟ୍ ନମ୍ବର-ସି, ଦକ୍ଷିଣ: ପ୍ଲଟ୍ ନମ୍ବର-୪୭୫।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ୧୭, ୧୮ ଓ ୧୯ମ୍ବର କିମ୍ବା ମୃତ ବା ଠିକଣା ବଦଳାଇ ଥିଲେ ସେମାନଙ୍କର ଔରସ/ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକ ତରଫା ଫଏସଲା କରାଯିବ ।

ସ୍ୱା./- ଆଡିସ୍‌ନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୧୪୬

ମାନ୍ୟବର ଶ୍ରୀଯୁକ୍ତ ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କଟକ, କ୍ୟାମ୍ପ କୋର୍ଟ- ଭୁବନେଶ୍ୱର, ଜି- ଖୋର୍ଦ୍ଧା
ଓ.ଏସ୍.ଏସ୍ କେସ୍ ନଂ.- ୩୮/୨୦୧୫
ଲିପି ପୁଷ୍ପା ବଳ ....ବାଦୀ
ବନାମ
ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ଓ ଅନ୍ୟମାନେ ....ପ୍ରତିବାଦୀମାନେ

ନୋଟିସ- ୫ ରୁଲ ୨୦ ସି.ପି.ସି ମୁତାବକ
ପ୍ରାପ୍ତେଷୁ ;
ପ୍ରତିବାଦୀ ନଂ. (୩) ପ୍ରଦୀପ ମହାପାତ୍ର, ପି- ୰ରବିନ୍ଦ୍ର ମହାପାତ୍ର, ସା- ଗ୍ରାମଡ଼ିହ, ପୋ/ଥା- ଚନ୍ଦକା, ଜି- ଖୋର୍ଦ୍ଧା

ନୋଟିସ ଅର୍ଡର ୫, ରୁଲ୍-୨୦ ମୁତାବକ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୭।୦୮।୨୦୨୫ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ମୌଜା- ନୀଳକଣ୍ଠପୁର, ସାବିକ ଖାତା ନଂ.- ୨୩, ସାବିକ ପ୍ଲଟ୍ ନଂ.-୨୪୦, ଏରିଆ- ଏ୦.୨୬୫ଡି. ସ୍ୱଧ ଏ୦.୦୧୯¹/₂ଡି., ନଟ୍ ଫାଇନାଲ ଖାତା ନଂ.-୧୩୮/୨୪୧, ନଟ୍ ଫାଇନାଲ ହାଲ୍ ପ୍ଲଟ୍ ନଂ.- ୨୪୦/୬୪୮, ଏରିଆ ଏ୦.୦୧୯¹/₂, ଡି.।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକଙ୍କ ଆଦେଶ ଅନୁଯାୟୀ, ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁସଚିବ (ବିଚାର)
୨୫।୦୬।୨୦୨୫, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
ଧ-୧୧୪୮

# ମାଛ ଧରିବାକୁ ଯାଇ ପୋଖରୀରେ ବୁଡ଼ି ୨ ମୃତ

କୋଟପାଡ଼,୪।୭ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଗିର୍ଲା ପଞ୍ଚାୟତର ଚିତ୍ରଗୁଡ଼ା ଓ ଚିତାଗାଁ ବଡ଼ମୁଣ୍ଡା ପୋଖରୀରେ ମାଛ ଧରିବାକୁ ଯାଇ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚିତ୍ରାଗୁଡ଼ାର ଧନର ପୂଜାରୀ(୫୨) ଓ ଚିତାଗାଁର ଢୁମର ପୂଜାରୀ(୫୦)। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ୫ଟାରେ ଧନର ଓ ଢୁମର ମାଛ ଧରିବାକୁ ପୋଖରୀକୁ ଯାଇଥିଲେ। ୧ ସପ୍ତାହ ହେବ ଲଘୁଚାପଜନିତ ବର୍ଷା ଯୋଗୁ ପୋଖରୀରେ ଜଳସ୍ତର ବଢ଼ିଥିଲା। ଉଭୟେ ମାଛ ଧରିବାକୁ ପୋଖରୀ ଭିତରେ ପଶିଥିଲେ। ଏହି ସମୟରେ ଜଣେ ପୋଖରୀ ମଝିରେ ଜାଲରେ ଫସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟାକରି ଅନ୍ୟ ଜଣକ ମଧ୍ୟ ସେଥିରେ ଛନ୍ଦିହୋଇଯାଇଥିଲେ। ଜାଲରୁ ମୁକୁଳି ନ ପାରି ପାଣିରେ ବୁଡ଼ିଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମବାସୀ କୋଟପାଡ଼ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପୋଖରୀରେ ଖୋଜାଖୋଜି କରି ଗୁରୁବାର ସନ୍ଧ୍ୟାରେ ଢୁମରଙ୍କ ମୃତଦେହ ବାହାର କରିଥିଲେ। ଧନର ନିଖୋଜ ରହିଥିବା ବେଳେ ସନ୍ଧ୍ୟାରେ ଖୋଜଖୋଜି କାର୍ଯ୍ୟ ବନ୍ଦ କରାଯାଇଥିଲା। ଶୁକ୍ରବାର ସକାଳୁ ପୁଣି ଖୋଜାଖୋଜି କରିବା ପରେ ଦମକଳ ବାହିନୀ ଧନର ମୃତଦେହ ବାହାର କରିଥିଲା। ପୋଲିସ ମୃତଦେହ ଜବତକରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ମୃତ ୮ ଓଡ଼ିଆଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

## ତେଲଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣ ଘଟଣା

ଭୁବନେଶ୍ୱର,୪।୭(ବନ୍ଦନା ସେଠୀ)

ତେଲଙ୍ଗାନାରେ କେମିକାଲ କମ୍ପାନୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ୮ଜଣ ଓଡ଼ିଆଙ୍କ ପାଇଁ ଶୁକ୍ରବାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୃତକମାନେ ହେଲେ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନ୍‌ମୋହନ, କଟକ ତିଗିରିଆ ପାଇକରାପୁରର ଲଗ୍ନଜିତ ଦୁଆରି, ବାଲେଶ୍ୱର ଜିଲା ସିମୁଳିଆ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲା ଧର୍ମଶାଳା ଏରବଙ୍କର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁରର ଚଇତୁଭତ୍ରା ଓ ରମେଶ ଗଉଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗଉଡ଼ ଏବଂ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ର। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସମସ୍ତ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ଏକ ଅଧିକାରୀ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟର ଅନୁଧ୍ୟାନ କରୁଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଜଙ୍ଗଲ ସଂରକ୍ଷଣ ଜୈବବିବିଧତା ଅବକ୍ଷୟ ରୋକିବାର ଶ୍ରେଷ୍ଠ ପନ୍ଥା

## ଓଇଏସ୍ ପକ୍ଷରୁ ବନ ମହୋତ୍ସବ

ଭୁବନେଶ୍ୱର,୪।୭(ବନ୍ଦନା ସେଠୀ)

ପ୍ରକୃତି ଓ ପରିବେଶର ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ, ପରିସଂସ୍ଥା ଓ ଜୈବବିବିଧତାର ଅବକ୍ଷୟ ଏବଂ ବିବିଧ ପ୍ରଦୂଷଣକୁ ପ୍ରତିହତ କରିବା ନିମନ୍ତେ ଜଙ୍ଗଲସବୁର ସଂରକ୍ଷଣ କରିବା ହେଉଛି ଶ୍ରେଷ୍ଠ ପ୍ରତୀକାରାତ୍ମକ ପନ୍ଥା। ଏଥିସହ ବ୍ୟାପକ ଚାରାରୋପଣ ମାଧ୍ୟମରେ ସବୁଜିମା ସୃଷ୍ଟିକୁ ପ୍ରସାରିତ କରିବା ଆବଶ୍ୟକ ବୋଲି ପରିବେଶବିତ୍ ତଥା ଓଡିଶା ପରିବେଶ ସମିତି (ଓଇଏସ୍)ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି। ଓଇଏସ୍ ପକ୍ଷରୁ ଶୁକ୍ରବାର ରାଜଧାନୀ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। 'ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ' ବିଷୟବସ୍ତୁ ଉପରେ ଆଲୋଚନା କରି ଡ. ପାଣିଗ୍ରାହୀ ଏହା କହିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନଙ୍କୁ ସବୁଜ ସୈନିକ ଭାବରେ ପରିବେଶର ସୁରକ୍ଷା ନିମନ୍ତେ ନିଜ ପ୍ରତିବଦ୍ଧତା ପ୍ରକାଶ କରିବା ତଥା ନିଜ ଜନ୍ମଦିନରେ ପ୍ରତ୍ୟେକେ ଏକ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ସିସି, ଏନଏସଏସ୍ ଏବଂ ଅନ୍ୟ ଛାତ୍ରୀଛାତ୍ର ସାମିଲ ହୋଇ ଚାରା ରୋପଣ କରିଥିଲେ। ଭୁବନେଶ୍ୱର ମାରୱାଡ଼ି ମହିଳା ସମିତିର ସଭାପତି ଜୁହି ଅଗ୍ରୱାଲ ସହଯୋଗ କରିବା ସହ ପରିବେଶ ସୁରକ୍ଷାରେ ସମସ୍ତଙ୍କ ଯୋଗଦାନକୁ ପ୍ରଶଂସା କରିଥିଲେ। ପ୍ରାଣୀବିଜ୍ଞାନ ଅଧ୍ୟାପିକା ଅପରାଜିତା ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଓଇଏସ୍ କୋଷାଧ୍ୟକ୍ଷ ପ୍ରଫେସର ବି. ସୀତାରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

DSPL-163


# ସୁନାବେଶ ୨୦୨୫ ପାଇଁ ଟ୍ରାଫିକ୍ ନିୟମାବଳୀ

## ନିୟମିତ ଯାତ୍ରୀବାହୀ ସେବା


- ତାଳବଣିଆ ପଟୁ ଆସୁଥିବା ଅଟୋଗୁଡିକ ୱାଟରୱାର୍କସ୍ ରୋଡ, ଓଡ଼ିଶା ବେକେରୀ ଓ ରାମ ମନ୍ଦିର ଦେଇ ଘୋଡା ବଜାର ପର୍ଯ୍ୟନ୍ତ ଆସିପାରିବେ। ଫେରିଲାବେଳେ ରାମ ମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ବାଟ ଦେଇ ପ୍ରସ୍ଥାନ କରିବେ।
- ମାଳତୀପାଟପୁର ପଟୁ ଆସୁଥିବା ଅଟୋଗୁଡିକ ବାଟଗାଁ ଛକ ଦେଇ ଅଠରନଳା ପର୍ଯ୍ୟନ୍ତ ଆସିପାରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।
- ବ୍ରହ୍ମଗିରି ପଟୁ ଆସୁଥିବା ଅଟୋଗୁଡିକ ମଙ୍ଗଳାଘାଟ ଛକ ଦେଇ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଆସିପାରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।





## ଚାରିଚକିଆ ଯାନ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମଙ୍ଗଳାଘାଟ ଛକ ଠାରୁ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଯିବେ ଓ ସେଠାରେ ନିର୍ଦ୍ଧାରିତ ହୋଇଥିବା ଯାନ ରହଣି ସ୍ଥଳ ଠାରେ ନିଜ ନିଜର ଯାନଗୁଡ଼ିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।





ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡିକ ମାଳତିପାଟପୁର ବ୍ରିଜ, ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିଅମ, ଉଦ୍ୟାନ କୃଷି ପଡିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନ ଗୁଡ଼ିକୁ ରଖିବେ। ପୁଣି ସେଠାରୁ ପିକେଆରଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁଦାନ ଛକ, ଗ୍ରୀଡ ଷ୍ଟେସନ୍ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକ ଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ।





କୋଣାର୍କ ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିଅମ, ଉଦ୍ୟାନ କୃଷି ପଡିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନ ଗୁଡ଼ିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

## ଦୁଇଚକିଆ ଯାନ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ମଙ୍ଗଳାଘାଟ ଛକ ଠାରୁ ମଶାଣିଚଣ୍ଡୀ ଛକ, ଦେବିଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନ ଗୁଡିକ ମଶାଣିଚଣ୍ଡୀ ଛକ ଠାରୁ ମାଟିତୋଟା ଖେଳ ପଡିଆ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ମାଟିତୋଟା ଖେଳ ପଡିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ୍ ପଡିଆ ଠାରେ ନିଜ ନିଜର ଯାନ ଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, ମଙ୍ଗଳାଘାଟ ଛକ ଦେଇ ବ୍ରହ୍ମଗିରି ପାଇଁ ପ୍ରସ୍ଥାନ କରିବେ।




ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ମଶାଣିଚଣ୍ଡୀ ଛକ, ଦେବିଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଶାଣିଚଣ୍ଡୀ ଛକ ଠାରୁ ମାଟିତୋଟା ଖେଳ ପଡିଆ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ମାଟିତୋଟା ଖେଳ ପଡିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ ପଡିଆ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭ ଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, ଜଟିଆ ବାବାଜୀ ଛକ, କୁମ୍ଭାରପଡା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ।




OIPR-15003/13/0009/2526

କୋଣାର୍କ ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ, ପେଣ୍ଠକଟା ଛକ, ସୁବାଷ ବୋସ ଛକ ଦେଇ ହୋଲିଡେ ରିସୋର୍ଟ, ବ୍ଲୁ ଫ୍ଲାଗ ବେଳାଭୂମି ଓ ନୀଳାଚଳ ଅଶୋକ ଠାରେ ନିଜ ନିଜର ଯାନ ଗୁଡିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

Any one requiring any assistance 24x7 Puri Police help line number- 6370967100/06752-232551 is available for assistance.

SPPuri1 | SPPuri | SPPuri

# ଦଶମ ଷ୍ଟାଣ୍ଡାର୍ଡ ଅର୍ଦ୍ଧବାର୍ଷିକ ଓଡ଼ିଆ, ଉର୍ଦ୍ଦୁ ଭାଷା ପରୀକ୍ଷା ଫଳ ପ୍ରକାଶ

କଟକ,୪।୭(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଓଡ଼ିଆ ଏବଂ ଉର୍ଦ୍ଦୁ ଭାଷା ପରୀକ୍ଷା (ଦଶମ ଷ୍ଟାଣ୍ଡାର୍ଡ) ଫଳ ପ୍ରକାଶିତ ହୋଇଛି। ଏଥିରେ ୮୧.୩୨% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ବୋର୍ଡ ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, ରାଜ୍ୟର ୨୯ଟି କେନ୍ଦ୍ରରେ ଏହି ପରୀକ୍ଷା ଗତ ମେ ୨୧ରେ ହୋଇଥିଲା। ମୋଟ ୫୧୫୯ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୧୯୫ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୨୯୦ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେହିପରି ୬୭୪ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ୍ ନମ୍ବର ଓ ନାମ ପ୍ରଦାନ କରି ନିଜ ଫଳାଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରାଯାଇପାରିବ।

# ରଥଯାତ୍ରା ବିଭ୍ରାଟ ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଚଳିତ ବର୍ଷ ରଥଯାତ୍ରାରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁକୁ ନେଇ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି। ରଥଯାତ୍ରାର ବାକିଥିବା ନୀତି ଓ କାର୍ଯ୍ୟସୂଚୀ କିପରି ତ୍ରୁଟିଶୂନ୍ୟ ଭାବେ ଅନୁଷ୍ଠିତ ହେବ ସେନେଇ ରାଜ୍ୟପାଳ ନିଜେ ହସ୍ତକ୍ଷେପକରି ତ୍ରୁଟିଶୂନ୍ୟ କରିବାକୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇଛି। ଦଳର ବରିଷ୍ଠ ନେତୃତ୍ୱଙ୍କ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କୁ ଭେଟି ଚଳିତବର୍ଷ ରଥଯାତ୍ରା ସମୟରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ବିଭ୍ରାଟ ସମ୍ପର୍କରେ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ରଥଯାତ୍ରା ସମୟରେ ଘଟିଥିବା ଅବ୍ୟବସ୍ଥା ବହୁ କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର ଆଘାତ ଦେଇଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ରାଜ୍ୟ ଭାଜପା ସରକାରଙ୍କ ବେପରୁଆ ମନୋଭାବ ଏବଂ ସମ୍ବେଦନହୀନତା ଯୋଗୁ ଏ ବର୍ଷ ରଥଯାତ୍ରା ଦିନ ଭିଡ଼ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା। ପରିଣାମ ସ୍ୱରୂପ ପ୍ରଥମ ଦିନ ରଥଟଣା ସମୟରେ ୭୦ ଜଣ ଭକ୍ତ ଆହତ ହୋଇଥିଲେ। ସେହିପରି ଗୁଣ୍ଡିଚାମନ୍ଦିର ସମ୍ମୁଖରେ ୩ ରଥ ଠିଆହୋଇଥିବା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବା କାରଣରୁ ଭକ୍ତମାନଙ୍କ ଭିତରେ ଦଳାଚକଟା ହୋଇ ୩ ଜଣ ପ୍ରାଣ ହରାଇଥିଲେ। ସେହିପରି ନନ୍ଦିଘୋଷ ରଥ ସିଂହଦ୍ୱାରଠାରୁ ଅଳ୍ପ ବାଟ ଯାଇ ନ ଗଡ଼ିବା, ଗତ ରଥଯାତ୍ରାରେ ମହାପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାର ତଦନ୍ତ ରିପୋର୍ଟ ନ ଆସିବା ଆଦି ଘଟଣା ରହିଛି। ତେଣୁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି।

---

## DISTRICT EDUCATION OFFICE, GANJAM, BRAHMAPUR

Phone: 0680 2233350 (O), Email: deoganjam11@gmail.com

Letter No. 11620/MDM Date: 02.07.2025

**SHORT TENDER CALL NOTICE FOR ENGAGEMENT OF SEPARATE TRANSPORTING AGENTS UNDER PM POSHAN & CM POSHAN (MDM) FEEDING PROGRAMME OF BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT FOR THE YEAR-2025-26**

No. n-91:- Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST registration & clearance certificate for undertaking transportation of rice under PM Poshan and CM Poshan (MDM) feeding programme in Brahmapur / Bhanjanagar / Chatrapur Sub-Division of Ganjam district for the year, 2025-26 (2nd Quarter to 4th Quarter). The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam.odisha.gov.in. The cost of tender paper is Rs. 10,000/- which is to be deposited in shape of D.D in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is 21.07.2025 at 3.00 PM and will be opened on 22.07.2025 at 11.00 AM in the Collectorate, Ganjam, Chatrapur. The quotations must be sent through Registered Post / Speed Post only addressed to District Education Officer, Ganjam, Brahmapur, PIN-760005, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super¬scribing as "TENDER FOR UNDERTAKING TRANSPORTATION WORK UNDER PM POSHAN AND CM POSHAN (MDM) FEEDING PROGRAMME IN BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT -2025-26". The authority reserves the right to reject any or all the tenders without assigning any reason thereof.

OIPR-27203/11/0001/2526 Sd./- Collector, Ganjam

## ZILLA SWASTHYA SAMITI, Kendrapara

**DPMU, NHM, Kendrapara**

Advt.No- 2038 Date- 02.07.2025

**ATTENTION OF THE APPLICANTS PURSUANT TO THE ADVT.NO-836/25**

No. E-207:- In response to the Advertisement No.836/25,from O/o CDM & PHO, Kendrapara, a detailed database of the Provisionally Eligible and Ineligible candidates(with reasons for provisional ineligibility) for the position of Data Assistant cum Accountant has been published in the district website https://kendrapara.odisha.gov.in. The list is purely provisional in nature and is subject to change after further scrutiny/verification, wherever applicable. All candidates who had applied for the same are required to go through the list and verify their status of application. Candidates are informed to send their objection, if any, only in the format as attached below to the **Chief District Medical & Public Health Officer, DHH, Kendrapara, At/Po-Kendrapara, Pin-754211** on or before **15.07.2025** by 5.00 PM through speed post/Registered post/Courier and the envelope containing the application should be super scribed with "**Objection for the post of Data Assistant cum Accountant for UPHCs, Kendrapara**". The objection format can be downloaded from the district website **https://kendrapara.odisha.gov.in**. No new/fresh document/s shall be taken into the consideration. The objection received on or before the due date will be disposed of and the findings thereof will be made available in the above official website. No objection will be received after the due date & time.

OIPR-10018/11/0012/2526 **Sd/- CDM & PHO-cum-DMD, Kendrapara**

## DIRECTORATE OF AGRICULTURE & FOOD PRODUCTION, ODISHA

No.L-33

**REQUEST FOR PROPOSAL**

**SELECTION OF BIDDERS FOR THE DEVELOPMENT, DESIGN, FINANCE, CONSTRUCTION, OPERATION, MAINTENANCE AND TRANSFER OF AGRI-TECH SMART FARM (ATSF) AT DESIGNATE SITE(S) ON PPP BASIS**

**RFP No. 21928 Dated 03.07.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders for the development, design, finance, construction, operation, maintenance and transfer of Agri-Tech Smart Farm (ATSF) at designate site(s) on PPP basis"

The RFP document is available and can be downloaded from the tendersodisha.gov.in. from 04.07.2025. Last date for submission of proposals is 31.07.2025 at 15.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

**Sd./- Director of Agriculture & Food Production, Odisha**

OIPR-01510/11/0062/2526

## OFFICE OF THE SUPERINTENDENT OF MUSEUM ODISHA : BHUBANESWAR

**QUOTATION / TENDER CALL NOTICE**

**No.820/OSM., Dated.03.07.2025.**

**No.R-05** : Sealed quotations/tenders are invited from interested reputed Travel Agencies / Tour Operators / Private Individuals for providing (01No.) of Tiago/Bolt/Celerio etc. white colour (petrol driven A/C version) vehicle on monthly hiring basis for official uses by the Superintendent, Odisha State Museum, Bhubaneswar. The Application form of quotation of general bid information, term & conditions for hiring of vehicle etc. and the details of the quotation/tender call notice are available in this office website www.odishamuseum.nic.in and also will be available in the office of the Superintendent, Odisha State Museum, Bhubaneswar on payment of only **tender paper cost Rs. 100/- (One Hundred) from 10.30 A.M. to 05.00 P.M** except government holiday. The tender paper along with required document may be dropped in the tender box kept at office of the Superintendent, Odisha State Museum, Bhubaneswar by quotation completed in all respects **should reach the undersigned on or before dated 10.07.2025 by 02.00 P.M.** or it may be sent through registered post / speed post in the address of Superintendent Odisha State Museum, Bhubaneswar, Post-BJB Nagar, District-Khordha, Pin-751014, in a sealed cover, superscribed tender/quotation for providing vehicle on hire basis. The tender /quotation received after scheduled date and time or incomplete manner shall be summarily rejected. The tender shall be opened **on 10.07.2025 at 03.00 P.M in the office chamber of Superintendent, Odisha State Museum, Bhubaneswar** in presence of the bidders or their authorised representatives.

The authority reserves the right to accept / reject any quotation without assigning any reason thereof.

**Sd./- Superintendent Odisha State Museum, Bhubaneswar**

OIPR-03015/11/0007/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4576/PSC., Dt. 02.07.2025**

**(1R-29-2024/25)(DR-V)**

**No.D-119** : It is for information of all concerned that, pursuant to the Advertisement No. 32 of 2023-2024, **08 (Eight)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Civil Engineering"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 10.30 A.M. | P240245064, P240302365, P240301823, P240302479, P240304846, P240306811, P240305788 & P230181344 **= 08 Candidates** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission <u>half an hour before the commencement of interview</u> on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO CIVIL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0255/2526 Sd./- Secretary

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4571/PSC., Dt. 02.07.2025**

**(1R-39-2024/25)(DR-V)**

**No.D-118** : It is for information of all concerned that, pursuant to the Advertisement No. 03 of 2024-2025, **01 (One)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Civil Engineering" in Government College of Engineering, Kalahandi**. The Interview in respect of the following candidate will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 3.00 P.M. | P240319052 **= 01 Candidate** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission <u>half an hour before the commencement of interview</u> on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO CIVIL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0256/2526 Sd./- Secretary

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4581/PSC., Dt. 02.07.2025**

**(1R-35-2024/25)(DR-V)**

**No.D-117** : It is for information of all concerned that, pursuant to the Advertisement No. 32 of 2023-2024, **04 (Four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Metallurgical & Material Engineering"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **15.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 15.07.2025 | 10.30 A.M. | P240301667, P240302028, P240309436 & P240312208 **= 04 Candidates** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-10 sets.**
3. **Photocopies of 10 best Research Publications-10 sets**
4. **List of all Publications mentioned at SL. No. 1-10 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission <u>half an hour before the commencement of interview</u> on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO METALLURGICAL & MATERIAL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0257/2526 Sd./- Secretary

## ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ

## OFFICE OF THE ASST. DIRECTOR OF SERICULTURE, SUNDARGARH

At: Maheshdihi, Dist Sundargarh, PIN: 770001

Email : adssundergarh@yahoo.com/ads-sundargarh@gov.in

Order No.862 Date : 01.07.25

**TENDER CALL NOTICE FOR SUPPLY OF DESKTOP COMPUTER, MULTI FUNCTIONAL LASER PRINTER, 600 VA UPS, COMPUTER TABLE AND CHAIR TO THE DIFFERENT UNITS OF SERICULTURE IN SUNDARGARH DISTRICT**

No. L-32:- Sealed tenders are invited from reputed manufacturer / Authorised Distributor / Dealer / Supplying Agency for supply of 5 Nos. of Desktop Computers, 5 nos. of Multifunctional Laser Printer, 5 nos. of 600 VA UPS, 5 nos. of Computer Table and 5 nos. Chair for the sericulture units of Sundargarh district like Khuntgaon, Sarsara, Lahunipada, Badgaon, PPC-K.Bolang. The detailed terms and conditions of the tender, general information and specification of the product etc. can be obtained from the office of the Asst. Director of Sericulture, Sundargarh in any working day from 02.07.2025 to 15.07.2025 at 11 a.m. to 5 p.m. or can be downloaded from the website **www.sundargarh.odisha.gov.in**

**Date of Commencement of Sale of the Tender Document**: 02.07.2025

**Last Date & Time of the Receipt of Tender** : 15.07.2025 at 5.00 P.M

**Date & Time of Opening of Tender (Cover-A)** : 16.07.2025 at 11.00 A.M

**Date & Time of Opening of Tender (Cover-B)** : 16.07.2025 at 4.00 P.M

**Cost of the Tender** - Rs. 100/- in shape of Bank Draft in favour of Assistant Director of Sericulture, payable at Sundargarh.

**Place of opening of Tender** - Office of the Assistant Director of Sericulture, At-Mahesdihi, Sundargarh, PIN-770001

The Tender will be opened on scheduled date and time in the office of the undersigned in the presence of Bidders or their authorized representatives. In the event of the date being declared as holiday for Govt, of Odisha, the due date of submission of bids and opening of bids will be next working day. Any tender received after the due date & time will be rejected and returned to the sender unopened. The tender will be received through Regd. Post/Courier Service / Speed Post only. The authority reserves the right to reject any or all the Tenders received without assigning any reason thereof.

OIPR-01452/11/0005/2526 **Sd./- Asst. Director of Sericulture, Sundargarh**

## OFFICE OF THE CHIEF DISTRICT VETERINARY OFFICER, ANGUL

**AT: HEMSURPADA PO/DIST: ANGUL, ODISHA-759122**

Mail: cdvoangul@gmail.com

**TENDER CALL NOTICE**

No. M-17:- Bids in sealed cover are invited from the interested eligible Non-Government Organizations/ Reputed Manpower Agency/Service Provider to provide Manpower support i.e. One Laboratory Technician at District Diagnostic Laboratories (DDL), Angul under State Plan Scheme Support to vaccine production & Disease Control Institution under Umbrella Scheme **"GOAL FOR MANAGEMENT & TREATMENT OF ANIMALS" (GOMATA)** for the year 2024-25. The details of the tender can be downloaded from the website: (**www.angul.odisha.gov.in**).

**Sd./- Chief District Veterinary Officer, Angul**

OIPR-06069/11/0004/2526

## OFFICE OF THE PRINCIPAL, NABAKRUSHNA CHOUDHURY C.T.E., ANGUL

**No. 748/dt. 03.07.2025**

**ADVERTISEMENT FOR ENGAGEMENT OF GUEST FACULTIES ON CONTRACTUAL BASIS IN NKC CTE, ANGUL**

**<u>WALK IN INTERVIEW</u>**

No. N-110:- Applications are invited from interested eligible candidates (fresh/retired) for engagement of Guest Faculties on contractual basis of the following posts in NKC CTE, Angul. The guidelines for engagement of guest faculty on contractual basis issued by Department of Higher Education Notification No.2590/HE dated 11.02.2025, No.20318/HE dated 17.04.2025, No.33122/HE dated 24.06.2025 and No.33124/HE dated 24.06.2025 are available in the college website (http://nkccteangul.ac.in/).

| Name of the Post | No. of post for which engagement is to be made | Qualification | Remuneration |
|---|---|---|---|
| Professor in Education | 02 | As per NCTE norm. | As per Higher Education Department letter No.33122/ HE dated 24.06.2025 |
| Associate Professor in Education | 02 | | |
| Assistant Professor in Social Science (History / Political Science) | 01 | | |
| Assistant Professor in Social Science (Economics / Geography) | 01 | | |
| Assistant Professor in English | 01 | | |
| Assistant Professor in Odia | 01 | | |
| Assistant Professor in Mathematics | 01 | | |
| Health & Physical Education | 01 | | |
| Visual Arts | 01 | | |
| Performing Arts | 01 | | |

The candidates are required to send their filled in application to the office of the undersigned through registered/speed post with their bio-data, present and Permanent address, copies of educational certificates, bank account no., photographs etc.

- Last date of receipt of application forms : 15th July, 2025.
- Date of walk in interview : 17th July, 2025.
- No TA/DA is allowed to the candidates for the purpose.
- Authority reserves the right to accept / reject any of / all applications without assigning any reason thereof.

OIPR-11022/11/0006/2526 **Sd./- PRINCIPAL**

See Career Appointment on every Wednesday & Saturday

## Directorate of Animal Husbandry & Veterinary Services

**Odisha, Mangalabag, Cuttack-753001**

Tel.: (0674) 2414629, Website: https://dahvs.odisha.gov.in/, Email: dahvsorissa@gmail.com

**EoI No. 11500/Date 01.07.2025**

**No.M-16** : The Directorate of Animal Husbandry & Veterinary Services (DAH&VS), Cuttack, Government of Odisha is interested in engaging the services of reputed agencies/organizations that conduct Impact Assessment Studies of government schemes and initiatives. The directorate has decided to onboard an agency to assess the effectiveness of the Mukhyamantri Kamdhenu Yojana (MKY) and its subsequent impact on the lives of dairy farmers and the overall dairy sector of Odisha over the next 5 years.

Detailed instructions are enclosed herewith.

The detailed document outlining the contours of assessment & terms of reference can be accessed under the tender section of the DAH&VS website.

Website address : https://dahvs.odisha.gov.in

| Sl. No. | Particulars | Date and time | |
|---|---|---|---|
| 1 | Date & time of release of bid | **04.07.2025** | |
| 2 | Date & time of submission of response | Start Date & Time | End Date & Time |
| | | **05.07.2025 at 10.00 A.M.** | **25.07.2025 at 05.00 P.M.** |
| 3 | Date & time of technical evaluation | **29.07.2025 at 11.30 A.M.** | |
| 4 | Issue of Letter of Invitation and RFP | To be issued to empaneled bidder | |

All EoI proposals are to be e-mailed as a single digital file to dahvsorissa@gmail.com EoIs received after the last date and time of submission shall be rejected.

The DAH&VS reserves the right to accept or reject any or all EoIs without assigning any reason thereof. Canvassing in any form will be considered as disqualification from the award of the contract.

**Sd./- Director DAH&VS, Cuttack Govt. of Odisha**

OIPR-06014/11/0047/2526

## Odisha State Health & Family Welfare Society

**Dept. of Health & Family Welfare, Govt. of Odisha**

Annex Building of SIH&FW, Nayapalli, Unit-8, Bhubaneswar-751012, Odisha

Phone/Fax : 0674-2392480/88

**Advt. No. 01/2025** **Date : 04.07.2025**

**REQUEST FOR PROPOSAL (RFP) FOR AN EVALUATION STUDY OF THE EMERGENCY AMBULANCE SERVICE (EMAS) UNDER INTEGRATED PATIENT TRANSPORT AND HEALTH HELPLINE (IPTHHS) SERVICES IN ODISHA**

**No.E-209** : Sealed proposals are invited from eligible bidders for an **evaluation study** of the Emergency Ambulance Service (EMAS) under Integrated Patient Transport and Health Helpline (IPTHHS) Services in Odisha. The RFP document containing the eligibility criteria, terms & conditions and formats for submission of proposals can be downloaded from the website **https://nhmodisha.gov.in** (under link: **"Tender"**) and **https://health.odisha.gov.in.**

The **bid schedule** is as mentioned below:

| Date & Time of Pre-bid Meeting | Last Date & Time of Submission of Bid | date & Time of Opening of Technical Bid |
|---|---|---|
| 14.07.2025, 12:00 Noon | 31.07.2025, 3:00 P.M. | 31.07.2025, 4:00 P.M. |

Any amendments in above RFP due to decision in pre-bid meeting shall only be notified in the websites mentioned above. The sealed proposals should reach the office of the undersigned in the address mentioned above by registered post / speed post / courier on or before the stipulated date & time of bid submission mentioned above, i.e. 31.7.2025, 3 :00 PM.

The undersigned reserves the right to reject any or all the proposals or cancel the bid without assigning any reason thereof.

**Sd./- Mission Director NHM, Odisha**

OIPR-10084/11/0038/2526

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୨୩୪୧/IND-II-PH-୧୨୭୬ ତାରିଖ: ୦୩।୦୭।୨୦୨୫

**ବିଜ୍ଞାପନ**

No. CAD-981: ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ଓଡ଼ିଶାର ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ତହସିଲ ଅନ୍ତର୍ଗତ ଶେଖସରାଇ ଗ୍ରାମରେ ୫.୬୬୫ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଶେଖସରାଇ (କ) ବାଲିଘାଟ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୫।୦୮।୨୦୨୫ରିଖ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ତହସିଲ ଅନ୍ତର୍ଗତ ମହମ୍ମଦନଗର ପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ବାଲେଶ୍ୱର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,ବାଲେଶ୍ୱର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା,ବାଲେଶ୍ୱର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସଦସ୍ୟ ସଚିବଙ୍କ ଆଦେଶଅନୁଯାୟୀ**

**ସ୍ୱା./– ମୁଖ୍ୟ ପରିବେଶ ଯନ୍ତ୍ରୀ**

OIPR-08012/11/0292/2526

# ଦାରୁଦିଅଁଙ୍କ ନୀଳାଚଳ ଯାତ୍ରା...

ବିଶ୍ୱପ୍ରସିଦ୍ଧ ଦାରୁଦିଅଁଙ୍କ ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା। ଏହି ଯାତ୍ରାର ପ୍ରଥମଦିନରେ ରଥରେ ଚଢ଼ି ଜନ୍ମବେଦିକୁ ଯାଆନ୍ତି ଠାକୁରେ। ଆଗରେ ତାଳଧ୍ୱଜ ରଥରେ ଚାଲନ୍ତି ଦାରୁଦିଅଁଙ୍କ ଶ୍ରବଣଶକ୍ତି ଅଗ୍ରଜ ଶ୍ରୀବଳଭଦ୍ର, ତାଙ୍କ ପଛକୁ ଇଚ୍ଛାଶକ୍ତି ମା' ସୁଭଦ୍ରା ଓ କାର୍ଯ୍ୟଶକ୍ତି ଶ୍ରୀସୁଦର୍ଶନ ଗୋଟିଏ ରଥ (ଦେବଦଳନ)ରେ ଗତି କରନ୍ତି। ସର୍ବଶେଷରେ ନନ୍ଦିଘୋଷରେ ଯାଆନ୍ତି କାଳିଆ ସାଆନ୍ତ। ଏହି ଯାତ୍ରା ଉପାସନା ମଣ୍ଡପରୁ ଆବିର୍ଭାବ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପକୁ। ତେଣୁ ଏହାକୁ କୁହାଯାଉଛି ଶ୍ରୀଗୁଣ୍ଡିଚା ଯାତ୍ରା। ଦାରୁଦିଅଁଙ୍କ ଗୁଣ୍ଡିଚା ଯାତ୍ରା ହେଉଛି ଓଲଟ ଯାତ୍ରା। ଏସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଜଣେ ମଣିଷ ଘରୁ ବାହାରକୁ ଗଲେ ବା ସ୍ଥାନାନ୍ତର ହେଲେ ଯେତେବେଳେ ଜନ୍ମସ୍ଥାନକୁ ବାହୁଡ଼ି ଆସେ, ତାହାକୁ ଘରବାହୁଡ଼ା କହିଥାଉ। ଦାରୁଦିଅଁ ଆବିର୍ଭାବ ସ୍ଥଳକୁ ଉପାସନା ସ୍ଥଳରୁ ବାହୁଡ଼ି ଯାଉଛନ୍ତି ଯେଉଁଦିନ ତାହା ବାହୁଡ଼ା ଯାତ୍ରା ହେବା କଥା। କିନ୍ତୁ ତାହାକୁ ଗୁଣ୍ଡିଚା ଯାତ୍ରା କୁହାଯାଉଛି। ତେଣେ ମହାପ୍ରଭୁ ଯେଉଁଦିନ ଆବିର୍ଭାବ ମଣ୍ଡପରୁ ରତ୍ନବେଦିକୁ ବିଜେ କରୁଛନ୍ତି ତାହାକୁ କୁହାଯାଉଛି ବାହୁଡ଼ାଯାତ୍ରା। ତାହା ହିଁ ଦାରୁଦିଅଁଙ୍କ ଉପାସନାରେ ବୈଚିତ୍ର୍ୟ।

ଶାସ୍ତ୍ରରେ ବର୍ଣ୍ଣନା ରହିଛି– ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁଦିଅଁଙ୍କ ପାଇଁ ମନ୍ଦିର ନିର୍ମାଣ କରିବା ପରେ ପ୍ରତିଷ୍ଠା ବିଧି ସମାପ୍ତ କରିଥିଲେ। ସେତେବେଳେ ଆଡ଼ପ ମଣ୍ଡପରୁ ମହାପ୍ରଭୁଙ୍କୁ ରଥରେ ବସାଇ ପ୍ରଥମେ ଶ୍ରୀମନ୍ଦିରକୁ ଆଣିଥିଲେ। ତାହା ଥିଲା ଦାରୁଦିଅଁଙ୍କ ନୀଳାଚଳ ଯାତ୍ରା। ଏହି ଶାସ୍ତ୍ରୀୟ ପରମ୍ପରା ଏବେବି ଶ୍ରୀଜଗନ୍ନାଥଧାମର ପଞ୍ଚକୋଶୀମାନଙ୍କ ମଧ୍ୟରେ ବଞ୍ଚିରହିଛି। ଷୋଳ ଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନେ,କ୍ଷେତ୍ରରେ ବାସ କରୁଥିବା ଜାଣିବା ଶୁଣିବା ଲୋକେ ଦାରୁଦିଅଁ ଆଡ଼ପ ମଣ୍ଡପରେ ପହଞ୍ଚିବା ପରେ ସେଠାକୁ ଯାଇ ଦର୍ଶନ କରନ୍ତି ଓ ତାଙ୍କର ନୀଳାଚଳକୁ ଆସିବାବେଳେ ଭାଗ ନିଅନ୍ତି। ସ୍କନ୍ଦ ପୁରାଣ ବର୍ଣ୍ଣନା ଅନୁଯାୟୀ, ଦାରୁଦିଅଁଙ୍କ ଉପାସନା ଧାମକୁ ଭୂସ୍ୱର୍ଗ କୁହାଯାଏ। ତେଣୁ ଭୂସ୍ୱର୍ଗକୁ ଗମନ କରିବା ବା ଯାତ୍ରା କରିବାର ବିଧିକୁ ଆମେ ବାହୁଡ଼ା ଯାତ୍ରା କହୁଛୁ। କାରଣ ସେ ଆମ ପାଖକୁ ବାହୁଡ଼ି ଆସୁଛନ୍ତି। ଆବିର୍ଭାବ ମଣ୍ଡପ ବା ଧାମକୁ ଯାତ୍ରା କରୁଥିବାରୁ ତାଙ୍କ ପାଇଁ ତାହା ବାହୁଡ଼ା ଯାତ୍ରା, ମାତ୍ର ମନୁଷ୍ୟଙ୍କ ମୁକ୍ତି ନିମନ୍ତେ ଲୀଳାକ୍ଷେତ୍ରକୁ ଫେରିବାକୁ ହେଉଛି ଆମ ପାଇଁ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା। ଅତଏବ ଦାରୁଦିଅଁଙ୍କ ନିମନ୍ତେ ଗୁଣ୍ଡିଚା ଯାତ୍ରା ହେଉଛି ବାହୁଡ଼ା ଯାତ୍ରା ଓ ଜୀବ ମଙ୍ଗଳ ନିମନ୍ତେ ଭୂସ୍ୱର୍ଗକୁ ଫେରିବାର ଯାତ୍ରା ହେଉଛି ବାହୁଡ଼ା ଯାତ୍ରା।



**ରଥରେ ପ୍ରଥମେ ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିର ଯାଇଥିଲେ ମହାପ୍ରଭୁ**

# ବାହୁଡ଼ା ଦିନ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ ଚତୁର୍ଦ୍ଧା ମୂର୍ତ୍ତି

ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ପ୍ରାଚୀନ କାଳରେ ଦାରୁଦିଅଁଙ୍କ ଆଡ଼ପ/ଜନ୍ମସ୍ଥଳରେ ପହଞ୍ଚିବା ପାଇଁ ମାସାଧିକ କାଳ ଲାଗି ଯାଉଥିଲା। ଇତିହାସ କୁହେ ୧୮୯୩ ମସିହାରେ ମହାପ୍ରଭୁ ବାହୁଡ଼ା ଦିନ ପହଞ୍ଚି ପୁଣି ଫେରି ଆସିଥିଲେ। ଶ୍ରୀଗୁଣ୍ଡିଚା ଯାତ୍ରାର ଚତୁର୍ଥ ଦିନ ରଥଗଣ ହୋଇ ନ ପାରି ପଞ୍ଚମ ଦିନ ଅର୍ଥାତ ହେରା ପଞ୍ଚମୀ ଦିନ ନନ୍ଦିଘୋଷ ରଥ ଟଣା ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଏହି ରଥ ବଡ଼ଦାଣ୍ଡର ବଳଗଣ୍ଡିଠାରେ ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ ବଳଗଣ୍ଡିଠାରେ ନନ୍ଦିଘୋଷ ସମ୍ମୁଖରେ ହେରାପଞ୍ଚମୀ ନୀତି ସମ୍ପାଦନ କରାଯାଇଥିଲା। ଶରଧାବାଲିରେ ଅନୁଷ୍ଠିତ ହୋଇଥିଲା ସନ୍ଧ୍ୟା ଦର୍ଶନ। ଶହେ ବର୍ଷ ତଳେ ମଧ୍ୟ ମହାପ୍ରଭୁ ଶ୍ରାବଣ ମାସର ଶେଷ ଭାଗରେ ଶ୍ରୀମନ୍ଦିରକୁ ଫେରିବା କଥା 'ଉତ୍କଳ ଦୀପିକା'ରେ ବର୍ଣ୍ଣନା ରହିଛି।

ଗଙ୍ଗବଂଶୀୟ ରାଜା ନରସିଂହ ଦେବ ମାଳିନୀ ନଦୀକୁ ବନ୍ଧାଇବା ବା ପୋତିବା ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ବହୁବର୍ଷ ଧରି ଲାଗିଥିଲା। ତାଙ୍କ ପରେ ମଧ୍ୟ ଗଜପତିମାନେ ଏହି ନଦୀ ପୋତିବା କାମ ଚାଲୁ ରଖିଥିଲେ। ମାଳନୀ ପାଣିରେ ବାରମ୍ବାର ନଦୀ ବନ୍ଧାଇବାର ବର୍ଣ୍ଣନା ମିଳୁଥିବାରୁ ବନ୍ୟାବେଳେ ମନେହୁଏ ପୁଣି ମାଟି ଓ ବାଲି ଧୋଇ ହୋଇ ଯାଉଥିଲା। ନଦୀ ସମ୍ପୂର୍ଣ୍ଣ ପୋତି ହୋଇ ସାରିବା ପରେ ତିନୋଟି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ଯିବା ନିମନ୍ତେ ସମର୍ଥ ହୋଇଥିଲା।

# ମହାପ୍ରଭୁଙ୍କ ପାଇଁ ବାଷ୍ପରେ ପ୍ରସ୍ତୁତ ହୁଏ ପୋଡ଼ପିଠା

ଭୋଜନ ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ତାଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ଖାଦ୍ୟରେ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ସେହିପରି ଅନନ୍ୟ ପରମ୍ପରା ହେଉଛି ବାହୁଡ଼ାରେ ଦାରୁବିଗ୍ରହଙ୍କୁ ପୋଡ଼ପିଠା ଭୋଗ ମଣୋହି କରାଯିବା। ଦାରୁଦିଅଁ ଘୋଷଯାତ୍ରା ଶେଷଦିନ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କଲାବେଳେ ତାଙ୍କ ମାଉସୀ ମା' ଭାବେ ପରିଚିତ ମା' ଅର୍ଦ୍ଧଶୋଷିନୀ ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି। ମହାପ୍ରଭୁ ସଦାସର୍ବଦା ବାତ୍ସଲ୍ୟ ମମତାରେ ବନ୍ଧା। ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିବା ବେଳେ ମାଉସୀଙ୍କ ହାତ ତିଆରି ପୋଡ଼ପିଠାକୁ ଭୁଲି ନ ଥାନ୍ତି। ଗୁଣ୍ଡିଚା ମନ୍ଦିରରୁ ଫେରିବା ବେଳେ ବାହୁଡ଼ା ଯାତ୍ରାରେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ମାଉସୀ ମା' ମନ୍ଦିର ସମ୍ମୁଖରେ ପୋଡ଼ପିଠା ଭୋଗ କରାଯାଇଥାଏ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସୁଛି। ବର୍ତ୍ତମାନର ମା'ଙ୍କ ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଡ଼ପିଠା ପ୍ରସ୍ତୁତ କରାଯାଉଛି। ହେରା ପଞ୍ଚମୀ ତିଥିରୁ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହା ପୋଡ଼ାଯାଇ ନ ଥାଏ। ପାଣିର ବାଷ୍ପରେ ପୋଡପିଠା ପ୍ରସ୍ତୁତ ହୋଇଥାଏ।



ଦିଅଁଙ୍କ ପାଇଁ ପୋଡ଼ ପିଠା ପ୍ରସ୍ତୁତି ଚାଲିଛି।

ଭଲ ଘିଅ, ଅଟା, ଅଳେଇଚ, ଲବଙ୍ଗ, ପିସ୍ତାବାଦାମ ପରି ବିଭିନ୍ନ ସୁସ୍ୱାଦୁ ପ୍ରଦାର୍ଥ ପକାଯାଇ ପୋଡ଼ପିଠା ପ୍ରସ୍ତୁତ କରାଯାଏ। ୧୦ରୁ ୧୨ଘଣ୍ଟା ପାଣି ବାଷ୍ପରେ ପିଠା ପ୍ରସ୍ତୁତ ହୁଏ। ପୋଡ଼ପିଠା ପ୍ରସ୍ତୁତ ହେବା ପରେ ପିଠାକୁ ଥଣ୍ଡା କରାଯାଏ। ଏହି ପିଠାଗୁଡିକୁ ଭଲ ଘିଅରେ ଛଣାଯାଏ। ପରେ ସେଗୁଡ଼ିକୁ ମାଟି କୁଡୁଆରେ ରଖାଯାଏ। ବାହୁଡ଼ା ଯାତ୍ରା ଦିନ ତିନି ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୋଡ଼ପିଠାଗୁଡ଼ିକୁ ସମର୍ପଣ କରାଯାଇଥାଏ। ପୋଡ଼ପିଠା ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଦିଆଯାଇଥିବା ବେଳେ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ଏବଂ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ ତାହାକୁ ଦାରୁଦିଅଁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ପୂଜକ ବିଶ୍ୱନାଥ ମିଶ୍ର ଓ ତାଙ୍କ ପୁଅ ବିଶ୍ୱରୁଦ୍ର ମିଶ୍ର ଭକ୍ତିଭାବରେ ଏହି ବିଧି ସମାପନ କରିବେ ବୋଲି ସୂଚନା ମିଳିଛି।

–ଅଜିତ୍ କୁମାର ମହାନ୍ତି, ପୁରୀ

# ବିଦେଶରେ ଶ୍ରୀଜଗନ୍ନାଥଙ୍କ ପ୍ରଚାରକ ସାଜିଥିଲେ ମହାତ୍ମା ଗାନ୍ଧୀ

ବିଦେଶରେ ଜଗନ୍ନାଥ ସଂସ୍କୃତିର ମହାନତା ସମ୍ପର୍କରେ ପ୍ରଚାର କ୍ଷେତ୍ରରେ ଗାନ୍ଧିଜୀ ହିଁ ଥିଲେ ପ୍ରଥମ ଅଘୋଷିତ ସାଂସ୍କୃତିକ ଦୂତ। ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଗାନ୍ଧିଜୀ ତାଙ୍କ ପ୍ରଥମ ପ୍ରବନ୍ଧ ଲେଖିଥିଲେ ଦକ୍ଷିଣ ଆଫ୍ରିକାରେ। ପ୍ରବନ୍ଧଟି 'ୟୁଜେସ ଅଫ୍ ଆଡଭର୍ସିଟି' ଶିରୋନାମାରେ ପ୍ରକାଶ ପାଇଥିଲା (୨୦-୮-୧୯୦୩)'ଇଣ୍ଡିଆନ୍ ଓପିନିୟନ' ପତ୍ରିକାରେ। ଏଥିରେ ଗାନ୍ଧିଜୀ ଲେଖିଥିଲେ ବିଦେଶରେ ଆମର ଏକମାତ୍ର ପରିଚୟ ହେଉଛି ଭାରତୀୟ। ଏଠି ଜାତି, ଧର୍ମ ଓ ଭାଷାର ପରିଚୟରୁ ସୃଷ୍ଟ ବିବିଧତା ଭୁଲି ସମନ୍ୱିତ ଚେତନାକୁ ଆପଣେଇବା ଆବଶ୍ୟକ, ଯାହା ଦେଖିବାକୁ ମିଳେ ଓଡ଼ିଶାର ପୁଣ୍ୟପୀଠ ଜଗନ୍ନାଥ ଧାମରେ। ଜାତି, ଅଜାତି, ଧନୀ,ଗରିବ ବାଛବିଚାର ନ ରଖି ଲୋକେ ଏଠି ଭିଡ଼ାଭିଡ଼ି ହୋଇ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଏବଂ ଏକାଠି ବସି ପ୍ରସାଦ ସେବନ କରନ୍ତି ମହାଆନନ୍ଦରେ।

ମହାତ୍ମା ଗାନ୍ଧୀ ପିଲାଟି ବେଳେ ମା'ପୁତ୍ଲିବାଈଙ୍କ ଶୁଣିଥିଲେ ଓଡ଼ିଶା ହେଉଛି କୀର୍ତ୍ତିରାଜିରେ ପରିପୂର୍ଣ୍ଣ ତଥା ସାଂସ୍କୃତିକ ସମନ୍ୱୟର ଦେବତା ଜଗନ୍ନାଥଙ୍କ ଭୂଇଁ। ଏଠାରେ ଜଗନ୍ନାଥ ରୂପରେ ଲୀଳା କରୁଛନ୍ତି ଭଗବାନ ଶ୍ରୀକୃଷ୍ଣ। ମା'ଙ୍କଠାରୁ ଏକଥା ଜାଣିବା ପରଠାରୁ ଓଡ଼ିଶା ଥିଲା ତାଙ୍କ ପାଇଁ ପବିତ୍ର ତୀର୍ଥସ୍ଥଳୀ।

ଦକ୍ଷିଣ ଆଫ୍ରିକାରୁ ଫେରି (୧୯୧୫) ବର୍ଷ ଧରି ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିବା ଅବସରରେ ଓଡ଼ିଶାର ଦାରିଦ୍ର୍ୟ ସମ୍ପର୍କରେ ଅବଗତ ହୋଇ 'ୟଙ୍ଗ୍ ଇଣ୍ଡିଆ'ରେ ଏକ ପ୍ରବନ୍ଧ ଲେଖିଥିଲେ (୧୨-୫-୧୯୨୦),ଯା'ର ଶୀର୍ଷକ ଥିଲା ଓଡ଼ିଶାରେ ଦୁଃଖ (ଡିଷ୍ଟ୍ରେସ ଇନ୍ ଓଡ଼ିଶା)। ଏଥିରେ ସେ କହିଛନ୍ତି, ସମଗ୍ର ଭାରତ ବର୍ଷରେ ଓଡ଼ିଶା ଏକ ପବିତ୍ର ତୀର୍ଥଭୂମି, ଯେଉଁଠି ବିରାଜମାନ କରିଛନ୍ତି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ। ୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧିଜୀ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ।

ମାର୍ଚ୍ଚ ୨୭ ତାରିଖରେ ପତ୍ନୀ କସ୍ତୁରବା ଓ ସାନପୁଅ ଦେବଦାସ ସହିତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ, ଯାହାର ସୂଚନା ରହିଛି ଗୁଜରାଟୀ ଯାତ୍ରୀପଣ୍ଡା ଗୋପୀନାଥ ଗୋଛିଏତଙ୍କ ଦସକତୀ ନଥିରେ। ଓଡ଼ିଶାରୁ ଫେରିବା ପରେ ଗାନ୍ଧିଜୀ ଏହି ଦର୍ଶନ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଛନ୍ତି 'ନବଜୀବନ' ପତ୍ରିକାରେ। ଓଡ଼ିଶା ଭ୍ରମଣ ଡାଏରି ଅନ୍ତର୍ଗତ ଜଗନ୍ନାଥ ଦର୍ଶନ ଶୀର୍ଷକ ଲେଖାରେ(୧୦-୪-୧୯୨୧) ସେ କହିଛନ୍ତି, ସାକ୍ଷୀଗୋପାଳସ୍ଥିତ ଗୋପବନ୍ଧୁ ବାବୁଙ୍କ ବିଦ୍ୟାଳୟ ପରିଦର୍ଶନ ପରେ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଗଲାବେଳେ ମୋ ମନକୁ ଆଚ୍ଛନ୍ନ କରି ରଖିଥିଲା ଅନେକ ସକାରାତ୍ମକ ଭାବନା। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମୋର ଏହି ଅନୁଭୂତି ହେଲା ଯେ ପୁରୀ ଦେଉଳ ଯେତିକି ପ୍ରାଚୀନ, ସେତିକି ପ୍ରେରଣାଦାୟୀ। ବହୁ ଉଚ୍ଚତାରେ ନିର୍ମିତ ହୋଇଥିବା ମନ୍ଦିରର ଶିଖରରେ ସୁଦର୍ଶନ ଚକ୍ର(ନୀଳଚକ୍ର)ର ପତାକା ଉଡୁଛି, ଯାହା ପତିତପାବନ ବାନା ନାମରେ ଖ୍ୟାତ। ଗର୍ଭ ଗୃହରେ ସ୍ଥାପିତ ଅଛନ୍ତି ଶ୍ରୀକୃଷ୍ଣ ଓ ତାଙ୍କ ଭାଇ ଭଉଣୀ। ବିଶାଳ ଆକାରର ଏହି ଚତୁର୍ଦ୍ଧା ମୂର୍ତ୍ତି ଦେଖିବାକୁ ଯେତିକି ସୁନ୍ଦର ସେତିକି ରହସ୍ୟମୟ। ଯେଉଁ ସ୍ଥାନରେ ବିଗ୍ରହମାନେ ଉପବେଶନ କରିଛନ୍ତି, ସେ ସ୍ଥାନ ଅନ୍ଧକାରାଚ୍ଛନ୍ନ। ସେଠାକୁ ପ୍ରବେଶ କରିପାରୁନି ବାୟୁ ଓ ଆଲୋକ। ଗୋଟେ ଯୋଡେ ଦୀପ ଜଳୁଛି ଓ ତା'ର କ୍ଷୀଣାଲୋକରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ସେ ଦିବ୍ୟ ଅନୁଭୂତି ଅବିସ୍ମରଣୀୟ।



–ଡ.ପ୍ରଫୁଲ୍ଲ କୁମାର ସାହୁ,
ମୋ: ୬୩୭୧୬୪୨୪୬୪

## Business

# ଇଏଲ୍ଆଇ ଯୋଜନାରେ ୩.୫ କୋଟିରୁ ଅଧିକ ନିଯୁକ୍ତି

■ ୨ବର୍ଷରେ ପ୍ରାୟ ୧ଲକ୍ଷ କୋଟିର ବ୍ୟୟବରାଦ

■ ଅଗଷ୍ଟ ପହିଲାରୁ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୪।୭: (ଅଭୟ ଦାଶ)

ବର୍ତ୍ତମାନ କେନ୍ଦ୍ର ସରକାର ନୂଆ ନିଯୁକ୍ତି ସାଙ୍ଗକୁ କର୍ମନିଯୁକ୍ତି ବଢ଼ାଇବା ସହ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷାକୁ ବୃଦ୍ଧିକରିବା ପାଇଁ ଏକ ଅଭିନବ ଯୋଜନା ପ୍ରସ୍ତୁତି କରୁଛନ୍ତି। ଏପରିକି ଉତ୍ପାଦନ କ୍ଷେତ୍ର ଉପରେ ଅଧିକ ଧ୍ୟାନଦେବା ସହ ପ୍ରଥମ ଥର କାମ କରୁଥିବା ଲୋକଙ୍କୁ ମଧ୍ୟ ସରକାର ପ୍ରୋତ୍ସାହନ ଦେବା ପାଇଁ ୨୦୨୫ ଅଗଷ୍ଟ ପହିଲାରେ ଏକ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲ୍ଆଇ) ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ବିଶେଷ କରି ଏହି ଯୋଜନା ଜରିଆରେ ସରକାର ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ସର୍ବଭାରତୀୟ ସ୍ତରରେ ଏହି ଯୋଜନାକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। କାରଣ ଇଏଲ୍ଆଇ ଯୋଜନାକୁ ନିକଟରେ ଅନୁଷ୍ଠିତ ହୋଇଥିବା କେନ୍ଦ୍ର କ୍ୟାବିନେଟ କମିଟି ବୈଠକରେ ମଞ୍ଜୁର କରାଯାଇଛି। ଏପରିକି ଏହି ଯୋଜନାରେ ସରକାର ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ସହ ୨ ବର୍ଷରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ କୁହାଯାଇଛି। ସେହିପରି ଏହି ଯୋଜନା ବିଶେଷକରି ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱ ଦେଉଥିଲାବେଳେ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଏଲ୍ଆଇ ଯୋଜନା ଅଧୀନରେ ପ୍ରଥମ ଥର କାମ କରୁଥିବା କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ। ଅପରପକ୍ଷରେ ନିଯୁକ୍ତିଦାତାମାନଙ୍କୁ ୨ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟିକରିବା ପାଇଁ ମଧ୍ୟ ପ୍ରୋତ୍ସାହନ ଦିଆଯିବ। ସମୟ କ୍ରମେ ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ୨ ବର୍ଷ ପାଇଁ ବୃଦ୍ଧି କରାଯିବ। ଫଳରେ ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ ବ୍ୟୟବରାଦ ସହ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ୫ଟି ଯୋଜନାର ପ୍ୟାକେଜର ଅଂଶ ଭାବେ ଇଏଲ୍ଆଇ ଯୋଜନା ଘୋଷଣା କରାଯାଇଥିଲା। ଅପରପକ୍ଷରେ ମୋଟ ୧୯,୪୪୬ କୋଟି ଟଙ୍କାର ବ୍ୟୟବରାଦ ସହ ଇଏଲ୍ଆଇ ଯୋଜନାର ଲକ୍ଷ୍ୟ ହେଉଛି ଆସନ୍ତା ୨ବର୍ଷ ମଧ୍ୟରେ ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏଥିମଧ୍ୟରୁ ୧.୯୨ କୋଟି ହିତାଧିକାରୀ ପ୍ରଥମ ଥର ପାଇଁ କର୍ମଶକ୍ତିରେ ପ୍ରବେଶ କରିବେ। ଏହି ଯୋଜନାର ଲାଭ ୨୦୨୫ ଅଗଷ୍ଟ ୧ ରୁ ୨୦୨୭ ଜୁଲାଇ ୩୧ ମଧ୍ୟରେ ସୃଷ୍ଟି ହୋଇଥିବା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ହେବଏବଂ ଏହି ଯୋଜନାର ଦୁଇଟି ଅଂଶ ଅଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍ଓ)ର ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶା ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ଭୁବନେଶ୍ୱର କାର୍ଯ୍ୟାଳୟରେ କରାଯାଇଥିଲା। ଏହି ସମ୍ମିଳନୀରେ ଏପିଏଫ୍ସି (ଓଡ଼ିଶା ଜୋନ୍) ଉମା ମଣ୍ଡଳଙ୍କ ସମେତ ଆର୍ପିଏଫ୍ସି-୧ (ଓଡ଼ିଶା ଜୋନ୍) ଏସ୍.କେ. ପାଢ଼ୀ, ଆର୍ପିଏଫ୍ସି-୧ (ଆର୍ଓ ଭୁବନେଶ୍ୱର) ରାଜଶ୍ରୀ ଚକମା, ଆର୍ପିଏଫ୍ସି-୨ (ଆର୍ଓ କେନ୍ଦୁଝର ଏବଂ ନୋଡାଲ ଅଫିସର ଇଏଲ୍ଆଇ) ଗୌରଭ ମହାନ୍ତି ଏବଂ ଆର୍ପିଏଫ୍ସି-୨ (ଆର୍ଓ ଭୁବନେଶ୍ୱର ଏବଂ ନୋଡାଲ ଅଫିସର ଇଏଲ୍ଆଇ) ମୌସୁମୀ ଲତା ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ଓ ଇଏଲ୍ଆଇ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ସହ ସୂଚନା ପ୍ରଦାନ କରିଥିଲେ।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୪।୭

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୯୩ (୧୯୩.୪୨) ପଏଣ୍ଟ ବୃଦ୍ଧି ଘଟି ୮୩,୪୩୩ (୮୩,୪୩୨.୮୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୫୬ (୫୫.୭୦) ପଏଣ୍ଟ ବଢ଼ି ୨୫,୪୬୧(୨୫,୪୬୧.୦୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଓବି ଫ୍ଲେକ୍ସି ସିଷ୍ଟମେଟିକ୍ ଡିପୋଜିଟ୍ ପ୍ଲାନ୍

ଭୁବନେଶ୍ୱର,୪।୭

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ନୂତନ ଉତ୍ପାଦ ତଥା ବିଓବି ଫ୍ଲେକ୍ସି ସିଷ୍ଟମେଟିକ୍ ଡିପୋଜିଟ୍ ପ୍ଲାନ୍ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଆର୍ଥିକ ପରିବେଶରେ ଗ୍ରାହକମାନେ ଏଭଳି ସଞ୍ଚୟ ସମାଧାନ ସନ୍ଧାନ କରୁଛନ୍ତି, ଯାହା ସେମାନଙ୍କ ବ୍ୟକ୍ତିଗତ ଆର୍ଥିକ ଲକ୍ଷ୍ୟ ପୂରଣ କରିପାରିବ। ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଓବି ପକ୍ଷରୁ ଏକ ଅଭିନବ ଓ ବିକଳ୍ପ ଯୁକ୍ତ ରିକରିଂ ଜମା ଉତ୍ପାଦ ବିଓବି ଫ୍ଲେକ୍ସି ସିଷ୍ଟମେଟିକ୍ ଡିପୋଜିଟ୍ ପ୍ଲାନ୍ (ବିଓବି ଫ୍ଲେକ୍ସି ଏସ୍ଡିପି)କୁ ନିକଟରେ ଉନ୍ମୋଚନ କରାଯାଇଛି। ଏହା ଗ୍ରାହକମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଅନୁସାରେ ମାସିକ ନିବେଶ ବଢ଼ାଇବାର ସୁବିଧା ପ୍ରଦାନ କରୁଛି। ବିଓବି ଫ୍ଲେକ୍ସି ସିଷ୍ଟମେଟିକ ଡିପୋଜିଟ୍ ପ୍ଲାନ୍ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଜମା ଅବଧିରେ ଅଧିକ ରିଟର୍ନ ପ୍ରଦାନ କରୁଛି, ଯାହା ନିବେଶ ପୋର୍ଟଫୋଲିଓକୁ ସ୍ଥିରତା ଦେଉଛି ଏବଂ ଗ୍ରାହକମାନଙ୍କୁ ସେମାନଙ୍କ ମାସିକ କିସ୍ତି ନିଜର ଆର୍ଥିକ ସ୍ଥିତି ଅନୁସାରେ ବଢ଼ାଇପାରିବାର ବିକଳ୍ପ ପ୍ରଦାନ କରୁଛି। ପାରମ୍ପରିକ ରିକରିଂ ଜମା (ଆର୍ଡି)ରେ ମାସିକ ନିର୍ଦ୍ଧିଷ୍ଟ ରାଶି ନିବେଶ ଜରିଆରେ ନିୟମିତ ସଞ୍ଚୟକୁ ଉତ୍ସାହିତ କରାଯାଇଥାଏ। ମାତ୍ର ବିଓବି ଫ୍ଲେକ୍ସି ଏସ୍ଡିପି ଗ୍ରାହକମାନଙ୍କୁ ସେମାନଙ୍କ ମାସିକ ଜମା ରାଶିକୁ ମୂଳ କିସ୍ତି ରାଶିର ୧୦ ଗୁଣା ପର୍ଯ୍ୟନ୍ତ ବଢ଼ାଇବା ସହ ସର୍ବାଧିକ ମାସିକ ୧ ଲକ୍ଷ ଟଙ୍କା କିସ୍ତି ଦେବାର ସୁବିଧା ପ୍ରଦାନ କରୁଛି। ବିଓବି ଫ୍ଲେକ୍ସି ଏସ୍ଡିପି ପିଲାଙ୍କ ପାଠପଢ଼ା, ବିବାହ, ଭ୍ରମଣ କିମ୍ବା ଜରୁରିକାଳୀନ ସ୍ଥିତି ପାଇଁ ଆର୍ଥିକ ପାଣ୍ଠି ଗଠନ କରିବା ଲାଗି ଉପଯୁକ୍ତ କରିପାରିଛି। ବିଓବି ଫ୍ଲେକ୍ସି ଏସ୍ଡିପିର ଅନ୍ୟତମ ସୁବିଧା ହେଉଛି ଯଦିଓ ଅବଦାନ ରାଶି ମାସିକିଆ ଭିତ୍ତିରେ ଦିଆଯାଉଛି, ତଥାପି ଗ୍ରାହକମାନେ ଚାହିଲେ ନିଜ ଜମାର ପୁରା ଅବଧି ପାଇଁ ନିର୍ଦ୍ଧିଷ୍ଟ କିମ୍ବା ଉଚ୍ଚ ସୁଧ ହାର ଧାର୍ଯ୍ୟ କରିପାରିବେ। ପରବର୍ତ୍ତୀ ଜମା ରାଶିଗୁଡ଼ିକ କମ୍ ଅବଧି ପାଇଁ ଦିଆଗଲେ ମଧ୍ୟ ସେମାନେ ସାରା ଅବଧି ପାଇଁ ଅଧିକ ସୁଧ ପାଇପାରିବେ। ଯଦି କୌଣସି ଗ୍ରାହକ ୨ ବର୍ଷିଆ ବିଓବି ଫ୍ଲେକ୍ସି ଏସ୍ଡିପି ଚୟନ କରିବେ ତେବେ ତାଙ୍କୁ ପ୍ରଯୁଜ୍ୟ ସୁଧ ହାର ବାର୍ଷିକ ୬.୫୦% (ବରିଷ୍ଠ ନାଗରିକଙ୍କୁ ୭% ଓ ସୁପର ସିନିୟରଙ୍କୁ ବାର୍ଷିକ ୭.୧୦%) ସୁଧ ସମସ୍ତ ୨୪ଟି ମାସିକିଆ କିସ୍ତି ପାଇଁ ପ୍ରଦାନ କରାଯିବ, ଯଦିଓ ପରବର୍ତ୍ତୀ ମାସିକିଆ କିସ୍ତିଗୁଡ଼ିକ ପ୍ରକୃତରେ ୨ ବର୍ଷପାଇଁନିବେଶ ହୋଇନାହିଁ।

# ଆକ୍ସିସ ସର୍ଭିସ ଅପର୍ଚୁନିଟି ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,୪।୭

ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ତଥା ଏକ ଓପନ ଏଣ୍ଡେଡ ଇକ୍ୱିଟି ସ୍କିମ 'ଆକ୍ସିସ ସର୍ଭିସ ଅପର୍ଚୁନିଟିଜ ଫଣ୍ଡ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ନୂଆ ଫଣ୍ଡ ଅଫର ୨୦୨୫ ଜୁଲାଇ ୧୮ରେ ବନ୍ଦ ହେବ। ଆକ୍ସିସ ସର୍ଭିସେସ ଅପର୍ଚୁନିଟିଜ ଫଣ୍ଡ ଗ୍ରାହକମାନଙ୍କୁ ସ୍ୱତନ୍ତ୍ର କମ୍ପାନିଗୁଡ଼ିକର ପୋର୍ଟଫୋଲିଓ ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହା ଭାରତର ସେବା ପରିଚାଳିତ ଅର୍ଥନୈତିକ ରୂପାନ୍ତରଣରେ ଆଗରେ ରହିଛି। ଏହି ଫଣ୍ଡର ଲକ୍ଷ୍ୟ ହେଉଛି ବ୍ୟାପକ, ପ୍ରୁ ପ୍ରଭାବଶାଳୀ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ଆଗରେ ଥିବା ବ୍ୟବସାୟରେ ନିବେଶ କରି ଦୀର୍ଘକାଳୀନ ସଂପତି ସୃଷ୍ଟି କରିବା। ଆକ୍ସିସ ଏଏମସିର ଏମଡି ଓ ସିଇଓ ବି ଗୋପକୁମାର କହିଛନ୍ତି, ଭାରତର ଭବିଷ୍ୟତ ଅଭିବୃଦ୍ଧି ସେବା ଆଧାରିତ ବୃଦ୍ଧି ଦ୍ୱାରା ଆଗକୁ ବଢ଼ିବା ଆଶା କରାଯାଉଥିବା ବେଳେ ଏହି କ୍ଷେତ୍ରରେ ଢ଼ାଞ୍ଚାଗତ ପରିବର୍ତ୍ତନ ଉଭୟ ଗଭୀର ଓ ଦୀର୍ଘସ୍ଥାୟୀ ରହିଛି। ଆକ୍ସିସ ସର୍ଭିସେସ ଅପର୍ଚୁନିଟିଜ ଫଣ୍ଡ ସହ ଆମେ ନିବେଶକମାନଙ୍କୁ ପ୍ରତ୍ୟକ୍ଷ ଭାବେ ପରିଚାଳିତ ଏକ ମାଧ୍ୟମ ପ୍ରଦାନ କରୁଛୁ, ଯାହା ଏହି ଦୀର୍ଘକାଳୀନ ରୂପାନ୍ତରଣ ଉପରେ ପର୍ଯ୍ୟବେସିତ ରହିଛି,ବ୍ୟାଙ୍କିଙ୍ଗ ଭଳି ପାରମ୍ପରିକ କ୍ଷେତ୍ରଠାରୁ ଆରମ୍ଭ କରି ଇ-କମର୍ସ, ଫିନଟେକ ଓ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ର ପର୍ଯ୍ୟନ୍ତ ଏହି ଫଣ୍ଡ ଭାରତର ଶ୍ରେଷ୍ଠ ସେବା କାହାଣୀକୁ ନେଇ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି। ଗୁଣାତ୍ମକ ଚିହ୍ନଟ, ପୁଞ୍ଜିପ୍ରଭାବୀ ବ୍ୟବସାୟ ଭଳି ଆମର ଦୀର୍ଘକାଳୀନ ନିବେଶ ଆଭିମୁଖ୍ୟ ସହ ସମନ୍ୱିତ ହୋଇଛି, ଯାହା ବିଭିନ୍ନ ସମୟ ଚକ୍ରରେ ସଫଳ ହେବ ଏବଂ ଉତ୍କୃଷ୍ଟ ରିସ୍କ ଆଧାରିତ ରିଟର୍ଣ୍ଣ ପ୍ରଦାନ କରିବ।

# ମାଲାବାରର ଲ୍ୟାଣ୍ଡମାର୍କ ସମନ୍ୱିତ ଉତ୍ପାଦନ ସ୍ଥଳ ଉଦ୍ଘାଟିତ

ଭୁବନେଶ୍ୱର,୪।୭

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଏକ ଲ୍ୟାଣ୍ଡମାର୍କ ସମନ୍ୱିତ ଉତ୍ପାଦନ ସ୍ଥଳ ଶୁକ୍ରବାର ତେଲଙ୍ଗାନାର ହାଇଦ୍ରାବାଦଠାରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରୁପ୍ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ, ଉପାଧ୍ୟକ୍ଷ ଅବଦୁଲ୍ ସଲାମ୍ କେ.ପି, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ର ଏମ୍ଡି (ଇଣ୍ଡିଆ ଅପରେଶନ୍ସ) ଆଶେର ଓ, ଇଡି ନିଷାଦ ଏ.କେଙ୍କ ସମେତ ମାଲାବାର ଗ୍ରୁପ୍ର ବରିଷ୍ଠ ପରିଚାଳନା ଦଳର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମହେଶ୍ୱରମ୍ ରଙ୍ଗାରେଡ୍ଡୀ ଜିଲାର ଜେନେରାଲ ପାର୍କରେ ଅବସ୍ଥିତ ଏହି ୟୁନିଟ୍ ୩.୪୫ ଲକ୍ଷ ବର୍ଗଫୁଟ ପରିମିତ ଜମି ଉପରେ ବିସ୍ତାରିତ ହୋଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍ର ଅଧ୍ୟକ୍ଷ ଏମ୍ପି ଅହମ୍ମଦ କହିଥିଲେ, ହାଇଦ୍ରାବାଦରେ ଆମର ଅତ୍ୟାଧୁନିକ ସମନ୍ୱିତ ଅଳଙ୍କାର ଉତ୍ପାଦନ ୟୁନିଟ୍ ରହିଛି; ଯାହା ପରମ୍ପରା, କଳା, ଆଧୁନିକତା ଏବଂ ସଠିକତାକୁ ମିଶ୍ରଣ କରିଥାଏ। ଏକ ନୂତନ ଯୁଗର ଅଳଙ୍କାର ଉତ୍ପାଦନର ଚିହ୍ନ ପ୍ରଦାନ କରିଥାଏ।



# ଆଇଟିସିର ନୂତନ ଅଭିଯାନ

ଭୁବନେଶ୍ୱର,୪।୭

ଆଇଟିସି ଲିମିଟେଡ୍ର ନୂତନ ଅଭିଯାନ ତଥା 'ଆୟୋଡିନ ର ତିଳକ' କାର୍ଯ୍ୟକ୍ରମ ନିକଟରେ ଆରମ୍ଭ ହୋଇଯାଇଛି। ଏପରିକି ପୁରୀ ରଥଯାତ୍ରା ଅବସରରେ ଆଇଟିସି ଆଶୀର୍ବାଦ ଲୁଣ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ତାହାର 'ଆୟୋଡିନ ର ତିଳକ' ଅଭିଯାନ ସହ ପ୍ରତ୍ୟାବର୍ତ୍ତନ କରିଛି। ଚଳିତ ବର୍ଷ ଏହି ବ୍ରାଣ୍ଡ ଆୟୋଡିନର ଗୁରୁତ୍ୱ ସମ୍ପର୍କରେ ଜନ ସମୁଦାୟଙ୍କୁ ପ୍ରଶିକ୍ଷିତ କରିବା ସହ ଏ ସମ୍ପର୍କିତ ଆଲୋଚନାକୁ ଆଗକୁ ବଢାଇବା ଏବଂ କାହାଣୀ କଥନର କଳା ଜରିଆରେ ଦର୍ଶକଙ୍କ ସହିତ ଭାବପ୍ରବଣ ଭାବେ ଯୋଡିହେବାକୁ ଏକ ଶକ୍ତିଶାଳୀ ନୂଆ ମାଧ୍ୟମ ପଥ ନାଟକ ଆରମ୍ଭ କରିଛି। ଏହି ପଥପ୍ରାନ୍ତ ନାଟକ ରଥ ଯାତ୍ରାର କାହାଣୀ ଏବଂ ପ୍ରତିଦିନ ଆହାରରେ ଆୟୋଡିନର ଗୁରୁତ୍ୱକୁ ଏକତ୍ରିତ କରୁଛି। ଆଇଟିସି ଲିମିଟେଡ୍ର ସିଓଓ (ଫୁଡସ ଡିଭିଜନ) ଅନୁଜ ରୁସ୍ତଗୀ କହିଥିଲେ, ଆୟୋଡିନର ତିଳକ ଅଭିଯାନ ସହ ଆମେ ଭାରତୀୟ ପରିବାରଗୁଡିକୁ ଆୟୋଡିନ ଅଭାବଜନିତ ଆପଦ ସମ୍ପର୍କରେ ପ୍ରଶିକ୍ଷିତ କରିବା ଜାରି ରଖିଛୁ। ଏପରିକି ଆୟୋଡିନଯୁକ୍ତ ଲୁଣ ମସ୍ତିଷ୍କର ବିକାଶ ସହିତ ରୋଗ ଶକ୍ତିରୁ ମଧ୍ୟ ଆମକୁ ରକ୍ଷା କରିଥାଏ। ବିଶେଷକରି ପିଲାମାନଙ୍କ ପାଇଁ ଆୟୋଡିନର ଆବଶ୍ୟକତା ପୂରଣ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଚଳିତ ବର୍ଷ ପଥପ୍ରାନ୍ତ ନାଟକ ଜରିଆରେ ଆମେ ଏହି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାକୁ ସିଧାସଳଖ ଜନ ସମୁଦାୟଙ୍କ ନିକଟରେ ପହଞ୍ଚାଉଛୁ। ଏହି ପ୍ରୟାସ ଜରିଆରେ ଦୈନନ୍ଦିନ କାର୍ଯ୍ୟ ଭାବେ ଆଶୀର୍ବାଦ ଲୁଣରୁ ଥରକରେ ଚିମୁଟାଏ ଲୁଣ ପ୍ରତ୍ୟେକ ରୋଷେଇଘରେ ପୁଷ୍ଟିସାଧନ ସହଯୋଗୀ ଭାବେ ବ୍ୟବହାର କରିବାର ଅଭ୍ୟାସ ସୃଷ୍ଟି ଆଶା କରୁଛୁ।

# ବ୍ରୁକ୍, ସ୍ମିଥ୍‌ଙ୍କ ତ୍ରିଶତକୀୟ ଭାଗୀଦାରି



ତ୍ରିଶତକୀୟ ଭାଗୀଦାରି ଅବସରରେ ଜେମି ସ୍ମିଥ୍ ଓ ହ୍ୟାରୀ ବ୍ରୁକ୍।

**ବର୍ମିଂହାମ, ୪।୭**

ଏଜ୍‌ବାଷ୍ଟନରେ ଚାଲିଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ କ୍ରିକେଟ ଟେଷ୍ଟ ବିଭିନ୍ନ ସମୟରେ ରୋଚକ ମୋଡ଼ ନେବାରେ ଲାଗିଛି। ଭାରତର ପ୍ରଥମ ଇନିଂସ ସ୍କୋର ୫୮୭ ରନ ଜବାବରେ ଇଂଲଣ୍ଡ ଏକଦା ୮୪ ରନରେ ୫ ଉଇକେଟ ହରାଇ ଫଲୋଅନ ଆଶଙ୍କାରେ ରହିଥିଲା। ମାତ୍ର ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ ଶତକ ହାସଲ କରିବା ସହ ୬ଷ୍ଠ ଉଇକେଟରେ ତ୍ରିଶତକୀୟ ଭାଗୀଦାରି ଗଢ଼ି ଇଂଲଣ୍ଡ ଇନିଂସକୁ ସମ୍ଭାଳି ନେଇଛନ୍ତି। ଫଳରେ ଇଂଲଣ୍ଡ ଫଲୋଅନ ଏଡ଼ାଇଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୩୯୨ ରନ ସଂଗ୍ରହ କରିଛି। ବ୍ରୁକ୍ ୨୩୪ ବଲ୍‌ରୁ ୧୫୮ (୧୭ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ସ୍ମିଥ କ୍ୟାରିୟରର ଶ୍ରେଷ୍ଠ ୧୭୧ (୧୯୧ ବଲ, ୨୦ ଚୌକା, ୩ ଛକା) ରନରେ ଅପରାଜିତ ରହିଛନ୍ତି। ୬ଷ୍ଠ ଉଇକେଟରେ ଏ ଦୁହେଁ ୩୬୮ ବଲ୍‌ରୁ ୩୦୩ ରନ ଯୋଡ଼ିଛନ୍ତି। ହାତରେ ୪ଉଇକେଟ ସୁରକ୍ଷିତ ଥାଇ ଇଂଲଣ୍ଡ ଆଉ ୧୯୫ ରନ ପଛରେ ରହିଛି। ଭାରତ ପକ୍ଷରୁ ମହମ୍ମଦ ସିରାଜ ଆକାଶ ଦୀପ ୩ଟି ଲେଖାଏ ଉଇକେଟ ନେଇଛନ୍ତି। ଦ୍ୱିତୀୟ ସେସନରେ ଭାରତୀୟ ବୋଲରମାନେ ଉଇକେଟ ହାସଲ କରିପାରି ନ ଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୭୭/୩ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ତୃତୀୟ ଦିବସରେ ଆଉ ମାତ୍ର ୭ ରନ ଯୋଗକରି ନିର୍ଭରଯୋଗ୍ୟ ଜୋ ରୁଟ୍‌ଙ୍କ ଉଇକେଟ ହରାଇଥିଲା। କେବଳ ସେତିକି ନୁହେଁ, ମହମ୍ମଦ ସିରାଜ ଏହାର ପରବର୍ତ୍ତୀ ବଲ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍‌ସଙ୍କୁ ଆଉଟ କରି ଘରୋଇ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ରୁଟ୍ ୨୨ ରନ କରିଥିବାବେଳେ ଷ୍ଟୋକ୍‌ସ ଡକ୍ (୦)ରେ ପ୍ୟାଭିଲିୟନ ଫେରିଥିଲେ। ଫଲୋଅନ ଏଡ଼ାଇବାକୁ ଇଂଲଣ୍ଡ ୩୮୮ ରନ ଆବଶ୍ୟକ କରୁଥିବାବେଳେ ଶୀଘ୍ର ୫ ଉଇକେଟ ହରାଇବାରୁ ବିପଦରେ ପଡ଼ିଥିଲା। ମାତ୍ର ବ୍ରୁକ୍‌ଙ୍କ ସହ ଉଇକେଟ କିପର ଜେମି ସ୍ମିଥ କ୍ରିଜରେ ଯୋଗଦେବାରେ ସ୍ଥିତି ବଦଳିଥିଲା। ବ୍ରୁକ୍ ସତର୍କତାର ସହ ବ୍ୟାଟିଂ କରିଥିବାବେଳେ ସ୍ମିଥ ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତ ହାତରୁ ମୋମେଣ୍ଟମ ଛଡ଼ାଇ ନେଇଥିଲେ। ଭାରତୀୟ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ବ୍ରୁକ୍ କ୍ୟାରିୟରର ୯ମ ଏବଂ ସ୍ମିଥ ଦ୍ୱିତୀୟ ଶତକ ହାସଲ କରିଥିଲେ। ବ୍ରୁକ୍ ଓ ରୁଟ୍‌ଙ୍କ ସହାୟତାରେ ଇଂଲଣ୍ଡ ପ୍ରଥମଥର ପାଇଁ ୬ଷ୍ଠ କିମ୍ବା ତା'ଠାରୁ ନିମ୍ନରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ିଥିଲା। ପୂର୍ବରୁ ଜୋ ରୁଟ୍ ଓ ଜେମ୍ସ ଆଣ୍ଡରସନ ୨୦୧୪ରେ ଟ୍ରେଣ୍ଟବ୍ରିଜ୍‌ଠାରେ ୧୦ମ ଉଇକେଟରେ ୧୯୮ ରନ ଯୋଗ କରିଥିଲେ। ଏହା ଏବେ ମଧ୍ୟ ଟେଷ୍ଟ

**ଦ୍ୱିତୀୟ ଟେଷ୍ଟ**

କ୍ରିକେଟରେ ୧୦ମ ଉଇକେଟ ସର୍ବାଧିକ ପାର୍ଟନରଶିପ୍ ରେକର୍ଡ ହୋଇ ରହିଛି। ୬ଷ୍ଠ କିମ୍ବା ତା'ଠାରୁ ନିମ୍ନ ପାର୍ଟନରଶିପ୍‌ରେ କୌଣସି ଏକ ଟେଷ୍ଟରେ ୨ଥର ଦ୍ୱିଶତକୀୟ ଭାଗୀଦାରି ହେବା ଏହା ତୃତୀୟ ଦୃଷ୍ଟାନ୍ତ। ପୂର୍ବରୁ ୧୯୫୫ରେ ବ୍ରିଜଟାଉନ୍‌ରେ ୱେଷ୍ଟଇଣ୍ଡିଜ-ଅଷ୍ଟ୍ରେଲିଆ ଏବଂ ୨୦୦୯ରେ ଭାରତ-ଶ୍ରୀଲଙ୍କା ଟେଷ୍ଟରେ ଏହା ହୋଇଥିଲା। ଏଠାରେ ଭାରତ ପ୍ରଥମ ଇନିଂସ ଅବସରରେ ରବୀନ୍ଦ୍ର ଜାଡେଜା ଓ ଶୁବମନ ଗିଲ୍ ୨୦୩ ରନ୍‌ର ଭାଗୀଦାରି ଗଢ଼ିଥିଲେ। ତୃତୀୟ ଦିବସର ପ୍ରଥମ ସେସନରେ ଭାରତୀୟ ବୋଲରମାନେ ୧୭୨ ରନ ବ୍ୟୟ କରିଥିଲେ। ଭାରତୀୟ ବୋଲରଙ୍କ କ୍ଷେତ୍ରରେ ଏହା ତୃତୀୟ ସର୍ବାଧିକ। ୨୦୧୫ରେ ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୧୩ ଓ ୨୦୨୪ରେ ରାଜକୋଟରେ ଇଂଲଣ୍ଡ ବିପକ୍ଷରେ ଭାରତୀୟ ବୋଲରମାନେ ପ୍ରଥମ ସେସନରେ ୧୭୬ ରନ ବ୍ୟୟ କରିଥିଲେ।

# ଦୁର୍ଘଟଣାରେ ଡିଏଗୋ ଜୋଟାଙ୍କ ମୃତ୍ୟୁ

**ମାଡ୍ରିଡ୍,୪।୭(ଏପି)**

ଲିଭରପୁଲ ଖେଳାଳି ଡିଏଗୋ ଜୋଟା ଓ ତାଙ୍କ ଭାଇ ଗୁରୁବାର ସ୍ପେନରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଦୁର୍ଘଟଣା ପରେ ସେମାନଙ୍କ ଲାମ୍ବୋରଗିନି କାରରେ ନିଆଁ ଲାଗି ଯାଇଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସ୍ପେନର ଉତ୍ତରପଶ୍ଚିମ ସହର ଜମୋରା ନିକଟରେ ୨୮ ବର୍ଷୀୟ ଜୋଟା ଓ ୨୫ ବର୍ଷୀୟ ଆନ୍ଦ୍ରେ ସିଲ୍‌ଭାଙ୍କ ମୃତଦେହ ଠାବ କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିଲା ବେଳେ ପୋଲିସ ଦୁର୍ଘଟଣା ପଛର କାରଣ ଜାଣିବାକୁ ତଦନ୍ତ ଚଳାଇଛି। ଏହି ଦୁର୍ଘଟଣାରେ ଅନ୍ୟ କୌଣସି ଗାଡ଼ି କିମ୍ବା କାର୍ ସମ୍ପୃକ୍ତ ନ ଥିଲା। ମୃତଦେହକୁ ଫୋରେନ୍ସିକ ଆନାଲିସିସ୍ ପାଇଁ ପଠାଇ ଦିଆଯାଇଛି। କାର୍‌ରେ ଲାଗିଥିବା ନିଆଁ ଯୋଗୁ ଆଖପାଖରେ କେତୋଟି ଗଛ ପୋଡ଼ିଯାଇଥିଲା। ତେବେ ଦୁର୍ଘଟଣା ବେଳେ କାର୍ କିଏ ଚଳାଉଥିଲେ, ତାହା ସ୍ପଷ୍ଟ ହୋଇପାରି ନାହିଁ। ଅନ୍ୟ ଗାଡ଼ିକୁ ଓଭରଟେକ କଲାବେଳେ ଟାୟାର ଫାଟି ଯିବାରୁ କାରରେ ନିଆଁ ଲାଗିଯାଇଥାଇପାରେ ବୋଲି ସ୍ପାନିଶ ସିଭିଲ ଗାର୍ଡ ପକ୍ଷରୁ କୁହାଯାଇଛି।




ଡୁରାଣ୍ଡ କପ୍ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି (ବାମରୁ ଡାହାଣ) ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏୟାର ମାର୍ଶଲ ଅମରପ୍ରୀତ ସିଂ, ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ, ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚିତ

**ନୂଆଦିଲ୍ଲୀ, ୪।୭ (ପି.ଟି.)**

ଏସିଆର ସବୁଠାରୁ ପୁରାତନ ଡୁରାଣ୍ଡ କପ୍ ଫୁଟବଲର ୧୩୪ତମ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ଆର୍ମି ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ୫ଟି ରାଜ୍ୟରେ ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ତୃତୀୟ ସର୍ବପୁରାତନ ଟୁର୍ନାମେଣ୍ଟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଖେଳାଯିବ। ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଟୁର୍ନାମେଣ୍ଟର ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଇଭେଣ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ, ଚିଫ୍ ଅଫ୍ ଇଣ୍ଡିଆନ ଆର୍ମି ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଇଣ୍ଡିଆନ ଏୟାର ଫୋର୍ସ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ୍ ସିଂ ଓ ଚିଫ୍ ଅଫ୍ ଇଣ୍ଡିଆ ନ୍ୟାଭି ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରି କହିଥିଲେ, କ୍ରୀଡ଼ା ହେଉଛି ଏକ ମାଧ୍ୟମ ଯାହା ଶୃଙ୍ଖଳା, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ ଏବଂ ବିଭିନ୍ନ ଧର୍ମ, ଭାଷାଭାଷୀର ଲୋକ ଏବଂ ଦେଶକୁ ଯୋଡ଼ିବା କ୍ଷେତ୍ରରେ ସହାୟକ ହୋଇଥାଏ।

# ଭାରତ ଆଜି ଥାଇଲାଣ୍ଡକୁ ଭେଟିବ

**ଚିଆଙ୍ଗ ମାଇ, ୪।୭(ପି.ଟି.)**

ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ହେବାକୁଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିବାକୁ ହେଲେ ଭାରତକୁ ଶନିବାର ଥାଇଲାଣ୍ଡକୁ ପରାସ୍ତ କରିବାକୁ ପଡ଼ିବ। ଭାରତ ପୂର୍ବରୁ କେବେ ହେଲେ ଥାଇଲାଣ୍ଡକୁ ପରାସ୍ତ କରି ନାହିଁ କିମ୍ବା କ୍ୱାଲିଫାୟର୍ସ ଜରିଆରେ ଏଏଫ୍‌ସି ମହିଳା ଏସିଆନ କପ୍ ଖେଳି ନାହିଁ। 'ବ୍ଲୁ ଟାଇଗ୍ରେସ୍' ଦଳ ୨୦୦୩ରେ ମହାଦେଶର ଏହି ପ୍ରମୁଖ ଟୁର୍ନାମେଣ୍ଟ ଅବଶ୍ୟ ଖେଳିଥିଲା, କିନ୍ତୁ ସେତେବେଳେ ଯୋଗ୍ୟତା ହାସଲ ବ୍ୟବସ୍ଥା ଲାଗୁ ହୋଇ ନ ଥିଲା। ପୁନଶ୍ଚ ୨୦୨୨ରେ ଆୟୋଜକ ଦେଶ ଭାବେ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିଲା। ମାତ୍ର ଦଳରେ କୋଭିଡ଼ ସଂକ୍ରମଣ ଯୋଗୁ ଏଥିରୁ ଓହରିଯାଇଥିଲା। ଦୁଇମାସରୁ ଅଧିକ ସମୟ ଧରି ନିରନ୍ତର ପରିଶ୍ରମ ପରେ ଭାରତ ନିଜ ଗ୍ରୁପ୍‌ରେ ତିନୋଟି ମ୍ୟାଚରେ ବିଜୟ ହାସଲ କରି ପ୍ରଥମ ଥର ୨୦୨୭ ଫିଫା ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଦୌଡ଼ରେ ରହିବା ଲାଗି ବଡ଼ ସ୍ୱପ୍ନ



ଟ୍ରେନିଂ ସେସନରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

**ଏଏଫ୍‌ସି ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ**

ଦେଖିଛି। ଯୋଗ୍ୟତା ହାସଲ କରିପାରିଲେ ଭାରତୀୟ ଫୁଟ୍‌ବଲ ପାଇଁ ବଡ଼ ଉପଲବ୍ଧି ହେବ ବୋଲି କୋଚ୍ କ୍ରିସ୍‌ପିନ୍ ଚେତ୍ରୀ କହିଛନ୍ତି। ର୍‍ୟାଙ୍କିଙ୍ଗ ତାଲିକାରେ ଥାଇଲାଣ୍ଡ ବର୍ତ୍ତମାନ ୪୬ତମ ସ୍ଥାନରେ ଭାରତଠାରୁ ୨୪ ସ୍ଥାନ ଉପରେ ରହିଛି। କ୍ୱାଲିଫାୟର୍ସରେ ଉଭୟ ଦଳ ତିନୋଟି ଲେଖାଏଁ ମ୍ୟାଚ ଜିତିଛନ୍ତି। ଭାରତ ୧୩-୦ରେ ମଙ୍ଗୋଲିଆ, ୪-୦ରେ ତିମୋର ଲେସ୍ତେ ଏବଂ ଇରାକକୁ ୫-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଥାଇଲାଣ୍ଡ ସମାନ ପ୍ରତିଦ୍ୱନ୍ଦ୍ୱୀଦଳକୁ ଯଥାକ୍ରମେ ୧୧-୦, ୪-୦ ଓ ୭-୦ ଗୋଲରେ ହରାଇ ଦେଇଛି। ଉଭୟ ଦଳର ଗୋଲ ସଂଖ୍ୟା ୨୨ ରହିଥିବାରୁ ଶନିବାର ଏକ ନକ୍‌ଆଉଟ ମ୍ୟାଚ ଖେଳାଯିବ ବୋଲି କୁହାଯାଇପାରେ। ୯୦ ମିନିଟ ଖେଳ ପରେ ଯଦି ଏହି ମ୍ୟାଚ ଡ୍ର ରୁହେ ତେବେ ପେନାଲ୍‌ଟି ଜରିଆରେ ଅଷ୍ଟ୍ରେଲିଆ ଟିକେଟ ନିରୁପିତ ହେବ।

# ସ୍ୱର୍ଣ୍ଣ ବିଜୟରେ ଦଣ୍ଡସେନାଙ୍କ ହ୍ୟାଟ୍ରିକ

**ଭୁବନେଶ୍ୱର, ୪।୭ (ତପନ ସ୍ୱାଇଁ)**

ଇଂଲଣ୍ଡର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଓଡ଼ିଶାର ଅଶୋକ ଦଣ୍ଡସେନା। ପୂର୍ବରୁ ୮୦୦ ଓ ୧୫୦୦ ମିଟରରେ ସ୍ୱର୍ଣ୍ଣ ଜିତି ସାରିଥିବା ଦଣ୍ଡସେନା ଶୁକ୍ରବାର ପୁରୁଷ ୫୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କରାଟେର ପୁରୁଷ ୮୪ କେଜି ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି ରିତେଶ ରାୟ। ଏଥିରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଅଭିଷେକ ପଟ୍ଟନାୟକ। ଏଥିସହ ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ସୁସ୍ମିତା

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

**ଅଶୋକ ଦଣ୍ଡସେନା**
- ୮୦୦ ମିଟରରେ ସ୍ୱର୍ଣ୍ଣ
- ୧୫୦୦ ମିଟରରେ ସ୍ୱର୍ଣ୍ଣ
- ୫୦୦୦ ମିଟର ରେ ସ୍ୱର୍ଣ୍ଣ

ଟିଗା ମହିଳା ୧୫୦୦ ମିଟରରେ ସ୍ୱର୍ଣ୍ଣ ଓ ୮୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ଏବଂ ୬୪ କେଜିରୁ କମ୍ ବର୍ଗରେ ଭଗବାନ ରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ଓଡ଼ିଶା ପୋଲିସକୁ ଅନ୍ତର୍ଜାତୀୟ ମଞ୍ଚରେ ଗର୍ବିତ କରାଇଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ। ଏଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟ ସାର୍ବଜନିନ ସୁରକ୍ଷା ସଂସ୍ଥାନର ଶ୍ରେଷ୍ଠ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥାନ୍ତି।





ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଶୁକ୍ରବାର ସ୍ୱର୍ଣ୍ଣ ପଦକ ବିଜୟୀ ଅଶୋକ ଦଣ୍ଡସେନା ଓ ରିତେଶ ରାୟ।

# ଆଜି ନୀରଜ ଚୋପ୍ରା କ୍ଲାସିକ

**୯୦ ମିଟରରୁ ଊର୍ଦ୍ଧ୍ୱ ଜାଭେଲିନ୍ ଥ୍ରୋ ଲକ୍ଷ୍ୟ**

**ବେଙ୍ଗାଲୁରୁ, ୪।୭**

ନୀରଜ ଚୋପ୍ରା କ୍ଲାସିକ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଶନିବାର ଏଠାରେ ଅନୁଷ୍ଠିତ ହେବ। ଭାରତର ତାରକା ଆଥ୍‌ଲେଟ ନୀରଜ ଚୋପ୍ରାଙ୍କ ନାମରେ ଏହା ନାମିତ ହୋଇଛି। ଚଳିତ ସିଜନରେ ଦ୍ୱିତୀୟ ଥରପାଇଁ ୯୦ ମିଟର ଜାଭେଲିନ୍ ଫିଙ୍ଗିବାକୁ ଲକ୍ଷ୍ୟ ରଖିଥିବା ନୀରଜ ଏହି ଇଭେଣ୍ଟ ଲାଗି ଫେଭରାଇଟ ହୋଇଛନ୍ତି। ମାତ୍ର ୨୭ ବର୍ଷରେ ନୀରଜ ଜାଭେଲିନ୍ ଥ୍ରୋରେ ସମସ୍ତ ୩ଟି ଯାକ ଟାଇଟଲ ଜିତି ଲିଜେଣ୍ଡ ମାନ୍ୟତାର ସମକକ୍ଷ ହୋଇଛନ୍ତି। ଇତିମଧ୍ୟରେ ସେ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଡାଇମଣ୍ଡ ଲିଗ୍ ଟ୍ରଫି ହାସଲ କରି ସାରିଛନ୍ତି। ଏହା ବ୍ୟତୀତ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛନ୍ତି।

ନୀରଜ ଚୋପ୍ରା କ୍ଲାସିକରେ ଭାରତୀୟ ପ୍ରଶଂସକମାନେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ପାଇବେ। ଏହାଦ୍ୱାରା ଦେଶରେ ଜାଭେଲିନ୍ ଥ୍ରୋ ପ୍ରତି ଆଗ୍ରହ ବଢ଼ିବ। ସ୍ୱିଡେନର ବିଶ୍ୱରେକର୍ଡଧାରୀ ପୋଲ ଭଲ୍ଟର ଆର୍ମାଣ୍ଡୋ ଲୁପ୍ଲାଣ୍ଟିସ ଓ କେନିୟାର ଡିଷ୍ଟାନ୍ସ ରନିଂ ଲିଜେଣ୍ଡ କିପ୍‌ଚୋଗେ କେଇନୋଙ୍କ ପ୍ରଦର୍ଶନରେ ଅନୁପ୍ରାଣିତ ହୋଇଛନ୍ତି ନୀରଜ। ବେଙ୍ଗାଲୁରୁର କାନ୍ତିରେଭା ଷ୍ଟାଡିୟମରେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଚାଲିବାକୁ ଥିବା ପ୍ରତିଯୋଗିତାରେ ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ନୀରଜ ଆକର୍ଷଣରେ ରହିବେ। ଚଳିତ ବର୍ଷ ମେ'ରେ ଦୋହା ପ୍ରତିଯୋଗିତାରେ ସେ କ୍ୟାରିୟରରେ




ଶୁକ୍ରବାର ଖବରଦାତା ସମ୍ମିଳନୀରେ ନୀରଜ ଚୋପ୍ରା ଓ ଅନ୍ୟ ତାରକା ଆଥଲେଟ୍‌ମାନେ।

ପ୍ରଥମଥର ପାଇଁ ୯୦ରୁ ଅଧିକ ମିଟର ଥ୍ରୋ କରିଥିଲେ। ଏଠାରେ ତାହାକୁ ଦୋହରାଇବା ଆଶା ରହିଛି। ''ଭାରତରେ ଏପରି ଏକ ଇଭେଣ୍ଟ ଆୟୋଜନ ହେଉ ବୋଲି ମୋର ଦୀର୍ଘଦିନର ସ୍ୱପ୍ନ ଥିଲା। ଏବେ ସ୍ୱପ୍ନ ସାକାର ହେବାକୁ ଯାଉଛି'' ବୋଲି ହରିୟାଣାର ଏହି ଆଥଲେଟ୍ ପ୍ରକାଶ କରିଛନ୍ତି। ଜେଏସ୍‌ଡବ୍ଲ୍ୟୁ, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ୱାର୍ଲ୍ଡ ଆଥ୍‌ଲେଟିକ୍ସର ମିଳିତ ଆନୁକୂଲ୍ୟରେ ନୀରଜ ଏହି ଇଭେଣ୍ଟ ଆୟୋଜନ କରୁଛନ୍ତି। ଏହା ଆଗାମୀ ଦିନରେ ଏକ ବାର୍ଷିକ ପ୍ରତିଯୋଗିତାରେ ପରିଣତ ହେବ ବୋଲି ନୀରଜ କହିଛନ୍ତି।

ନୀରଜ ଚୋପ୍ରା କ୍ଲାସିକ ପ୍ରକୃତରେ ମେ'୨୪ରେ ହରିୟାଣାର ପଞ୍ଚକୁଲାରେ ହେବାର ଥିଲା। ମାତ୍ର ଅନ୍ତର୍ଜାତୀୟ ବ୍ରଡକାଷ୍ଟରଙ୍କ ପାଇଁ ଲାଇଟିଂ ବ୍ୟବସ୍ଥା ପର୍ଯ୍ୟାପ୍ତ ନ ଥିବାରୁ ବେଙ୍ଗାଲୁରୁକୁ ସ୍ଥାନାନ୍ତର ହୋଇଥିଲା। ପ୍ରତିଯୋଗିତାକୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ 'ଏ' କାଟେଗୋରି ମାନ୍ୟତା ଦେଇଛି। ତେଣୁ କୌଣସି ଗୋଟିଏ ଇଭେଣ୍ଟରେ ଏହା ଏକ ହାଇ ପ୍ରୋଫାଇଲ ପ୍ରତିଯୋଗିତା ହେବାକୁ ଯାଉଛି। ଆହତ ସମସ୍ୟା ଯୋଗୁ ଗ୍ରେନେଡାର ୨ ଥର ବିଶ୍ୱ ଚାମ୍ପିୟନ ଆଣ୍ଡରସନ ପିଟର୍ସ ଯଦିଓ ଓହରି ଯାଇଛନ୍ତି ତେବେ ୧୨ ଜଣିଆ ପ୍ରତିଯୋଗିତାରେ ଏପରି ୫ ପ୍ରତିଯୋଗୀ ଅଛନ୍ତି, ଯେଉଁମାନେ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇ ସାରିଛନ୍ତି। ପିଟର୍ସ ଓହରିବା ଏବଂ ଜୁଲିଆନ ୱେବର ନ ଥିବାରୁ ନୀରଜ ପ୍ରତିଯୋଗିତା ପାଇଁ ହଟ୍ ଫେଭରାଇଟ ଅଛନ୍ତି। ପାକିସ୍ତାନର ଅଲିମ୍ପିକ୍ ଚାମ୍ପିୟନ ଅର୍ଶଦ ନଦିମଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମାତ୍ର ଏହି ସମୟରେ ତାଙ୍କ ଟ୍ରେନିଂ ସିଡ୍ୟୁଲ୍ଡ ପୂର୍ବରୁ ଧାର୍ଯ୍ୟ ହୋଇଥିବାରୁ ମନା କରି ଦେଇଛନ୍ତି। ସନ୍ଧ୍ୟା ୭ଟାରେ ପ୍ରତିଯୋଗିତା ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସ ଓ ଜିଓ ହଟ୍‌ଷ୍ଟାରେ ଏହା ପ୍ରସାରଣ ହେବ।

**କିଏ ଭାଗନେବେ**

ନୀରଜ ଚୋପ୍ରା (ଭାରତ), ସିପ୍ରିଆନ ମିର୍ଜିଗ୍ଲୋଡ (ପୋଲାଣ୍ଡ), ଲୁଇଜ ମୌରିସିଓ ଡା ସିଲ୍‌ଭା (ବ୍ରାଜିଲ), ଥୋମସ ରୋହଲର (ଜର୍ମାନୀ), କୁର୍ଟିସ ଥମ୍ପସନ (ଆମେରିକା), ମାର୍ଟିନ କୋନେକ୍‌ନି (ପୋଲାଣ୍ଡ), ଜୁଲିଅସ ୟେଗୋ (କେନିୟା), ରୁମେଶ ପଥିରାଗେ (ଶ୍ରୀଲଙ୍କା), ସଚିନ ଯାଦବ, ରୋହିତ ଯାଦବ, ସାହିଲ ସିଲୱାଲ ଓ ୟଶ୍ ଭୀର ସିଂ (ସମସ୍ତେ ଭାରତୀୟ)।

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୫/୨୦୨୫ Bhubaneswar, Saturday, July 5/ 2025

# ଓସାକାଙ୍କୁ ହରାଇଲେ ପାଭଲ୍ୟୁଚେଙ୍କୋଭା



ଶଟ୍ ଖେଳିବା ଅବସରରେ ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା।

**ୱିମ୍ବେଲଡନ ଟେନିସ**

ଲଣ୍ଡନ, ୪।୭ (ଏପି)

ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା ଚଳିତ ଏଠାରେ ଚାଲିଥିବା ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ଆମେରିକାର ବେନ୍ ଶେଲ୍‌ଟନ ଏବଂ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶେଲଟନ ଶୁକ୍ରବାର ଖେଳାଯାଇଥିବା ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାତାଙ୍କୁ ୬-୨, ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପାଭ୍‌ଲ୍ୟୁଚେଙ୍କୋଭୋ ତୃତୀୟ ରାଉଣ୍ଡରେ ଜାପାନର ନାଓମି ଓସାକାଙ୍କୁ ୩-୬, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସୂଚନାଯୋଗ୍ୟ, ଓସାକା ଏଠାରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରି ୨୦୧୭ ଓ ୨୦୧୮ରେ ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ। ୨୦୨୧, ୨୦୨୨ ଓ ୨୦୨୩ରେ ସେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ନ ଥିଲେ। ୫୩ ର‌୍ୟାଙ୍କିଙ୍ଗପ୍ରାପ୍ତ ପାଭଲ୍ୟୁଚେଙ୍କୋଭା ହେଉଛନ୍ତି ୨୦୨୧ ଫ୍ରେଞ୍ଚ ଓପନ ରନରଅପ୍। ଶୁକ୍ରବାର ବିଜୟ ଦ୍ୱାରା ସେ ପ୍ରଥମ ଥର ୱିମ୍ବେଲଡନରେ ୪ର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛନ୍ତି। ଏହାପୂର୍ବରୁ ୯ ବର୍ଷ ପୂର୍ବେ ସେ ଏଠାରେ କ୍ୱାର୍ଟରଫାଇନାଲିଷ୍ଟ ଥିଲେ।

# ୩ୟ ରାଉଣ୍ଡ ପ୍ରବେଶରେ ସୋନ୍‌ମେଜ ତୁର୍କୀର ପ୍ରଥମ ଖେଳାଳି

ଲଣ୍ଡନ, ୪।୭ (ଏପି)

ପ୍ରଫେଶନାଲ ଯୁଗରେ ଜେନେପ ସୋନ୍‌ମେଜ ତୁର୍କୀର ପ୍ରଥମ ଖେଳାଳି ଭାବେ ଏକ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଠାରେ ଚାଲିଥିବା ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍‌ର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ଜିନ୍‌ୟୁ ୱାଙ୍ଗଙ୍କୁ ୭-୫, ୭-୫ରେ ହରାଇ ଦେଇଛନ୍ତି। ୧୯୬୮ରେ ଓପନ ଯୁଗ ଆରମ୍ଭ ହେବାପରଠାରୁ ତୁର୍କୀର ଜଣେ ପୁରୁଷ ହେଉ ଅବା ମହିଳା ଖେଳାଳି ଏପର୍ଯ୍ୟନ୍ତ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିପାରି ନ ଥିଲେ। କିନ୍ତୁ ୨୦୧୬-୧୭ରେ କାଗ୍‌ଲା ବୁୟୁକାକ୍‌କେ ତିନୋଟି ଗ୍ରାଣ୍ଡସ୍ଲାମରେ ଦ୍ୱିତୀୟ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନୀତ ହୋଇ ପାରିଥିଲେ। ଅତୀତରେ ଅର୍ଥାତ ୭୫ ବର୍ଷ ପୂର୍ବେ ୧୯୫୦ରେ ତୁର୍କୀର ଜଣେ ମହିଳା ଖେଳାଳି ବାହତିୟେ ସୁସୋଗ୍ଲୁ ଫ୍ରେଞ୍ଚ୍ ଓପନ ତୃତୀୟ ରାଉଣ୍ଡରେ ପ୍ରବେଶ କରିପାରିଥିଲେ। ଏଠାରେ ଦର୍ଶକ ମହଲରେ ଉପସ୍ଥିତ ଥିବା ବହୁସଂଖ୍ୟାରେ ତୁର୍କୀ ଦର୍ଶକଙ୍କଠାରୁ ୨୩ବର୍ଷୀୟା ସୋନ୍‌ମେଜ୍‌ଙ୍କୁ ଯଥେଷ୍ଟ ସମର୍ଥନ ମିଳିଥିଲା। ସୋନ୍‌ମେଜ୍ ତାଙ୍କ କ୍ୟାରିୟରରେ ଥରେ ମାଡ୍ରିଡ୍ ଓପନରେ ଏକ ଡବ୍ଲ୍ୟୁଟିଏ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ସେ ପୂର୍ବରୁ ଖେଳିଥିବା ୩ଟି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି।



ଜେନେପ ସୋନ୍‌ମେଜ

# ଭାରତର ବାଂଲାଦେଶ ଟୁର୍ ସ୍ଥଗିତ ହେବ

ନୂଆଦିଲ୍ଲୀ, ୪।୭ (ପି.ଟି.)

ଭାରତୀୟ କ୍ରିକେଟ ଦଳର ଆସନ୍ତା ବାଂଲାଦେଶ ଟୁର୍ ସ୍ଥଗିତ ରଖାଯାଇ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦେଶର ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛି। ଶେଖ୍ ହସିନାଙ୍କ ସରକାର ବିତାଡ଼ିତ ହେବାପରେ ଦେଶରେ ଅସ୍ଥିରତା ଓ ଅରାଜକତା ଦେଖାଦେଇଛି। ଭାରତ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟ୍ଟାଗଙ୍ଗ ଓ ଢାକାଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ତେବେ ସିରିଜ ବାତିଲ ହୋଇନାହିଁ। ସମ୍ଭବତଃ ୨୦୨୬ରେ କେବେ ହୋଇପାରେ। କାରଣ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଚାମ୍ପିୟନଶିପ୍ ପଏଣ୍ଟର ଆବଶ୍ୟକତା ରହିଛି। ବାଂଲାଦେଶରେ ସାଧାରଣ ନିର୍ବାଚନ ପରେ ଏକ ସ୍ଥିର ସରକାର କ୍ଷମତାସୀନ ହେବାପରେ ଏହି ଟୁର୍ ଅନୁଷ୍ଠିତ ହେଉ ବୋଲି ବିସିସିଆଇ ଚାହୁଁଛି। ଆସନ୍ତାବର୍ଷ ପୂର୍ବରୁ ଏହି ଦେଶରେ ନିର୍ବାଚନ ହେବାର ସମ୍ଭାବନା ନାହିଁ। ସୂଚନାଯୋଗ୍ୟ, ଗତବର୍ଷ ଚାକିରିରେ ସଂରକ୍ଷଣକୁ ବିରୋଧ କରି ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହେବାରୁ ହସିନା କ୍ଷମତାରୁ ବିତାଡ଼ିତ ହୋଇଥିଲେ।

# ଫୁଟ୍‌ବଲ ମୁଖ୍ୟ କୋଚ୍ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୪।୭ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଶୁକ୍ରବାର ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟକୋଚ୍ ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଶୁକ୍ରବାର ଆରମ୍ଭ କରାଯାଇଛି। ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ଜୁଲାଇ ୧୩ ରଖାଯାଇଛି। ଏଥିପାଇଁ ଅତିକମ୍‌ରେ ୧୦ ବର୍ଷ ଅଭିଜ୍ଞତା ଆବଶ୍ୟକ ରହିଛି। ସ୍ପାନିଶ କୋଚ୍ ମାନୋଲୋ ମାର୍କ୍ୱେଜଙ୍କ ପଦତ୍ୟାଗ ପରେ ଏହି ପଦବୀ ଖାଲିପଡ଼ିଛି। ଭାରତୀୟ ଦଳର ଖରାପ ପ୍ରଦର୍ଶନ ଯୋଗୁ ଏଆଇଏଫ୍‌ଏଫ୍ ସହିତ ଆପୋସ ବୁଝାମଣା ପରେ ୫୬ ବର୍ଷୀୟ ମାର୍କ୍ୱେଜ ପଦତ୍ୟାଗ କରିଥିଲେ। ଜାତୀୟ ସିନିୟର ପୁରୁଷ ଦଳର ନୂଆ ମୁଖ୍ୟ କୋଚ୍ ପାଇଁ କିଛି ସର୍ତ୍ତାବଳୀ ରହିଛି। ତାଙ୍କୁ ସମସ୍ତ ଟୁର୍ଣ୍ଣାମେଣ୍ଟ ଓ ମ୍ୟାଚଗୁଡ଼ିକର ରିପୋର୍ଟ ଏଆଇଏଫ୍‌ଏଫ୍ ସେକ୍ରେଟାରୀ ଜେନେରାଲଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ଦଳର ପ୍ରଦର୍ଶନ ନେଇ ତାଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ।

# ମେକ୍ସିକାନ ବକ୍ସର ଗିରଫ

ଲସ୍‌ଏଞ୍ଜେଲ୍ସ, ୪।୭ (ଏପି)

ଆମେରିକାରେ ବେଆଇନ ଅବସ୍ଥାନ ଅଭିଯୋଗରେ ବିଶିଷ୍ଟ ମେକ୍ସିକାନ୍ ବକ୍ସର ଜୁଲିଓ ସେସାର୍ ଚାଭେଜ୍ ଜୁନିୟରଙ୍କୁ ଗିରଫ କରାଯାଇଛି। ପୂର୍ବତନ ମିଡଲ୍‌ୱେଟ ଚାମ୍ପିୟନ ଆଉ କିଛିଦିନ ପରେ କାଲିଫର୍ନିଆର ଆନାହିମ୍‌ଠାରେ ଜେକ୍ ପଲଙ୍କ ବିପକ୍ଷରେ ଏକ ଲଢ଼େଇ କରିଥାନ୍ତେ। ଏହା ପୂର୍ବରୁ ତାଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଜୁଲିଓ ୨୦୨୩ରେ ଅଗଷ୍ଟରେ ଆମେରିକାରେ ପ୍ରବେଶ କରିଥିଲେ। ତାଙ୍କ ପର୍ଯ୍ୟଟନ ଭିଜାର ସମୟସୀମା ୨୦୨୪ ଫେବୃଆରୀରେ ଶେଷ ହୋଇଯାଇଥିଲେ ମଧ୍ୟ ସେ ଦେଶ ଛାଡ଼ି ନ ଥିଲେ। ଇମିଗ୍ରେଶନ ଓ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ଅଫିସରମାନେ ତାଙ୍କୁ ଅଟକ ରଖିଥିବା ହୋମ୍‌ଲାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ କହିଛି। ଏପରି କି ଜୁଲିଓଙ୍କୁ ଚଳିତବର୍ଷ ଜାନୁଆରୀ ୪ ସୁଦ୍ଧା ସ୍ୱଦେଶ ଫେରିଯିବା ଲାଗି ସମୟ ମଧ୍ୟ ଦିଆଯାଇଥିଲା।



ତାଙ୍କୁ ମେକ୍ସିକୋ ପ୍ରତ୍ୟର୍ପଣ କରାଯିବ, ଯେଉଁଠାରେ ତାଙ୍କ ନାମରେ ସଂଗଠିତ ଆପରାଧିକ ମାମଲା ରହିଥିବା ସଂଘୀୟ ଅଫିସିଆଲମାନେ କହିଛନ୍ତି।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏନ୍ଇଇଟି-ୟୁଜି ମାମଲା

## ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୪।୭

ପ୍ରଶ୍ନରେ ତ୍ରୁଟି ରହିଥିବା ଦର୍ଶାଇ ଚଳିତବର୍ଷର ଏନ୍ଇଇଟି-ୟୁଜି ପରୀକ୍ଷା ଫଳକୁ ଚ୍ୟାଲେଞ୍ଜ କରାଯାଇ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ତେବେ ଏହାଦ୍ୱାରା ଅନେକ ହଜାର ଛାତ୍ରୀଛାତ୍ର ପ୍ରଭାବିତ ହେବେ ଦର୍ଶାଇ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ପିଟିଶନ୍ର ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଅନେକ ଲକ୍ଷ ପିଲା ପରୀକ୍ଷା ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ବହୁତ ପିଲା ଠିକ୍ ଉତ୍ତର ଦେଇଥିବେ। ଏହା ଏକ ବ୍ୟକ୍ତିଗତ ମାମଲା ନୁହେଁ, ଅନେକ ହଜାର ପିଲା ପ୍ରଭାବିତ ହେବେ ବୋଲି ଖଣ୍ଡପୀଠ କହିଛନ୍ତି। ଭୁଲ୍ ପ୍ରଶ୍ନର ସଂଶୋଧନ ସହ ଫଳାଫଳ ସଂଶୋଧନ କରିବାକୁ ଜଣେ ପ୍ରାର୍ଥୀ ଆବେଦନ କରିଥିଲେ। ଏଥିସହିତ କାଉନ୍ସେଲିଂ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ସେ ନିବେଦନ କରିଥିଲେ।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ଶୀଘ୍ର

ନୂଆଦିଲ୍ଲୀ, ୪।୭

ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଖୁବ୍ଶୀଘ୍ର ହୋଇପାରେ। ୨ ବାଣିଜ୍ୟ ସହଯୋଗୀଙ୍କ ପକ୍ଷରୁ ଏନେଇ ଘୋଷଣା କରାଯାଇପାରେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ପାରସ୍ପରିକ ଶୁଳ୍କ ପାଇଁ ନିଷେଧାଦେଶର ସମୟସୀମା ଆସନ୍ତା ୯ରେ ଶେଷ ହେଉଛି। ଏହାପୂର୍ବରୁ ମିନି ଟ୍ରେଡ୍ ଡିଲ୍ ସ୍ୱାକ୍ଷର ହେବ। ତେବେ କୃଷି କ୍ଷେତ୍ରରେ ଭାରତ ନିଜ ସର୍ତ୍ତରେ ଅଟଳ ରହିଛି। ତେଣୁ କୃଷି, ଦୁଗ୍ଧଜାତ ସାମଗ୍ରୀ ଓ କେତେକ ଶସ୍ୟ ଉପରୁ ଟାରିଫ୍ ହ୍ରାସ ପାଇଁ ଭାରତ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

## ଶିକାଗୋରେ ଗୁଳି, ୪ ମୃତ


ଶିକାଗୋ,୪।୭

ଆମେରିକାର ଶିକାଗୋସ୍ଥିତ ରିଭର ନର୍ଥଠାରେ ବୁଧବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି। ଏକ ନାଇଟ୍ କ୍ଲବ ବାହାରେ ଜଣେ ବନ୍ଧୁକଧାରୀ ଭିଡ଼ ଉପରକୁ ଆଖିବୁଜା ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ଆତତାୟୀ ଜଣକ କାର୍ ସହ ତୁରନ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି। ଏହି ଗୁଳିକାଣ୍ଡରେ ୧୩ ମହିଳା ଏବଂ ୫ ପୁରୁଷଙ୍କ ଶରୀରରେ ଗୁଳି ବାଜିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସହ ଆତତାୟୀଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି।

## ଅମରନାଥ ଯାତ୍ରା ଆରମ୍ଭ

ଶ୍ରୀନଗର,୪।୭

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗୁରୁବାର ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଜମ୍ମୁ-କଶ୍ମୀରର ବାଲ୍ଟାଲ୍ ଓ ପହଲଗାମ୍ର ନୁନ୍ୱାନ୍ ବେସ୍ କ୍ୟାମ୍ପରୁ ପ୍ରଥମ ପର୍ଯ୍ୟାୟରେ ୭୮ ତୀର୍ଥଯାତ୍ରୀ ସୁବେଦାରଗଞ୍ଜ ଷ୍ଟେଶନରୁ ଜମ୍ମୁ ମେଲ୍ରେ ବାବା ବର୍ଫାନିଙ୍କ ଦର୍ଶନ ପାଇଁ ଅମରନାଥ ଗୁମ୍ଫା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଯାତ୍ରୀଙ୍କ ସୁରକ୍ଷା ଚିନ୍ତା ବଢ଼ିଥିବାରୁ ଏହି ରୁଟ୍ରେ ୮୦ ହଜାର ଯବାନଙ୍କୁ ନିୟୋଜିତ କରାଯାଇଛି।



ଫ୍ଲୋରିଡାର ମିଆମିସ୍ଥିତ ସାଉଥ୍ ବିଚ୍ ସମୁଦ୍ର ଭିତରେ ବୁଡ଼ାଳିମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ପ୍ରବାଳଶ୍ରେଣୀକୁ ସୁରକ୍ଷିତ ରଖିବା ପାଇଁ ଏକ ନୂଆ ପ୍ରଜାତିର ପ୍ରବାଳ ରୋପଣ କରୁଛନ୍ତି।

## ଶାହି ଇଦ୍ଗା ମସ୍ଜିଦ ସ୍ଥାନରେ ବିବାଦୀୟ ଢାଞ୍ଚା ଶବ୍ଦ ବ୍ୟବହାର ମନା: ହାଇକୋର୍ଟ

ପ୍ରୟାଗରାଜ,୪।୭(ପି.ଟି.)

ଉତ୍ତରପ୍ରଦେଶର ମଥୁରାସ୍ଥିତ 'ଶାହି ଇଦ୍ଗା ମସ୍ଜିଦ' ସ୍ଥାନରେ 'ବିବାଦୀୟ ଢାଞ୍ଚା' ଶବ୍ଦ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନକୁ ଆଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର ଖାରଜ କରି ଦେଇଛନ୍ତି। ଉକ୍ତ ମୂଳ ମାମଲାର ସମସ୍ତ ପରବର୍ତ୍ତୀ ପ୍ରୋସିଡିଂରେ ଶାହି ଇଦ୍ଗା ମସ୍ଜିଦ ସ୍ଥାନରେ ବିବାଦୀୟ ଢାଞ୍ଚା ଶବ୍ଦ ବ୍ୟବହାର ନିମନ୍ତେ ସମ୍ପୃକ୍ତ ଷ୍ଟେନୋଗ୍ରାଫରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଆବେଦନରେ ନିବେଦନ କରାଯାଇଥିଲା। ଆଇନଜୀବୀ ମହେନ୍ଦ୍ର ପ୍ରତାପ ସିଂ ଏହାର ସମର୍ଥନରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଅନ୍ୟପକ୍ଷରେ ପ୍ରତିପକ୍ଷଙ୍କ ତରଫରୁ ଏକ ଲିଖିତ ପ୍ରତିବାଦ ଦାଖଲ କରାଯାଇଥିଲା। ମଥୁରାରେ କୃଷ୍ଣ ଜନ୍ମଭୂମି ଏବଂ ଶାହି ଇଦ୍ଗା ମସ୍ଜିଦ ସମ୍ପର୍କିତ ମୂଳ ମାମଲାଗୁଡ଼ିକର ଶୁଣାଣି ପରେ ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା ଉପରୋକ୍ତ ରାୟ ଦେଇଛନ୍ତି। ମସ୍ଜିଦ ଢାଞ୍ଚା ହଟାଇବା ପରେ ଉକ୍ତ ଜମିକୁ ଦଖଲକୁ ନେବା ସହ ମନ୍ଦିରର ପୂର୍ବ ସ୍ଥିତି ବଜାୟ ରଖିବା ଲାଗି ହିନ୍ଦୁ ପକ୍ଷ ୧୮ଟି ପିଟିଶନ ଦାଖଲ କରିଥିଲା। ଭଗବାନ କୃଷ୍ଣଙ୍କ ଜନ୍ମସ୍ଥାନରେ ପୂର୍ବରୁ ଥିବା ମନ୍ଦିରକୁ ଭଙ୍ଗାଯାଇ ସେଠାରେ ମସ୍ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ପକ୍ଷ ଅଭିଯୋଗ କରିଆସୁଥିବାବେଳେ ଏହାକୁ ନେଇ ବିବାଦ ଲାଗି ରହିଛି।



# ଡାକ୍ତରୀ ଶିକ୍ଷାରେ ବଡ଼ ଦୁର୍ନୀତି

## ଲାଞ୍ଚ ନେଇ ଘରୋଇ ମେଡିକାଲ କଲେଜ ପାଇଁ ଉଦ୍ଦିଷ୍ଟ ନିୟମରେ ସାଲିସ

ନୂଆଦିଲ୍ଲୀ,୪।୭

■୩୪ ଜଣଙ୍କ ନାଁରେ ସିବିଆଇ ମାମଲା
■ରାକେଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଏନ୍ଏମ୍ସି ଅଧିକାରୀ



ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଏକ ବଡ଼ଧରଣର ଦୁର୍ନୀତି ହୋଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହାର ପର୍ଦ୍ଦାଫାଶ କରିବା ସହ ମୋଟ ୩୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍ସି)ର କେତେଜଣ ଅଧିକାରୀଙ୍କ ସମେତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଜଣେ ପୂର୍ବତନ ଅଧ୍ୟକ୍ଷ ରହିଛନ୍ତି। ଏହି ଅଧିକାରୀମାନେ ଘରୋଇ ମେଡିକାଲ କଲେଜ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ନିୟମକୁ ଦୁର୍ବଳ କରିବା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକଠାରୁ ବିପୁଳ ଟଙ୍କା ଲାଞ୍ଚ ନେଇଥିବା ପଦାକୁ ଆସିବା ପରେ ସିବିଆଇ ପକ୍ଷରୁ ତନାଘନା ଚାଲିଛି।

ସିବିଆଇ ଧରିଥିବା ଏହି ରାକେଟରେ ଟାଟା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ ଅଧ୍ୟକ୍ଷ ଡି.ପି. ସିଂ, ଗୀତାଞ୍ଜଳି ୟୁନିଭର୍ସିଟି ରେଜିଷ୍ଟ୍ରାର ମୟୂର ରାଭାଲ, ରାଓ୍ୱତ୍ପୁରା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ରିସର୍ଚ୍ଚ ଅଧ୍ୟକ୍ଷ ରବିଶଙ୍କରଜୀ ମହାରାଜ ଓ ଇଣ୍ଡେକ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ସୁରେଶ ସିଂ ଭଦୋରିଆ ରହିଛନ୍ତି। ଏଫ୍ଆଇଆର୍ରେ ଏମାନଙ୍କ ସମେତ ୩୪ ଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଉକ୍ତ ମାମଲାରେ ସିବିଆଇ ୮ ଜଣଙ୍କୁ ଗିରଫ କରିସାରିଲାଣି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଏନ୍ଏମ୍ସି ଟିମ୍ର ୩ ଡାକ୍ତର ମଧ୍ୟ ଅଛନ୍ତି। ସେମାନେ ନୟା ରାୟପୁରସ୍ଥିତ ରାଓ୍ୱତ୍ପୁରା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ରିସର୍ଚ୍ଚକୁ ଅନୁଗ୍ରହ ପ୍ରଦାନ ପାଇଁ ଏହାର କର୍ତ୍ତୃପକ୍ଷଙ୍କଠାରୁ ୫୫ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଜଣାପଡ଼ିଛି। ଏପରିକି ଏହି ସିଣ୍ଡିକେଟ୍ର ଚେର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପର୍ଯ୍ୟନ୍ତ ଲମ୍ବିଛି। ମନ୍ତ୍ରଣାଳୟର ୮ ଅଧିକାରୀ ମେଡିକାଲ କଲେଜଗୁଡ଼ିକର ପ୍ରତିନିଧିମାନଙ୍କୁ ଏକ ନେଟ୍ୱର୍କ ଜରିଆରେ ଅନେକ ସମ୍ବେଦନଶୀଳ ତଥ୍ୟ ତଥା ଗୋପନୀୟ ଫାଇଲ ହାତେଇବାକୁ ସୁଯୋଗ ଦେଇଥିଲେ। ଅଭିଯୁକ୍ତମାନେ ହେଲେ ପୁନମ୍ ମୀନା, ଧରମବୀର, ପୀୟୂଷ ମାଲ୍ୟାନ୍, ଅନୁପ ଜୈସ୍ୱାଲ, ରାହୁଲ ଶ୍ରୀବାସ୍ତବ, ଦୀପକ, ମନୀଷା ଓ ଚନ୍ଦନ କୁମାର। ଏମାନଙ୍କଠାରୁ ହସ୍ତଗତ ତଥ୍ୟ ଆଧାରରେ ସମ୍ପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷ ଜାଲିଆତି କରି ମିଛରେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଅନ୍ୟ ଜରୁରୀ ମାପଦଣ୍ଡ ରହିଥିବା ଦର୍ଶାଇ ପାରିଥିଲେ। ଘୋଷ୍ଟ ଫାକଲ୍ଟି, ନକଲି ରୋଗୀଙ୍କ ଆଡ୍ମିଶନ, ବାୟୋମେଟ୍ରିକ୍ ଆଟେଣ୍ଡାନ୍ସ ସିଷ୍ଟମ୍ ଆଦିରେ ହେରଫେର କରିବାକୁ ସକ୍ଷମ ହୋଇଥିଲେ। ଏଥିସକାଶେ ହାଓ୍ୱାଲା ଜରିଆରେ ଅନେକ କୋଟି ଟଙ୍କା ହାତେଇଥିବା ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

## ଆମଠାରେ ନୁହେଁ, ନ୍ୟାୟରେ ଭଗବାନଙ୍କୁ ଦେଖ: ଜଷ୍ଟିସ୍ ସୁନ୍ଦରେଶ



ନୂଆଦିଲ୍ଲୀ,୪।୭

ଭଗବାନଙ୍କୁ ଆମଠାରେ ନୁହେଁ, ନ୍ୟାୟରେ ଦେଖ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ବିଚାରପତି ଏମ୍.ଏମ୍. ସୁନ୍ଦରେଶ ଏବଂ କେ. ବିନୋଦ ଚନ୍ଦ୍ରନ୍ଙ୍କ ଖଣ୍ଡପୀଠ ମନ୍ଦିର ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ମହକିଲ ତାଙ୍କ କଥା ଶୁଣୁ ନ ଥବାରୁ ମାମଲାରୁ ଓହରିଯିବା ପାଇଁ ଜଣେ ଆଇନଜୀବୀ ଅନୁରୋଧ କରିଥିଲେ। ବିଚାରପତିମାନେ ଆଇନଜୀବୀଙ୍କ ଜରିଆରେ ଫିକ୍ସ ହୋଇଛନ୍ତି ବୋଲି ମହକିଲ ଅଭିଯୋଗ କରିଥିବା ସେ କହିଥିଲେ। ଏହା ଅତ୍ୟନ୍ତ ଅସମ୍ମାନଜନକ ବୋଲି ଓକିଲ କହିବା ସହ ଯଦି କିଛି ଅସାଧୁତା ଚାଲୁଥିବା ଜଣାପଡ଼େ, ତେବେ ଆମେ ମାମଲାରୁ ଓହରିଯିବୁ। ଆମେ ଆମ ବିଚାରପତିଙ୍କଠାରେ ଭଗବାନଙ୍କୁ ଦେଖୁଛୁ ବୋଲି ସେ କହିଥିଲେ। ଆମଠାରେ ନୁହେଁ, ଦୟାକରି ନ୍ୟାୟରେ ଭଗବାନଙ୍କୁ ଦେଖ ବୋଲି ଜଷ୍ଟିସ୍ ସୁନ୍ଦରେଶ କହିଥିଲେ। ଏଥିସହିତ ମାମଲାରୁ ଓହରିଯିବା ପାଇଁ ଆଇନଜୀବୀ କରିଥିବା ନିବେଦନକୁ ଖଣ୍ଡପୀଠ ଗ୍ରହଣ କରିଛନ୍ତି।

## ବୋଟ୍ ବୁଡ଼ି ୬ ମୃତ

ବାଲି, ୪।୭

ଇଣ୍ଡୋନେସିଆର ବାଲି ନିକଟରେ ବୋଟ୍ ବୁଡ଼ିଯିବାରୁ ୬ ଜଣଙ୍କର ମୃତ୍ୟୁ ଘଟିବା ସହ ୩୦ ଜଣ ନିଖୋଜ ଅଛନ୍ତି। ଉକ୍ତ ବୋଟ୍ରେ ୫୩ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରିଉ ସଦସ୍ୟ ଯାଉଥିବା ନେଇ ଇଣ୍ଡୋନେସିଆର ନ୍ୟାଶନାଲ ସର୍ଚ୍ଚ ଆଣ୍ଡ୍ ରେସ୍କ୍ୟୁ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ୨୯ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି।

## ତ୍ରିନିଦାଦ ଓ ଟୋବାଗୋର ଷଷ୍ଠପିଢ଼ି ପ୍ରବାସୀଙ୍କୁ ମିଳିବ ଓସିଆଇ କାର୍ଡ

### ପ୍ରଧାନମନ୍ତ୍ରୀଙ୍କ ଘୋଷଣା

ନୂଆଦିଲ୍ଲୀ,୪।୭

ତ୍ରିନିଦାଦ ଓ ଟୋବାଗୋର ୧୩.୬ ଲକ୍ଷ ଜନସଂଖ୍ୟାର ୪୦%ରୁ ଊର୍ଦ୍ଧ୍ୱ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଗସ୍ତ ଅବସରରେ ତ୍ରିନିଦାଦ ଓ ଟୋବାଗୋରେ ଥିବା ପ୍ରବାସୀ ଭାରତୀୟଙ୍କ ଷଷ୍ଠ ପିଢ଼ିକୁ ଭାରତର ଦରିଆପାରି ନାଗରିକତ୍ୱ(ଓସିଆଇ) କାର୍ଡ ପ୍ରଦାନ କରିବା ନେଇ ଶୁକ୍ରବାର ଘୋଷଣା କରିଛନ୍ତି। ୨୦୦୯ ପରେ ଉକ୍ତ ଦ୍ୱୀପଦେଶକୁ ଗସ୍ତ କରିବାରେ ମୋଦି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ସେଠାର ପ୍ରଧାନମନ୍ତ୍ରୀ କମଳା ପେର୍ସାଦ-ବିସେସର ଏବଂ ଭାରତୀୟ ସମୁଦାୟଙ୍କ ସହ ଆଲୋଚନା ବେଳେ ମୋଦି ଅର୍ଥନୀତି, ସୁରକ୍ଷା ଓ ବୈଷୟିକ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରବାସୀ ଭାରତୀୟମାନଙ୍କୁ ଉଦ୍ବୋଧନ ଦେବା ଅବସରରେ ତ୍ରିନିଦାଦ ଓ ଟୋବାଗୋ ସହ ବିହାର ଲିଙ୍କ୍କୁ ପ୍ରଶଂସା କରିଥିଲେ।




ତ୍ରିନିଦାଦ ଓ ଟୋବାଗୋ ପ୍ରଧାନମନ୍ତ୍ରୀ କମଳା ପେର୍ସାଦ-ବିସେସରଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟୁଛନ୍ତି।

## ଟ୍ରମ୍ପଙ୍କ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍'କୁ କଂଗ୍ରେସର ମଞ୍ଜୁରୀ

ୱାଶିଂଟନ,୪।୭

ଟିକସ କାଟ୍ ଏବଂ ବ୍ୟୟ ହ୍ରାସ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମହତ୍ତ୍ୱାକାଂକ୍ଷୀ ବିଧେୟକ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍' ଗୁରୁବାର କଂଗ୍ରେସରେ ପାରିତ ହୋଇଛି। ଦୀର୍ଘ ସମୟ ଧରି ବିତର୍କ ପରେ ୪.୫ ଟ୍ରିଲିୟନ ଡଲାର ମୂଲ୍ୟର ଏହି ବିଲ୍ ପାଇଁ ଭୋଟିଂ ହୋଇଥିଲା। ବିଲ୍ ସପକ୍ଷରେ ୨୧୮ ଓ ବିରୋଧରେ ୨୧୪ ଭୋଟ ପଡ଼ିଥିଲା। ୨୦୧୭ରେ କରାଯାଇଥିବା ଟ୍ୟାକ୍ସରେ ହ୍ରାସକୁ ସ୍ଥାୟୀ କରିବା ଏହି ବିଲ୍ର ଉଦ୍ଦେଶ୍ୟ। ଏହା ପାରିତ ହୋଇଥିବାରୁ ଆଗକୁ ବରିଷ୍ଠ ନାଗରିକମାନଙ୍କୁ ୬,୦୦୦ ଡଲାର ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ସୁବିଧା ମିଳିପାରିବ। ଚାଇଲ୍ଡ ଟ୍ୟାକ୍ସ କ୍ରେଡିଟ୍କୁ ମଧ୍ୟ ୨୦୦୦ରୁ ୨୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ବ୍ୟତୀତ ସୀମା ସୁରକ୍ଷା ପାଇଁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପ୍ରସ୍ତାବ ରହିଛି। ସେହିପରି ଇଲେକ୍ଟ୍ରୋନିକ୍ ଭେହିକିଲ୍ ଉପରେ ୭,୫୦୦ ଡଲାର କ୍ରେଡିଟ୍କୁ ମଧ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଥିବାରୁ ପେଟ୍ରୋଲ ଚାଳିତ ଗାଡ଼ିଗୁଡ଼ିକ ଅଧିକ ସୁବିଧା ପାଇବେ। ଏହି ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ ଓ ତାଙ୍କ ପ୍ରଶାସନର ପୂର୍ବତନ ସହଯୋଗୀ ଏଲନ୍ ମସ୍କଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା।




ଡୋନାଲ୍ଡ ଟ୍ରମ୍ପ

## ବିରୋଧୀ ବିଚାରଧାରାର ଲୋକଙ୍କୁ ମାଓବାଦୀ ଦର୍ଶାଇବା ଫ୍ୟାଶନ ହୋଇଗଲାଣି: ପାଓ୍ୱାର

ମୁମ୍ବାଇ,୪।୭

ବିରୋଧୀ ବିଚାରଧାରା ପୋଷଣ କରୁଥିବା ଲୋକଙ୍କୁ ମାଓବାଦୀ ଦର୍ଶାଇବା ଏକ ଫ୍ୟାଶନ ହୋଇଗଲାଣି ବୋଲି ଏନ୍ସିପି (ଏସ୍ପି) ଅଧ୍ୟକ୍ଷ ଶରଦ ପାଓ୍ୱାର କହିଛନ୍ତି। ମହାରାଷ୍ଟ୍ର ବିଧାନ ପରିଷଦରେ ବୁଧବାର ଶିବସେନା ନେତା ମନୀଷା କାୟାନ୍ଦେ କହିଥିଲେ, ପାନ୍ଧରପୁରରେ ହେଉଥିବା ବାର୍ଷିକ 'ୱାରି' ତୀର୍ଥଯାତ୍ରାରେ ସହରୀ ମାଓବାଦୀ ଅନୁପ୍ରବେଶ କରି ଭଗବାନ ବିଠଲଙ୍କ ଭକ୍ତମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଥିଲେ। ଏହାର ଜବାବରେ ପାଓ୍ୱାର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ମୋ ପାଖରେ ସମ୍ପୂର୍ଣ୍ଣ ବିବରଣୀ ନାହିଁ। ତେବେ ଗଣମାଧ୍ୟମରେ ପ୍ରକାଶିତ ୨ଟି ସଂଗଠନ ମଧ୍ୟରୁ ଲୋକାୟତର କାର୍ଯ୍ୟ ମୁଁ ଦେଖିଛି। ଏହି ସଂଗଠନ ଅନେକ ବର୍ଷ ଧରି ରଢ଼ୀବାଦ ବିରୋଧରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରିଆସୁଛି। ସେମାନେ ମାଓବାଦୀ ନୁହନ୍ତି ବୋଲି ପାଓ୍ୱାର କହିଛନ୍ତି। ଯେଉଁମାନଙ୍କ କାର୍ଯ୍ୟ ଓ ବିଚାରାଧାରା ଗ୍ରହଣୀୟ ନ ହେଲା, ସେମାନଙ୍କୁ ମାଓବାଦୀ ଦର୍ଶାଯାଉଛି। ୨୦୧୭ ଡିସେମ୍ବର ୩୧ରେ ପୁଣେର ଏଲ୍ଗାର ପରିଷଦ ଏବଂ ୨୦୧୮ ଜାନୁଆରୀ ୧ରେ କୋରେଗାଁଓ ଭୀମ ଜାତିଆଣ ହିଂସା ପରେ ମାଓବାଦୀ ଦର୍ଶାଇ ଅନେକ ଲୋକଙ୍କୁ ଗିରଫ କରାଯିବା ସହ ଜେଲ ପଠାଯାଇଥିଲା। ୱାରି ଉତ୍ସବରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ମହାରାଷ୍ଟ୍ରର ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ଲଦିଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବାବେଳେ ଜୋର୍ଦାର ବିରୋଧ ପରେ ସେଥିରୁ ଓହରିଥିଲେ। ତେଣୁ ଏହି ପ୍ରସଙ୍ଗରେ ଶନିବାର ଶିବସେନା(ୟୁବିଟି) ଏବଂ ଏମ୍ଏନ୍ଏସ୍ ପକ୍ଷରୁ ହେବାକୁ ଥିବା ବିଜୟ ଉତ୍ସବରେ ପାଓ୍ୱାରଙ୍କ ଦଳ ଯୋଗଦେବ ବୋଲି ସେ କହିଛନ୍ତି।



ଶରଦ ପାଓ୍ୱାର

## ୧.୦୫ ଲକ୍ଷ କୋଟିର ପ୍ରତିରକ୍ଷା ସାମଗ୍ରୀ କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ,୪।୭

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତା ଅଧୀନ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ସାମରିକ ଉପକରଣ କ୍ରୟ ସମ୍ପର୍କିତ ୧୦ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ତଦନୁଯାୟୀ ୧.୦୫ ଲକ୍ଷ କୋଟି ଟଙ୍କାର ମିଶାଇଲ ଓ ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର ବ୍ୟବସ୍ଥା ଏବଂ ଅନ୍ୟ ସାମରିକ ଉପକରଣ ଘରୋଇ ପ୍ରତିରକ୍ଷା କମ୍ପାନୀଗୁଡ଼ିକରୁ କିଣାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ କୁହାଯାଇଛି, ଏହି ସାମଗ୍ରୀଗୁଡ଼ିକ କ୍ରୟ କରାଯିବା ଫଳରେ ଦେଶର ଏୟାର ଡିଫେନ୍ସ ଆହୁରି ମଜଭୁତ ହେବ। ଉନ୍ନତ ଯୋଗାଣ ଶୃଙ୍ଖଳ ପରିଚାଳନା ସହ ସଶସ୍ତ୍ର ବଳର ଯୁଦ୍ଧ ପ୍ରସ୍ତୁତି ସାମର୍ଥ୍ୟ ବୃଦ୍ଧି ପାଇବ।

## ଆସ୍ଥା ପୁନିଆ ନୌସେନାର ପ୍ରଥମ ମହିଳା ଫାଇଟର ପାଇଲଟ୍

ନୂଆଦିଲ୍ଲୀ,୪।୭

ସବ୍ ଲ୍ୟୁଟ୍ନାଣ୍ଟ ଆସ୍ଥା ପୁନିଆ ନୌସେନା ଆଭିଏଶନରେ ପ୍ରଥମ ମହିଳା ଫାଇଟର ପାଇଲଟ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ନୌସେନାରେ ପ୍ରଥମ ଥର ପାଇଁ ଜଣେ ମହିଳାଙ୍କୁ ଯୁଦ୍ଧ ଭୂମିକା ଦିଆଯାଇଛି। ବିଶାଖାପାଟଣାସ୍ଥିତ ଆଇଏନ୍ଏସ୍ ଡେଗାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ବେସିକ୍ ହଓ୍ୱକ୍ କନ୍ଭର୍ସନ କୋର୍ସର ୱିଙ୍ଗିଙ୍ଗ୍ ସେରିମନିରେ ପୁନିଆଙ୍କ ସମେତ ଲ୍ୟୁଟ୍ନାଣ୍ଟ ଅତୁଲ କୁମାର ଧୁଲ୍ଙ୍କୁ ନୌସେନାର ସହକାରୀ ମୁଖ୍ୟ ରିଅର ଆଡମିରାଲ ଜନକ ବେଭ୍ଲି ସମ୍ମାନଜନକ 'ୱିଙ୍ଗ୍ସ ଅଫ୍ ଗୋଲ୍ଡ' ପୁରସ୍କାରରେ ସମ୍ମାନିତ କରିଛନ୍ତି। ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍ରେ ସାମିଲ କରି ଭାରତୀୟ ନୌସେନା ନାଭାଲ ଆଭିଏଶନରେ ଲିଙ୍ଗଗତ ସାମୁଦାୟିକତା ବଜାୟ ରଖିବା ସହ ସମାନତା ଓ ସୁଯୋଗର ସଂସ୍କୃତିକୁ ବଢ଼ାଇବାରେ ନାରୀ ଶକ୍ତିକୁ ପ୍ରୋତ୍ସାହିତ କରିଛି।



ସବ୍ ଲ୍ୟୁଟ୍ନାଣ୍ଟ ଆସ୍ଥା ପୁନିଆଙ୍କୁ ନୌସେନା ସହକାରୀ ମୁଖ୍ୟ ରିଅର ଆଡିରାଲ ଜନକ ବେଭ୍ଲି 'ୱିଙ୍ଗ୍ସ ଅଫ୍ ଗୋଲ୍ଡ' ପୁରସ୍କାରରେ ସମ୍ମାନିତ କରୁଛନ୍ତି।

# ୪ କୋଟି ୫୦ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ

## ଆଶ୍ରମ ସ୍କୁଲ ସରଞ୍ଜାମ, ପିଲାଙ୍କ ଡ୍ରେସ୍ କିଣାରେ ହୋଇଛି ଦୁର୍ନୀତି : ବିଜେଡି

ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ସରଞ୍ଜାମ ଯଥା ମଶାରି, ଖାଇବା ଥାଳି ବା ଟ୍ରେ, ହଣ୍ଡା, ଡ୍ରେସ୍, ଗଦି କିଣାରେ ୪ କୋଟି ୫୦ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଏକ ଲଜ୍‌ରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପ୍ରଦୀପ ଅଭିଯୋଗ କରିଛନ୍ତି, କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ବିନା କୌଣସି ଟେଣ୍ଡରରେ ଓସିସିଏଫ୍ ଓ ରିଲାଏନ୍ସ ନାମକ ସଂସ୍ଥାକୁ ଏହି ସାମଗ୍ରୀ କିଣିବାକୁ ଦିଆଯାଇଛି।

ରିଲାଏନ୍ସ କମ୍ପାନୀଠାରୁ ବିନା ଟେଣ୍ଡରରେ ଗୋଟିଏ ଗଦି ପିଛା ୨୯୯୦ ଟଙ୍କା ହିସାବରେ ୨୫ ହଜାର ଗଦି କିଣାଯାଇଛି। ଏହାର ମୂଲ୍ୟ ୭ କୋଟି ୪୭ ଲକ୍ଷ ୫୦ ହଜାର ଟଙ୍କା। କିନ୍ତୁ ଯାହାର ସ୍ଥାନୀୟ ବଜାର ରିଟେଲର ମୂଲ୍ୟ ଗଦି ପିଛା ୨୪୯୦ ଟଙ୍କା। ଏହାକୁ ଦେଖିଲେ ଗଦି କିଣିବାରେ ପ୍ରାୟ ୧ କୋଟି ୨୫ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ପ୍ରଦୀପ ଅଭିଯୋଗ କରିଛନ୍ତି। ୧୬୧ ସ୍କୁଲର ପ୍ରାୟ ୪୨ ହଜାର ୫୦୬ ପିଲାଙ୍କୁ ୨ ହଳ ଲେଖାଏ ଡ୍ରେସ୍ ଦିଆଯାଇଛି। ହଳକୁ ୧ ହଜାର ଟଙ୍କା ହିସାବରେ ୪କୋଟି ୨୫ ଲକ୍ଷ ୬ ହଜାର ଟଙ୍କା ମୂଲ୍ୟରେ ଡ୍ରେସ୍ କିଣାଯାଇଛି। ବାସ୍ତବରେ ଯାହାର ବଜାର ମୂଲ୍ୟ ଡ୍ରେସ୍ ପିଛା ୨୪୦ ଟଙ୍କା ରହିଛି। ପିଲା ପିଛା ୫୦୦ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଛି। ଏକ ମ୍ୟାଗ୍‌ନେଟ୍ ବ୍ରାଣ୍ଡର ନିର୍ଦ୍ଦିଷ୍ଟ କମ୍ପାନୀର ମେଡିକେଟେଡ୍ ଏଲ୍‌ଏଲ୍‌ଆଇଏନ୍ ମଶାରି ପିଛା ୩୫୦ ଟଙ୍କା ମୂଲ୍ୟରେ କିଣାଯାଇଛି। ୩୦ ହଜାର ମଶାରି କିଣାଯାଇଛି। ତାହାର ବାସ୍ତବ ବଜାର ମୂଲ୍ୟ କିନ୍ତୁ ୧୫୦ ରୁ ୨୦୦ ଟଙ୍କା। ମଶାରିରେ ୧ କୋଟି ୬୦ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ୨୮ ହଜାର ଖାଇବା ଥାଳି କିଣା ଯାଇଥିବାବେଳେ ସରକାରୀ ମୂଲ୍ୟ ୪୧୦ ଟଙ୍କା, କିନ୍ତୁ ବାସ୍ତବ ବଜାର ମୂଲ୍ୟ ୧୮୦ ଟଙ୍କା ରହୁଥିବା ଅଭିଯୋଗ ହୋଇଛି । ଥାଳି ପାଇଁ ସରକାର ୧କୋଟି ୧୪ ଲକ୍ଷ ୮୦ ହଜାର ଟଙ୍କା ଦେଇଛନ୍ତି। ଏଥିରେ ୫୦ ଲକ୍ଷ ୪୦ ହଜାର ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ହଣ୍ଡାହାଣ୍ଡି କିଣିବା ପାଇଁ ସରକାର ଗୋଟିଏକୁ ୧୩,୬୫୦ ମୂଲ୍ୟରେ ୧୫୦ଟି ହଣ୍ଡାକୁ ୨୦ ଲକ୍ଷ ୪୭ ହଜାର ୫୦୦ ଟଙ୍କାରେ କିଣାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହାର ବାସ୍ତବ ବଜାର ମୂଲ୍ୟ ୯୧୦୦ ଟଙ୍କା ଥିବା ଦର୍ଶାଇ ଏଥିରେ ମଧ ୬ ଲକ୍ଷ ୮୨ହଜାର ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ କରିଛି ଜିଲା ବିଜେଡି। ଏହି ଦୁର୍ନୀତିରେ ମନ୍ତ୍ରୀ ଓ ଅଧିକାରୀ ସାମିଲଥିବା ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଡାବୁଗାଁ ବିଧାୟକ ତଥା ବିଜେଡି ଜିଲା ସଭାପତି ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ସରୋଜ ପାତ୍ର, ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ।


ନବରଙ୍ଗପୁର ଜିଲା ଇନ୍ଦ୍ରାବତୀ ଗୋପାଳ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ କଳ୍କୀ ଅବତାର ବେଶ ।

# ଛତୁ ଖାଇ ପରିବାରର ୬ ଅସୁସ୍ଥ

ରାଇଘର, ୪।୭ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ମାରଙ୍ଗପାଲି ଗ୍ରାମରେ ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ କୁଅଁର ଲାଲ ଗଣ୍ଡ, ସ୍ତ୍ରୀ ବାଲମତି, ପୁଅ ବାଲାକୁ ରାମ, ଦୀନେଶ, ଶିବଲାଲ, ପୁତୁରା ବୁଦୁରାମ। ସୂଚନାନୁଯାୟୀ, ଶୁକ୍ରବାର ଘର ନିକଟରେ ଥିବା ପାଳ ଗଦାରୁ ଛତୁ ଆଣି ରୋଷେଇ କରି ଖାଇଥିଲେ। ପ୍ରାୟ ଘଣ୍ଟାଏ ପରେ ସମସ୍ତଙ୍କର ମୁଣ୍ଡ ବୁଲାଇବା ସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହା ପରେ ସେମାନଙ୍କୁ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଚିକିତ୍ସାପରେ ୩ ଜଣ ସାମାନ୍ୟ ସୁସ୍ଥ ହୋଇ ଫେରିଥିଲେ। ଏବେ ମଧ ୩ ଜଣ ଚିକିତ୍ସାଧୀନ ଅଛନ୍ତି ବୋଲି ଡା. ତପନ ମଣ୍ଡଳ କହିଛନ୍ତି।

# ଗାଁକୁ ଆସିଲା ଶ୍ରମିକଙ୍କ ମୃତଦେହ

ଝରିଗାଁ, ୪।୭(କିଶୋର ଚନ୍ଦ୍ର ମଣ୍ଡଳ)

■ ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଘଟଣା

■ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

ତେଲଙ୍ଗାନା ରାଜ୍ୟ ସାଙ୍ଗାରେଡ୍ଡି ଜିଲାର ପଶାମୟାଲାରାମରେ ଥିବା ସିଗାଚି ଇଣ୍ଡଷ୍ଟ୍ରିଜ ଔଷଧ କାରଖାନାରେ ସୋମବାର ଘଟିଥିବା ବିସ୍ଫୋରଣରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଭିକ୍ଷା ପଞ୍ଚାୟତ ଅନ୍ତର୍ଗତ କୋଦଭଙ୍ଗା ଗ୍ରାମର ରମେଶ ଗୌଡ଼ (୨୨) ଏବଂ ଚଇତୁ ଭତ୍ରା (୨୩)ଙ୍କ ମୃତ୍ୟୁ ହୋଇଛି। ତେବେ ଶୁକ୍ରବାର ଗାଁରେ ସେମାନଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଏକ ଶୋକାକୁଳ ପରିବେଶରେ ସେମାନଙ୍କ ଅନ୍ତିମ ସତ୍କାର କରାଯାଇଛି।

କୋଦଭଙ୍ଗା ଗ୍ରାମର ରମେଶ ଏବଂ ଚଇତୁ ଗାଁ ପାଖ ଅନ୍ୟ କେତେଜଣ ଶ୍ରମିକଙ୍କ ସହ ମିଶି ମାସେ ତଳେ ତେଲଙ୍ଗାନାର ଉକ୍ତ ଫାର୍ମା କାରଖାନାରେ କାମ କରିବାକୁ ଯାଇଥିଲେ। ସୋମବାର ସକାଳ ୯ଟାରେ ସେଠାରେ କୌଣସି କାରଣରୁ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ସେଠାରେ କାମ କରୁଥିବା ଅନ୍ୟ ଜଣେ ଶ୍ରମିକ କୃଷ୍ଣ ଗୌଡ଼ ରମେଶ ଏବଂ ଚଇତୁଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ବୁଧବାର ୱାର୍ଡ ସଭ୍ୟ କୁମ ଭତ୍ରାଙ୍କ ସମେତ ମୃତକଙ୍କ ପରିବାର ଲୋକେ ତେଲଙ୍ଗାନା ଯାଇଥିଲେ। ସେଠାରେ ଡିଏନ୍‌ଏ ଟେଷ୍ଟ କରାଯାଇଥିଲା। ଗୁରୁବାର ରାତି ୧୧ଟାରେ ରିପୋର୍ଟ ଆସିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। କମ୍ପାନୀ ପକ୍ଷରୁ ଆମ୍ବୁଲାନ୍ସ ଯୋଗାଇ ଦିଆଯିବା ସହ ମୃତଦେହ ଆଣିବାକୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇଦିଆଯାଇଛି। ଅପରାହ୍ନ ୩ଟା ୩୦ରେ ରମେଶଙ୍କର ଓ ସନ୍ଧ୍ୟା ୫ଟା ୩୦ରେ ଚଇତୁଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। କୋଦଭଙ୍ଗା ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


ଚଇତୁ ଭତ୍ରା


ରମେଶ ଗୌଡ଼

# ନାହିଁ ଶବଦାହ ପିଣ୍ଡି, ଆଲୋକ ବ୍ୟବସ୍ଥା

**ସମସ୍ୟା ଘେରରେ ଖାତିଗୁଡ଼ା ଶ୍ମଶାନ**

■ ଖାଲଖମାରେ ଭର୍ତ୍ତି ଶ୍ମଶାନ ରାସ୍ତା

■ ବ୍ୟବହାର ଉପଯୋଗୀ ନାହିଁ ବିଶ୍ରାମ ଗୃହ

ତେନ୍ତୁଲିଖୁଣ୍ଟି, ୪।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତ ଖାତିଗୁଡ଼ା (ଇନ୍ଦ୍ରାବତୀ) ରେ ଥିବା ଶ୍ମଶାନରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏ ନେଇ ପ୍ରଶାସନ, ଜନ ପ୍ରତିନିଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ସମାଧାନ ହେଉ ନ ଥିବା ଅଭିଯୋଗ ହୋଇଛି।

ସ୍ମସାନ କୁ ଯିବା ପାଇଁ ରାସ୍ତା ଯାତାୟାତ ଉପଯୋଗୀ ନୁହେଁ। ଏହି ରାସ୍ତାରେ ମୃତଦେହ କାନ୍ଧେଇ ନେବା, ସତ୍କାର ପାଇଁ କାଠ ଆଦି ନେବାରେ ପାଇଁ ବହୁ ଅସୁବିଧାର ସାମ୍ନା କରିବାକୁ ପଡୁଛି। ବର୍ଷା ଦିନେ ରାସ୍ତା ଆହୁରି କଦର୍ଯ୍ୟ ହୋଇ ପଡୁଛି। ଶ୍ମଶାନ ନିକଟରେ କୌଣସି ପାନୀୟ ଜଳ ବ୍ୟବସ୍ଥା ନାହିଁ। ଶ୍ମଶାନ ପରିସର ରେ ନା ଅଛି ବିଶ୍ରାମ ଗୃହ ନା ଶବଦାହ ପିଣ୍ଡି। ପିଣ୍ଡ ରାନ୍ଧିବା ଓ ସ୍ନାନ ପାଇଁ ଆବର୍ଜନା ଭରା ନଦୀ ଜଳ ବ୍ୟବହାର କରିବାକୁ ବାଧ୍ୟ ବୋଲି ଲୋକେ ଅଭିଯୋଗ କରିଛନ୍ତି। ବିଶ୍ରାମ ଗୃହ ପାଇଁ ଦଶ ରୁ ପନ୍ଦର ବର୍ଷ ମଧ୍ୟରେ ତିରିଶ ଲକ୍ଷ ଟଙ୍କା ପଞ୍ଚାୟତ ତଥା ପଞ୍ଚାୟତ ସମିତିରୁ ବ୍ୟୟ ହୋଇଛି। ତଥାପି ମଧ ବିଶ୍ରାମ ଗୃହ ବ୍ୟବହାର ଉପଯୋଗୀ ହୋଇ ପାରିନି ବୋଲି ଲୋକେ ଅଭିଯୋଗ କରିଛନ୍ତି।


ଶ୍ମଶାନକୁ ସଂଯୋଗ କରୁଥିବା ରାସ୍ତା।

ଆଲୋକ ବ୍ୟବସ୍ଥା ତ ସ୍ୱପ୍ନ । ଶ୍ମଶାନ ଯେଉଁଠି ଚାଲିଛି ସେଠାରେ ଘରୋଇ ଓ ସରକାରୀ ଜମି ରହିଛି। ଏଣୁ ମଝିରେ ମଝିରେ ବିବାଦ ଉପୁଜୁଛି। ସରକାରୀ ଅନାବାଦୀ ଜମି, ଉଭୟ ରାସ୍ତା ଓ ବିଶ୍ରାମ ଗୃହ, ଶବ ଦାହ ପିଣ୍ଡି ପାଇଁ ଚିହ୍ନଟ କରିବାକୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ରେ ନିବେଦନ ସତ୍ତ୍ୱେ ଚିହ୍ନଟ ହୋଇ ପାରିନି। ରାସ୍ତା, ବିଶ୍ରାମ ଗୃହ, ଶବ ଦାହ ପିଣ୍ଡି ତିଆରି, ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା ଆଦି ସମାଧାନ ପାଇଁ ତତ୍କାଳୀନ ସରକାର ର ମନ୍ତ୍ରୀ,ବିଧାୟକ,ଏମପି, ବ୍ଲକ ଅଧ୍ୟକ୍ଷା, ବିଡିଓଙ୍କୁ ବହୁ ବାର ନିବେଦନ କରାଯାଇଥିଲେ ମଧ ସମାଧାନ ହୋଇ ପାରିନି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କୁ ଏ ନେଇ ପଚାରିବାରୁ ଏ ସମସ୍ୟା ସମ୍ପର୍କରେ ଅବଗତ ରହିଛି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ କହିଲେ ଏହି ଶ୍ମଶାନ ରାସ୍ତା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦ ଲକ୍ଷ ଟଙ୍କାର ପ୍ରକଳ୍ପ ରଖାଯାଇଛି। ଅନ୍ୟ ସମସ୍ୟା ପ୍ରତି ପର୍ଯ୍ୟାୟକ୍ରମେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ମେଦନା ଖେଳ ପଡ଼ିଆରେ ଲଗାଗଲା ୫ଶହରୁ ଊର୍ଦ୍ଧ୍ୱ ଚାରା

ଡାବୁଗାଁ, ୪।୭(ପ୍ରଜ୍ଞରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତ ସଦରରେ ୭୬ତମ ବନ ମହୋତ୍ସବ ଶୁକ୍ରବାର ପାଳିତ ହୋଇଛି। ଝରିଗାଁ ବନ ବିଭାଗ ସହାୟତା ଏବଂ ମେଦନା ସିଦ୍ଧିବିନାୟକ ଯୁବକ ସଂଘ ସଦସ୍ୟ କ୍ଷେମା ପୂଜାରୀ, ବେଦବ୍ୟାସ ମାଳୀ, ବିକାଶ ମାଝି, ବବଲୁ ହରିଜନ, ଖଗ ମାଝି, ପଦମ ଗୌଡ, ବାବୁଲା ଭତ୍ରା, ଭାରତ ଗୌଡ଼, ଯୁଧିଷ୍ଠିମାଝି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମେଦନା ଖେଳ ପଡିଆର ୫ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମେଦନା ବନପାଳ ତନୁଜ କୁମାର ପରିଚ୍ଛା, ଚିଚିବାଇ ବିଟ ବନରକ୍ଷୀ ଅନନ୍ତ କୁମାର ଝାଙ୍କର, ମେଦନା ପୂର୍ବତନ ସରପଞ୍ଚ ହିରଣ୍ୟ ମାଝୀ, ଅଞ୍ଚଳା ସରପଞ୍ଚ ରମେଶ ମାଝୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।


ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୧/୨୦୨୫-୨୬ ଏସ୍‌ଏଲ୍‌ଇ/୧ ତାରିଖ: ୦୩।୦୭।୨୦୨୫

**ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ମଣ୍ଡଳ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ମଣ୍ଡଳ | ତା୧୧।୦୭।୨୦୨୫ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀର ବିବରଣୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-357) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ଦ.ପୂ. ରେଳପଥ – ଟେଣ୍ଡର**

**ଶୁଦ୍ଧିପତ୍ର**

ଟେଣ୍ଡରବିଜ୍ଞପ୍ତିନଂ.:ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୨, ତା: ୨୦।୦୬।୨୦୨୫ ବାବଦରେ ଶୁଦ୍ଧିପତ୍ର । ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଜିଆର୍‌ସିଙ୍କ ଦ୍ୱାରା ପ୍ରକାଶିତ ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତି ନଂ.ରେ କରାଯାଇଥିବା ପରିବର୍ତ୍ତନକୁ ତଳେ ଦର୍ଶାଯାଇଛି: ଟେଣ୍ଡର ନଂ. ୫୨୨୫୧୬୭୯ଏ ନିମନ୍ତେ ଦୟାକରି ଟେଣ୍ଡର ଖୋଲାଯିବା ତାରିଖକୁ ତା୧୦।୦୭।୨୦୨୫ରିଖ ବଦଳରେ ତା୧୪।୦୭।୨୦୨୫ରିଖ ଭାବେ ପଢ଼ନ୍ତୁ । ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । ଇ-ଟେଣ୍ଡର ବିଜ୍ଞପ୍ତିର ବିବରଣୀ ସମେତ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ । (PR-359/C)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/36 ତା.30.06.2025ରିଖ

1) ଟେଣ୍ଡର ସଂ. eTender-CENTKUR-130-2025, ତା.24-06-2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଢେଙ୍କାନାଳ ଅଧିକାର କ୍ଷେତ୍ର ଅଧୀନରେ ଗୁରୁଡ଼ିଝାଟିଆ ଠାରୁ ସଦାଶିବପୁର ଷ୍ଟେସନ ପର୍ଯ୍ୟନ୍ତ ଷ୍ଟାଫ୍ କ୍ୱାର୍ଟର ପାଇଁ ପ୍ରସ୍ତାବିତ ବିବିଧ ମରାମତି କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 269.90 ଲକ୍ଷ, EMD (₹) : 2,85,000.00 ।

2) ଟେଣ୍ଡର ସଂ. eTender-CENTKUR-132-2025, ତା.24-06-2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଭୁବନେଶ୍ୱର ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 180.90 ଲକ୍ଷ, EMD (₹) : 2,40,500.00 ।

3) ଟେଣ୍ଡର ସଂ. eTender-CENTKUR-133-2025, ତା.24-06-2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଅନୁଗୁଳ ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 130.79 ଲକ୍ଷ, EMD (₹) : 2,15,400.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.16.07.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-322/Q/25-26 ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

No.O-338

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
Email : eerwbnjr@gmail.com

NATIONAL COMPETITIVE BIDDING THROUGH e-Procurement
Identification No. Online Tender / 02 / RWDBNJ / 2025-2026
Ltr. No. 3428 Date : 24.06.2025

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/02/2024-2025 | Building Work | 12 No. | 50.35 Lakh to 63.36 Lakhs | "B" Class as applicable | 09 (Nine) Calendar months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/02/ RWDBNJ/2025-2026 | 14.07.2025 at 10.00 A.M. | 24.07.2025 upto 3.00 P.M. |

Further details can be seen from the website : www.tendersodisha.gov.in

Sd./- Executive Engineer
R.W.Division, Bhanjanagar

OIPR-25174/11/0023/2526

कार्यालय, जिला परिषद, राँची
(अभियंत्रण शाखा)

अति अल्पकालीन ई–निविदा आमंत्रण सूचना
टेन्डर रिफ्रेन्स नम्बर–DOPR/DE/Ranchi/07/2025-26

| S. No | योजना का नाम | स्वीकृत राशि (रुपये में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Construction of Additional work(Meeting Room,Shed 01,Shed 02, and Toilet Block) Community Health Centre Burmu. | 99,26,300.00 | 1,99,000.00 | 10,000.00 | 06 माह |
| 02 | Renovation of Community Health Centre Burmu, | 99,99,900.00 | 2,00,000.00 | 10,000.00 | 06 माह |

नोट :–केवल ई–टेण्डर ही स्वीकार होगें।
1.अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि – 10.07.2025
3. ई–निविदा की प्राप्ति की तिथि एवं समय–11.07.2025 से 17.07.2025 अपराह्न 5.00 बजे तक।
4. निविदा खोलने की तिथि–18.07.2025 को 5.00 बजे अपराह्न।
5. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, राँची।
ई–निविदा प्रकोष्ट का दुरभाष नं0– 7739519093
6. परिमाण विपत्र की राशि घट बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
8. Form of Bid एवं Bill of Quauntity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
9. निविदा डबल बीड प्रद्वति से होगा।
10. इस निविदा में जिला परिषद, राँची में निबंधित समुचित श्रेणी के संवेदक ही भाग लेगें।

जिला अभियंता,
जिला परिषद, राँची।

PR 356536 (Panchayati Raj) 25-26 (D)

No.A-339

GOVERNMENT OF ODISHA
DEPARTMENT OF WATER RESOURCES
O/o THE SUPERINTENDING ENGINEER,
ANGUL IRRIGATION DIVISION, ANGUL
e-Mail Id - eeangulirrigation@gmail.com

'e'-Procurement Notice No. SE-AID-3/2025-26

The Superintending Engineer, Angul Irrigation Division, Angul on behalf of the Governor of Odisha invites **bid in single cover** system in **ONLINE MODE** from eligible manpower service provider as detailed below.

| | | | |
|---|---|---|---|
| 1 | Name of work | : | Operation & Maintenance of Aunil & Sapua Badjore Irrigation Project under Angul Irrigation Division, Angul for the year 2025-26 (for the period of 274 days). |
| 2 | Total No. of work | : | **02 (Two) Nos.** |
| 3 | Estimated Cost put to tender | : | Approximately **Rs.3.04 & 4.56 Lakh** |
| 4 | Tender Paper Cost | : | **Rs.2,000/-** (Non-Refundable) |
| 5 | Class of Contractor | : | Manpower Service Provider / Human Resources Supply |
| 6 | Period | : | 274 days |
| 7 | Availability of Bid Documents and receipt of bid through online | : | From **10.00 A.M. of 07.07.2025 to 5.00 P.M. of 16.07.2025** in the website **(www.tendersodisha.gov.in)** |
| 8 | Date, time & place for opening of online tenders | : | **17.07.2025 at 11.00 A.M.** and onwards in the O/o the SE, Angul Irrigation Division, Angul |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/PO : Hakimpada, Dist : Angul, Odisha. e-mail Id - eeangulirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in. Any addendum/corrigendum/cancellation of tender can also be seen in the said site.

Sd./- Superintending Engineer
Angul Irrigation Division, Angul

OIPR-32049/11/0023/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ । ସେମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାମାନଙ୍କ ନାମ | ଗାଡିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ଶ୍ରୀ କ୍ଷିରୋଦ କୁମାର ମହାନ୍ତି | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K9757 ଇଞ୍ଜିନ ନଂ.: LDHZ407946 ଚେସିସ୍ ନଂ.: MB1NGCHD4LRDE5761 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୨. | ଯୋଡା | ଶ୍ରୀ ବିଜୟ କୁମାର ସିଂହ | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K8287 ଇଞ୍ଜିନ ନଂ.: LDHZ407308 ଚେସିସ୍ ନଂ.: MB1NGCHD2LRDE4513 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୩. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୮,୫୦,୫୦୦/- / ଟ.୮୫,୦୫୦/- | ଏସ୍ ଆଣ୍ଡ୍ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |

ନିଲାମ ତାରିଖ: ୨୫.୦୭.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ https://baanknet.com

ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୨୧.୦୭.୨୦୨୫ ରୁ ୨୫.୦୭.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା

**ନିୟମ ଏବଂ ସର୍ତ୍ତାବଳୀ :** ଇଚ୍ଛୁକ ନିଲାମଧାରୀମାନେ ଗାଡିଗୁଡିକୁ ଉପରଦର୍ଶିତ ପାର୍କିଂ ୟାର୍ଡ ପରିସରରେ ତା.୨୧.୦୭.୨୦୨୫ ରୁ ତା.୨୪.୦୭.୨୦୨୫, ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର ୨୫% ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ୧୫ ଦିନ ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂବୈଧାନିକ ଦେୟ / ସମସ୍ତ ଆନୁଷଙ୍ଗିକ ଦେୟ ଯଦିଥାଏ ତାହା ବହନ କରିବେ । ସଫଳ ନିଲାମଧାରୀମାନେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରି ଷ୍ଟକ୍ ୟାର୍ଡରୁ ୧୫ ଦିନ ମଧ୍ୟରେ ଗାଡ଼ିଗୁଡ଼ିକ ନେବା ସେମାନଙ୍କର ଦାୟିତ୍ୱ ଅଟେ। ଗାଡି "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିଲାମ କରାଯିବ । ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ । **ପରବର୍ତ୍ତୀ ସୂଚନା ଏବଂ ସ୍ପଷ୍ଟୀକରଣ ନିମନ୍ତେ ଯୋଗାଯୋଗ କରନ୍ତୁ : ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯।** ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏହା ଏକ ୧୫ ଦିନିଆ ନୋଟିସ୍ କି ସେମାନେ ସେମାନଙ୍କର ବକେୟାଦେୟ ପୈଠ କରି ଆକାଉଣ୍ଟକୁ ଫଏସଲା କରନ୍ତୁ ଏବଂ ଉପରଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମ/ଇ-ନିଲାମରେ ଅଂଶଗ୍ରହଣ କରନ୍ତୁ।

ସ୍ଥାନ: କେନ୍ଦୁଝର, ତାରିଖ: ୦୪.୦୭.୨୦୨୫ ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ହିତାଧିକାରୀଙ୍କୁ ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି ବଣ୍ଟନ

## ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ

ମାଲକାନଗିରି/ମାଥିଲି,୪।୭ (ଦୁର୍ଯ୍ୟୋଧନ ପାତ୍ର/ ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ରେଳ ପ୍ରକଳ୍ପ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ଶୁକ୍ରବାର ମାଲକାନଗିରି ଜିଲା ମାଥିଲି ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ନିମନ୍ତେ ଜମି ଅଧିଗ୍ରହଣ ହୋଇଥିବା ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକ ସଭା ସଦସ୍ୟ ବଳଭଦ୍ର ମାଝୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର, ମାଥିଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ ବାକାଙ୍କ ସମେତ ଜିଲାପାଳ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଥିଲି ତହସିଲଦାର ମାନସୀ ଭୋଇ, ଖଇରପୁଟ ତହସିଲଦାର ପି. ମନସ୍ୱିତା ଓ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ଉପସ୍ଥିତ ଥିଲେ। ରେଳପଥ ସ୍ଥାପନ ହେବା ଦ୍ୱାରା ଜିଲାରେ ଆହୁରି ବିକାଶ ହେବା ସହ ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ରେଳ ସଂଯୋଗ ହେଲେ ଜିଲାବାସୀ ତଥା ବିଶେଷକରି ଜନଜାତିଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଏମ୍‌ପି ମତବ୍ୟକ୍ତ କରିଛନ୍ତି। ଏହି ପ୍ରକଳ୍ପ ବାବଦକୁ ପ୍ରଥମ ପର୍ଯ୍ୟାୟରେ ମାଥିଲିର ୩୫ ଜଣ ଓ ଖଇରପୁଟ ତହସିଲର ୪ ଜଣ ହିତାଧିକାରୀଙ୍କୁ ମୋଟ ୨ କୋଟି ୪୫ ଲକ୍ଷ ୫୫ ହଜାର ୩୯୯ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ମାଥିଲି ତହସିଲର ଧଉଡ଼ାଗୁଡା, ପୂଜାରିଗୁଡା, କଟ୍ରିମାଝିଗୁଡା ଓ ଖଇରପୁଟ ତହସିଲର ପାରୁଗୁଡାର ହିତାଧିକାରୀ ରହିଛନ୍ତି।

ସୂଚନା ଥାଉ କି, ରେଳପଥ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ମାଧ୍ୟମରେ ଉକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ଜମି ଅଧିଗ୍ରହଣ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।



କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଉଦ୍‌ବୋଧନ ଦେଉଛନ୍ତି ।

# ୨୬ ଜଣଙ୍କ ନାଁରେ ମାମଲା ରୁଜୁ

## ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣା

ମାଲକାନଗିରି ,୪।୭ (ଦୁର୍ଯ୍ୟୋଧନ ପାତ୍ର)

ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ମାଲକାନଗିରି ପୋଲିସ ଶୁକ୍ରବାର ୨୬ ଜଣଙ୍କ ନାଁରେ କେଶ୍ ନଂ ୩୩୭/୨୫ରେ ମାମଲା ରୁଜୁ କରିଛି। ପ୍ରକାଶ ଥାଉ କି, ଗତ ଜୁନ୍ ୨୧ ତାରିଖରେ ମାଲକାନଗିରି ବ୍ଲକ କତାମାଟେରୁ ଗ୍ରାମରେ ହିନ୍ଦୁ ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉକ୍ତ ଗଣ୍ଡଗୋଳରେ ୩୦ ଜଣ ଖ୍ରୀଷ୍ଟିୟାନ ଲୋକ ଆହତ ହୋଇଥିଲେ। ଏହି ଆକ୍ରମଣକୁ ଆଧାର କରି ଖ୍ରୀଷ୍ଟିୟାନ ମଞ୍ଚ ତରଫରୁ ମାଲକାନଗିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଦୋଷୀଙ୍କୁ ଗିରଫ ନ କରିବାରୁ ଗତ ଦୁଇଦିନ ତଳେ ଜିଲା ଖ୍ରୀଷ୍ଟିୟାନ ମଞ୍ଚ ତରଫରୁ ଶୋଭାଯାତ୍ରା କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିଲେ। ସେହି ସମୟରେ ଜିଲାପାଳ ସଙ୍ଗେ ସଙ୍ଗେ ବାହାରକୁ ଆସି ନ ଥିବାରୁ ଖ୍ରୀଷ୍ଟିୟାନ ମଞ୍ଚର ଆନ୍ଦୋଳନକାରୀ ଜୋରଜବରଦସ୍ତ କାର୍ଯ୍ୟାଳୟରେ ପ୍ରବେଶ କରିବା ସହ ଥାନା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ।


ଖ୍ରୀଷ୍ଟିୟାନ ମଞ୍ଚ କର୍ମକର୍ତ୍ତା ପୋଲିସ ସହିତ ଗଣ୍ଡଗୋଳ କରୁଛନ୍ତି ।

# ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ସହ ଅନ୍ୟମାନେ ।

ମାଲକାନଗିରି ,୪।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କୁ ସ୍ଥାନୀୟ ଆଓମା ଗୁରୁକୁଳଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗଞ୍ଜାମ ଜିଲା ଛତ୍ରପୁରକୁ ତାଙ୍କର ବଦଳି ହୋଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ତହସିଲଦାର ଶଶାଙ୍କ ମିଶ୍ର, ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ଦୁର୍ଗାପ୍ରସାଦ ରାଜ, ଅନ୍ୟତମ ଅତିଥି ଭାବେ ବିଜୟ ଦଣ୍ଡସେନା, ଭୀମସେନ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଇଁ ଜଣେ ଦକ୍ଷ ଓ ସଚ୍ଚୋଟ ଅଧିକାରୀ ଥିଲେ। ସେ ଗାଁ ଗାଁ ବୁଲି ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଉଥିଲେ। ଜିଲା ଲୋକ ମହୋତ୍ସବ ମାଲ୍ୟବନ୍ତରେ ମଧ୍ୟ ତାଙ୍କର ସକ୍ରିୟ ଭୂମିକା ରହିଥିଲା। କାର୍ଯ୍ୟକ୍ରମରେ ଆଓମା ଗୁରୁକୁଳ ସଭାପତି ରତ୍ନାକର ଦାଶ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ପ୍ରତିଷ୍ଠାତା ବିନାଶ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱାଇଁଙ୍କୁ ସ୍ମୃତି ସନ୍ତକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୁର୍ଘଟଣା ରୋକିବାକୁ ବ୍ରିଜ୍‌ର ବୁଲାଣିରେ ଥିବା ଗଛ ଡାଳ କଟାଗଲା

କୋରୁକୋଣ୍ଡା,୪।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଚିତାପାରୀ-୩ ବ୍ରିଜ ନିକଟରେ ଥିବା ଟର୍ଣ୍ଣିଂ ପଏଣ୍ଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛଗୁଡିକର ଡାଳ ବଢିଯାଇ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଥିଲା। ଉକ୍ତ ରାସ୍ତା ଦେଇ ଲୋକେ ଯାତାୟତ କରିବା ସମୟରେ ଏ କଡ଼ରୁ ସେ କଡକୁ ରାସ୍ତା ଆଦୌ ଦେଖାଯାଉ ନ ଥିଲା। ଫଳରେ ଗତ କିଛି ଦିନ ମଧ୍ୟରେ ଏହି ସ୍ଥାନରେ ଅନେକ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଗତ ୪ ଦିନ ପୂର୍ବେ ମଧ ଏଠାରେ ଏକ ସଡକ ଦୁର୍ଘଟଣାରେ ୨ ବାଇକ ଅରୋହୀ ଗୁରୁତର ଆହତ ହୋଇଥିଲେ। ତେବେ ଦିନକୁ ଦିନ ବଢୁଥିବା ଏହି ଦୁର୍ଘଟଣାକୁ ରୋକାଯିବା ଲକ୍ଷ୍ୟରେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାରସକାଳେ ଏଏସ୍‌ଆଇ ସତଧର ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ବ୍ରିଜ ନିକଟରେ ପହଞ୍ଚିଥିଲେ। ବାଲିମେଳା ବନ ବିଭାଗର ଅନୁମତିକ୍ରମେ ସ୍ଥାନୀୟ ଅଞ୍ଚଳର ବିପଦର ବନ୍ଧୁ ଟିମ୍ ସଦସ୍ୟ ରୁକଧର ମୁଣ୍ଡାଗୁଡ଼ିଆଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କୁ ନେଇ ରାସ୍ତାର ଉଭୟ ପାର୍ଶରେ ବଢି ଯାଇଥିବା ଗଛର ଡାଳ ଗୁଡିକ କାଟି ସଫା କରିଥିଲେ। ଏବେ ରାସ୍ତାର ଉଭୟ ପଟ ସମ୍ପୂର୍ଣ୍ଣ ଭାବେ ଦେଖାଯାଉଛି। ଯାହା ଦ୍ୱାରା ଆଗାମୀ ଦିନରେ ଆଉ ଦୁର୍ଘଟଣା ହେବ ନାହିଁ ବୋଲି ଅନୁମାନ କରାଯାଉଛି। ତେବେ ଓର୍କେଲ ପୋଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।


ବିପଦର ବନ୍ଧୁ ଟିମ୍ ସଦସ୍ୟ ଗଛ ଡାଳ କାଟୁଛନ୍ତି।

# ବନ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ

## ବିଦ୍ୟାଳୟ ପରିସରରେ ଲଗାଗଲା ଗଛ

କୋରୁକୋଣ୍ଡା,୪।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ବନ ବିଭାଗ ପକ୍ଷରୁ ଶୁକ୍ରବାର ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନିର୍ଦ୍ଦେଶକ୍ରମେ ବନପାଳ ମୋହନ ଗୁଡିଆଙ୍କ ନେତୃତ୍ୱର ଶୁକ୍ରବାର ବାଲିମେଳା ସହରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଡ୍ରଗ୍ ଲାଇନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶୀଳା ହିଆଲ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରୀଛାତ୍ର ଏବଂ ବନ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, ପିଜୁଳି, ଅଁଳା, କଦମ୍ବ, ନିମ୍ବ ସମେତ ବହୁ ଔଷଧିୟ ଗଛ ଲଗାଯାଇଛି। ଏହା ପରେ ସହରର ଡ୍ରଗ ଲାଇନରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ରାଉତ, ସିଆରସିସି ପ୍ରଦ୍ୟୁମ୍ନ ସ୍ୱାଇଁ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରୀଛାତ୍ର ଏବଂ ବନ ବିଭାଗର ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ, ଜ୍ୟୋତ୍ସ୍ନା ପଣ୍ଡା ଓ ଅନ୍ୟ କର୍ମଚାରୀଙ୍କ ମିଳିତ ସହଯୋଗରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା।


ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ଓଡ଼ିଆ ସାହିତ୍ୟ, ସଂସ୍କୃତିକୁ ନେଇ ବିଭିନ୍ନ ପ୍ରତିଯୋଗିତା

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ

ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)

ଓଡ଼ିଶା ସାହିତ୍ୟ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ନବରଙ୍ଗପୁରସ୍ଥିତ ରାଜା ଚୈତନ୍ୟ ଦେବ ନୋଡ଼ାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ କନିଷ୍ଠ ( ଷଷ୍ଠ ଓ ସପ୍ତମ ଶ୍ରେଣୀ) ଓ ବରିଷ୍ଠ (ଅଷ୍ଟମ ରୁ ଦଶମ ଶ୍ରେଣୀ) ବର୍ଗଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତା ଶେଷରେ ଏକ ସଭାକାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଆଇପିଆର୍‌ଓ ମନୋଜ କୁମାର ବେହେରା ମୁଖ୍ୟ ଅତିଥି, ଏଡିଇଓ ତନ୍ମୟ ବେହେରା ସମ୍ମାନୀତ ଅତିଥି, ଅନ୍ୟତମ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପାଣିଗ୍ରାହୀ ଉପସ୍ଥିତ ଥିଲେ। କନିଷ୍ଠ ବର୍ଗ ସାଧାରଣଜ୍ଞାନ ପ୍ରତିଯୋଗିତାରେ ସୁଶ୍ରୀ ରୁବୀ ସମରଥ, ପ୍ରବନ୍ଧରେ ଅର୍ପିତା ସାହୁ, କବିତା ଆବୃତ୍ତିରେ ଅର୍ଚ୍ଚିତା ସାହୁ , ବକ୍ତୃତାରେ ଏଲିନା ଇସାବେଲ ଖୁରା ପ୍ରଥମ ହୋଇଛନ୍ତି। ବରିଷ୍ଠ ବର୍ଗ ସାଧାରଣଜ୍ଞାନରେ ତୁଷାର ରଞ୍ଜନ ସାହୁ, ପ୍ରବନ୍ଧରେ ପି.ଶୁଭଶ୍ରୀ , କବିତା ଆବୃତ୍ତିରେ ସି.ଏସ୍.ତେଜଶ୍ରୀ, ବକ୍ତୃତାରେ ଜଗନ୍ନାଥ ଗୌଡ଼ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଏହି କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିବେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଡିଏଭି ଶିକ୍ଷକ, ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କୋରାପୁଟ,୪।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦିଆ ତାରା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦେବେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ମହେଶ୍ୱର ନାୟକ ଯୋଗଦେଇଥିଲେ। ଜଣେ ଭଲ ଶିକ୍ଷକ ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ଶିକ୍ଷକମାନେ ଏକ ବତୀ ଘର ଭଳି ଅନ୍ୟକୁ ଶିକ୍ଷିତ କରିପାରିବେ ବୋଲି ସେ କହିଥିଲେ। ଛାତ୍ର ସଂସଦ ସମ୍ପାଦକ ପ୍ରଭଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ସଂସଦ ସଭାପତି ଚନ୍ଦନ କୁମାର ଗମାଙ୍ଗ କଲେଜର ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ। ପ୍ରଜ୍ଞା ପରମିତା ସାମନ୍ତରା ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ଡ.ପୂର୍ଣ୍ଣଚନ୍ଦ୍ର ତନ୍ତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଆଗାମୀ ଭବିଷ୍ୟତରେ ଜଣେ ଶିକ୍ଷକ ଭାବେ ଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ରାଜେନ୍ଦ୍ର ପାଢ଼ୀ ପ୍ରକାଶ କରିଥିଲେ । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଘର ଭିତରେ ପଶିଲା ବର୍ଷାଜଳ, ଦୁର୍ଦ୍ଦଶାରେ ୫ ପରିବାର

ମାଲକାନଗିରି ,୪।୭ (ଦୁର୍ଯ୍ୟୋଧନ ପାତ୍ର)

ଗତ ୩ ଦିନ ହେଲା ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲା ସଦରରେ ଲୋକଙ୍କ ଘରେ ପଶିଛି ବର୍ଷା ପାଣି। ଜିଲା ସଦର ମହକୁମା ସତ୍ୟମଗୁଡା ୩୨୬ ନଂ ଜାତୀୟ ରାଜପଥ କଡରେ ଥିବା ୫ଟି ପରିବାର ନିର୍ମଳ ବିଶ୍ୱାସ, ବିଶ୍ୱଜିତ ରାୟ, ଦିପକ ଡାଲି, ସୁକେଶ ଡାଲି, ପ୍ରେମାନନ୍ଦ ଭଦ୍ରଙ୍କ ଘରେ ବର୍ଷାଜଳ ପଶିଯିବାରୁ ଲୋକେ ରାତିସାରା ଭୋକ ଉପାସରେ ଉହଳ ବିକଳ ହୋଇଛନ୍ତି।

ପ୍ରକାଶଥାଉ କି, ମାଲକାନଗିରି ସହର ଜୟପୁରିଆଗୁଡା, ସତ୍ୟମଗୁଡା, ପାତ୍ରଗୁଡାକୁ ଲାଗିଥିବା ଗୋଇ ପର୍ବତ ଉପରୁ ବର୍ଷା ଜଳ ପ୍ରବାହିତ ହୋଇ ନିଷ୍କାସନ ହୋଇ ପାରୁ ନ ଥିବାରୁ ଜମା ହୋଇ ଲୋକଙ୍କ ଘରେ ବର୍ଷାଜଳ ପ୍ରବେଶ କରିଛି। ମୁଖ୍ୟରାସ୍ତାର ନାଳ ସମ୍ପୃକ୍ତ ଜାତୀୟ ରାଜପଥ ବିଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନାହିଁ। ତେବେ ମାତ୍ର ୫୦ ମିଟର ଦୂରତା ମଧ୍ୟରେ ଦୁଇଟି କଲଭର୍ଟ ୬ ବର୍ଷ ପୂର୍ବରୁ ପାଟିଲ କନଷ୍ଟ୍ରକସନ୍ ଦ୍ୱାରା ୧୯ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିଲା। ସେହି କଲଭର୍ଟ ଦେଇ ବର୍ଷାଜଳ ନିଷ୍କାସନ ହେଉଥିଲା। କିନ୍ତୁ କଲଭର୍ଟ ସମ୍ମୁଖରେ ଜନୈକ ବ୍ୟକ୍ତିଙ୍କ ପଟ୍ଟା ଜମି ଥିବାରୁ ତାଙ୍କର ଅସ୍ଥାୟୀ ଘର ବର୍ଷାଜଳରେ କ୍ଷତିଗ୍ରସ୍ତ ହେବା ଯୋଗୁଁ ଜାତୀୟ ରାଜପଥ ବିଭାଗ ପୁରୁଣା ନାଳ ଉପରେ ୪ ଫୁଟର କଂକ୍ରିଟ୍ ପାଚେରି ନିର୍ମାଣ କରି ଦେଇଥିଲା। ଫଳରେ ଦ୍ୱ ଉପର ମୁଣ୍ଡରୁ ଆସୁଥିବା ବର୍ଷା ଜଳ ଅନ୍ୟତ୍ର ପ୍ରବାହିତ ହୋଇ ପାରୁନାହିଁ। ଗୋଇ ପର୍ବତକୁ ଲାଗିଥିବା ପ୍ରାୟ ୧୦ ଏକର ଜମିରେ ବର୍ଷାଜଳ ଭର୍ତ୍ତି ହୋଇଥିବାରୁ ଏବଂ ଏହା ନିଷ୍କାସନ ନ ହେବାରୁ ଘର ଭିତରେ ପାଣି ପଶୁଥିବା କୁହାଯାଉଛି। ପାଣି ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ କହିଛନ୍ତି।


ଲୋକଙ୍କ ଘରେ ବର୍ଷାପାଣି ପଶିଯାଇଛି ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
SALES & MARKETING EXECUTIVE
AK Plywood - Bhubaneswar
Opp Hotel Sapphire, Laxmisagar
• Experience preferred but not mandatory
Mob : 083277 43931

WALK-IN-INTERVIEW
Candidates having minimum 55% mark in P.G. can attain interview for Lecturer in Odia (one post) on dt.14.07.2025 (Monday) from 11 A.M. onwards. Ph.D. qualification will preferable. Candidates will come with all testimonials.
Sd./- Principal-cum-Secretary
S.B.H.S. School, Bentapur, Khordha

URGENTLY REQUIRED
4 Nos DTP and Xerox operator, 2 Nos shop Sales Men urgently required for my 2 shop, 1 Nos Private secretary Com Body guard. (Age limit 21 to 35 years, only male for all posts) Contact: New Plus Point, CDA Market Complex, College Square Cuttack.
Mob: 7991052444

WANTED
LADIES OFFICE ASST.
At Near Phulnakhara, Cuttack
Khaiba Free / Rahiba Free
Salary - 10000 + Bonus
MOB : 7809525452

See Career Appointment on every Wednesday & Saturday

TEACHERS REQUIRED for SUNSHINE PLAY SCHOOL
(Cuttack)
Qualification: Any Graduate
Contact No.:
9437106767
7854085452

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019
DEANAC-25016/1/2024-DEAN ACADEMIC/3145 Date: 3rd July, 2025
SPECIAL RECRUITMENT DRIVE FOR BACKLOG VACANCY
RECRUITMENT OF TUTOR/DEMONSTRATOR AT AIIMS, BHUBANESWAR
Online Applications are invited from eligible candidates for appointment as Tutor/Demonstrator on Contract basis for a period of One Year at AIIMS, Bhubaneswar.
NUMBER OF VACANCIES: 20
Eligibility criteria (age, qualification, etc.), requisite fee and other details, are available on www.aiimsbhubaneswar.nic.in vide Advertisement No. DEANAC-25016/1/2024-DEAN ACADEMIC /3133 dated 01st July, 2025.
*Any query please contact Academic Section, AIIMS, Bhubaneswar. (Email-ID: acad_rectt@aiimsbhubaneswar.edu.in)*
Candidates are advised to visit our website www.aiimsbhubaneswar.nic.in. regularly for latest update.
Sd/-
REGISTRAR
AIIMS, Bhubaneswar

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविमावनम्
असेसमेंट में, हम पर भरोसा रखता है भारत | In assessment, India trusts us
वेबसाइट देखने हेतु स्कैन करें Scan to visit Website
ସିଆର୍‌ପି ପିଓ/ଏମ୍‌ଟି-XV ଏବଂ ସିଆର୍‌ପି ଏସ୍‌ପିଏଲ୍-XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ଏବଂ ସ୍ପେଶାଲିଷ୍ଟ ଅଫିସର୍ସଙ୍କ ନିଯୁକ୍ତି (୨୦୨୬-୨୭ର ଖାଲିପଦବୀ) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଫିସିଆଲ ଓ୍ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ସର୍ବସାଧାରଣ କ୍ଷେତ୍ରର ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନୀ ପଦବୀ ତଥା ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ ଚୟନ ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା ସମ୍ଭାବ୍ୟ ଭାବେ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ଅଗଷ୍ଟ ୨୦୨୫ | — |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ ୨୦୨୫ | ଅଗଷ୍ଟ ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର ୨୦୨୫ | ସେପ୍ଟେମ୍ବର ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୫ | ନଭେମ୍ବର ୨୦୨୫ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ନଭେମ୍ବର ୨୦୨୫ | ନଭେମ୍ବର ୨୦୨୫ |
| ବ୍ୟକ୍ତିତ୍ୱ ପରୀକ୍ଷା | ନଭେମ୍ବର/ ଡିସେମ୍ବର ୨୦୨୫ | — |
| ସାକ୍ଷାତ୍‌କାର ସଞ୍ଚାଳନ | ଡିସେମ୍ବର ୨୦୨୫/ ଜାନୁଆରୀ ୨୦୨୬ | ଡିସେମ୍ବର ୨୦୨୫/ ଜାନୁଆରୀ ୨୦୨୬ |
| ପରୀକ୍ଷାମୂଳକ ଆବଣ୍ଟନ | ଜାନୁଆରୀ/ ଫେବୃଆରୀ ୨୦୨୬ | ଜାନୁଆରୀ/ ଫେବୃଆରୀ ୨୦୨୬ |

ବିବରଣୀ ତଥା ଅଦ୍ୟତନ ସୂଚନା ପାଇଁ ନିୟମିତ ଭାବେ ଆଇବିପିଏସ୍ ଓ୍ୱେବ୍‌ସାଇଟ୍ www.ibps.in ଦେଖିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ନିର୍ଦ୍ଧାରିତ ତାରିଖରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ପ୍ରତ୍ୟେକ ସବିଶେଷ ଅଧିସୂଚନାରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ନିହାତି ଆବଶ୍ୟକ ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୫ ନିର୍ଦ୍ଦେଶକ

# "ଆର୍ତ୍ତଜନଙ୍କ ହାହାକାରରେ ଏକାକାର ମୋ' କବିତା"

## ସୃଜନ-ଆଳାପ


ରମେଶ ପତି

ରମେଶ ପତି ଚଳନ୍ତି ସମୟର ଓଡ଼ିଆ କବିତାରେ ଏକ ସ୍ପର୍ଦ୍ଧିତ ଉଚ୍ଚାରଣ। ରୋମାଣ୍ଟିକ୍ ଭାବାବେଗରୁ ଆରମ୍ଭ କରି ପ୍ରଗତିବାଦୀ ଚିନ୍ତନ ପର୍ଯ୍ୟନ୍ତ ତାଙ୍କ କବିତାର ବିସ୍ତୃତି। ପ୍ରକାଶିତ କବିତାଗ୍ରନ୍ଥ 'ନଜରବନ୍ଦୀ' (୨୦୦୦), 'ଦଂଶିତ କୃଷ୍ଣଚୂଡ଼ା' (୨୦୦୪), 'ଭୋକଭିଜା ଭୂଇଁ' (୨୦୦୬), 'ଫର୍ଦ୍ଦେ ଜୀବନ' (୨୦୧୧), 'ଘାଇ' (୨୦୧୫), 'ପାପପଥ' (୨୦୧୭), 'ମଲାପକ୍ଷୀର ଗୀତ' (୨୦୨୦) ଓ 'ଓହଳ' (୨୦୨୨)। କବିତା ଭିନ୍ନ ଗଳ୍ପ ରଚନାରେ ଏଇ ଲେଖକ ରୁଚି ରଖନ୍ତି, ଯାହାର ପ୍ରମାଣ ତାଙ୍କ ଗଳ୍ପ ସଂକଳନ 'ଉଦୟ ସୂର୍ଯ୍ୟର ରଙ୍ଗ' (୨୦୨୪)। ସେ ପ୍ରଗତିଶୀଳ ସାହିତ୍ୟ ପତ୍ରିକା 'ପ୍ରବାହ'ର ସମ୍ପାଦନା ଓ 'ପ୍ରବାହ ପ୍ରକାଶନୀ'ର ପ୍ରତିଷ୍ଠାତା। ଓଡ଼ିଆ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପୁରସ୍କାରରେ ସେ ପୁରସ୍କୃତ, ଯହିଁରେ ଅନ୍ତର୍ଭୁକ୍ତ 'ଦଧୀଚି ସମ୍ମାନ', 'ବରାହ ଜ୍ୟୋତି ସମ୍ମାନ', 'ପରାଶର ସମ୍ମାନ', 'ଗୋକର୍ଣ୍ଣିକା ସମ୍ମାନ' ଓ 'ରାଜଧାନୀ ପୁସ୍ତକ ମେଳା ପୁରସ୍କାର'। 'ସୃଜନ-ଆଳାପ'ରେ ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ସହ ଏଥର ଏଇ କବି...

**ପ୍ର:** ସମକାଳୀନ ଓଡ଼ିଆ କବିତାରେ ଆପଣ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। କହିବେ କି ଆପଣଙ୍କ କାବ୍ୟଯାତ୍ରା କେବେଠୁଁ ଓ କେମିତି?

**ଉ:** ଠିକ୍ କେବେ କହିବା କଷ୍ଟ। କେବଳ ଏତିକି କହିବି ଯେ, ଜୀବନର ଜଟିଳ ପଥ ଅତିକ୍ରମ କରିବା ବେଳେ ବଗିଚାର ଫୁଲମାନେ, ନିଦୁଆ ଆକାଶର ତାରାମାନେ, ସଂଗୀତ ସୃଷ୍ଟି କରୁଥିବା ପକ୍ଷୀ, ନଈ-ଝରଣା ମୋ' ଭିତରେ ଅଜସ୍ର ଅନୁରଣନ ସୃଷ୍ଟି କରିଥିଲେ। କାଳକ୍ରମେ ସେଇ ଶବ୍ଦମାନେ ମୋ' ହୃଦୟରେ ଭରିଦେଲେ ସୃଜନ-ଚେତନା, ଯାହା ପ୍ରାଥମିକ ସ୍ତରରେ ଥିଲା ରୋମାଣ୍ଟିକ୍। ମୋର ପ୍ରଥମ ଓ ଦ୍ୱିତୀୟ କବିତା ସଂକଳନ ଏହାର ସାକ୍ଷୀ।

**ପ୍ର:** ରୋମାଣ୍ଟିକ୍ ସୋପାନକୁ ଅତିକ୍ରମ କରି ଯେତେବେଳେ ବଦଳିଚାଲିଲା ଆପଣଙ୍କ କବିତା, ତାକୁ ଆପଣ କିପରି ସାକାର କଲେ?


**ଉ:** ମୁଁ ଯେତେବେଳେ ଦେଖିଲି ଫୁଲର ପାଖୁଡ଼ାଗୁଡ଼ିକୁ ଛିନ୍‌ଭିନ୍ କରି ଚାଲିଥିବା କୀଟମାନେ ମୋ' ଆଖି ସାମ୍ନାରେ ଉଜାଡ଼ି ଚାଲିଛନ୍ତି ହରାଭରା ସୁନ୍ଦର ବଗିଚା, ଆହୁରି ଦେଖିଲି ଅନାହାରରେ ଅହରହ ଶଢ଼ୁଥିବା ସର୍ବହରା କଙ୍କାଳମାନେ ପାଲଟି ଯାଉଛନ୍ତି 'ଶବ', ସେଇଠୁ ମୋ' ଭିତରେ ଆଙ୍କି ହେଇଗଲା ପ୍ରତିବାଦର ଶାଣିତ ଶବ୍ଦରେଖା।


**ପ୍ର:** କବିତା ଆପଣଙ୍କ ପାଇଁ ବୌଦ୍ଧିକ ବିଳାସ ନା ଜୀବନ ଜିଇବାର ଏକ ବିକଳ୍ପ ରାସ୍ତା?

**ଉ:** ମୁଁ ଲେଖିଥିବା କବିତାମାନ ମୋ' ଜୀବନଠାରୁ ଭିନ୍ନ ନୁହନ୍ତି। ମୁଁ ପାଗଳ ପ୍ରାୟ କବିତାମାନଙ୍କୁ ଖୋଜିଛି ଦଳିତ ବସ୍ତିରେ... ମୋ' ଗାଁ ମୁଣ୍ଡର ପଚପଚ କାଦୁଅ ଭିତରେ ଶଢ଼ୁଥିବା ହରିଜନ ବସ୍ତିର କଙ୍କାଳ ପ୍ରାୟ ମଣିଷଙ୍କ ଭିତରେ...! ସେଇମାନଙ୍କ ଦୁଃଖ, ଯନ୍ତ୍ରଣା ଓ ଦୀର୍ଘଶ୍ୱାସ ହୋଇଛି ମୋ' କବିତାର ଈପ୍‌ସିତ ପଛଭୂମି। ଆର୍ତ୍ତଜନର ହାହାକାରରେ ଏକାକାର ମୋ' କବିତା, ଜୀବନ ବି!

**ପ୍ର:** ସାହିତ୍ୟର ଅନ୍ୟାନ୍ୟ ବିଭାଗ ଥିଲାବେଳେ ଆପଣ କବିତା ରଚନା ପ୍ରତି କାହିଁକି ଆକୃଷ୍ଟ ହେଲେ?

**ଉ:** ମୁଁ ଯଦି ଆପଣଙ୍କୁ ପଚାରେ 'କୁଆ'ର କଣ୍ଠସ୍ୱର କାହିଁକି 'କୋଇଲି' ପରି ନୁହେଁ? ତେବେ ଆପଣ ମତେ କି ଉତ୍ତର ଦେବେ? ପ୍ରତ୍ୟେକ ମଣିଷର ଅସୀମିତ ପ୍ରତିଭା ରହିଛି। ସଠିକ୍ ପ୍ରେରଣା ମିଳିଲେ ତାହା ବିକଶିତ ହୁଏ। ମୋ' କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଛି। ମୋ' ଅଜା ଉଚ୍ଛୁର ସଞ୍ଜବେଳେ ମତେ କୋଳରେ ବସେଇ ଗୀତ ଗାଇ ଶୁଣାଉଥିଲେ: 'ଖଗ ଆସନେ ଖଗପତି, ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ...' ଏବଂ ମୋ' ଆଈ ମଧୁର କଣ୍ଠରେ ସ୍ୱର କରି ମତେ ଶୁଣାଉଥିଲେ ଶ୍ରୀମଦ୍ ଭଗବଦ୍ ଗୀତାର କିଛି ମନଛୁଆଁ ପଙ୍‌କ୍ତି। ତାଙ୍କରି ପ୍ରେରଣା ମତେ କବିତା ଲେଖିବା ପାଇଁ ଉତ୍ସାହିତ କରିଛି। ମୋ' ସାରସ୍ୱତ ଜୀବନର ଗୁରୁ ପ୍ରଫେସର ନିତ୍ୟାନନ୍ଦ ଶତପଥୀଙ୍କ ଆଦର୍ଶ ମୋତେ ଜନବାଦୀ ଭାବଧାରାର କବିତା ଲେଖିବାକୁ ଉତ୍ସାହିତ କରିଛି।





**ପ୍ର:** ଉଚ୍ଚ ମାନର କବିତାକୁ କେମିତି ଚିହ୍ନଟ କରାଯିବ?

**ଉ:** ଶବ୍ଦରେ ଶବ୍ଦକୁ ଯୋଡ଼ିଦେଲେ କବିତା ସୃଷ୍ଟି ହୁଏ ନାହିଁ। ଗଭୀର ଭାବନାର ଆଧାରରେ ଉପଯୁକ୍ତ ଶବ୍ଦ ପ୍ରୟୋଗ ଦ୍ୱାରା ଯାହା ସୃଷ୍ଟି ହୁଏ, ସେ ସବୁ ଯଦି ସାଧାରଣ ମଣିଷର ହୃଦୟକୁ ସ୍ପର୍ଶ କରେ, ତାହା ନିଶ୍ଚୟ ଉଚ୍ଚମାନର କବିତା।

**ପ୍ର:** ଆପଣଙ୍କ ପ୍ରଥମ କବିତା କେବେ ଓ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା?

**ଉ:** ୧୯୮୦ ମସିହାରେ 'ସମ୍ୟକ୍' ନାମକ ଏକ ସାପ୍ତାହିକୀରେ ମୋର ୫ଟି କବିତା ପ୍ରକାଶ ପାଇଥିଲା। ଏହା ମୋ' କବିତାର ପ୍ରଥମ ପ୍ରକାଶ।

**ପ୍ର:** ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ନିରନ୍ତର ଆପଣଙ୍କ କାବ୍ୟ ସାଧନା ଅବ୍ୟାହତ। କହିବେ କି ଏଇ ପ୍ରବହମାନ ସୃଜନ ଯାତ୍ରା ଅନ୍ତରାଳରେ ଆପଣଙ୍କ ପରିବାରର ଭୂମିକା କ'ଣ?

**ଉ:** ମୋର ହେତୁ ପାଇବା ଦିନଠାରୁ ମୁଁ ବଞ୍ଚିବା ପାଇଁ ସଂଘର୍ଷ କରିଆସିଛି। ପିଲାଟି ଦିନରୁ ମୁଁ ମାମୁଘରେ ରହି ଅଜାଙ୍କ ତତ୍ତ୍ୱାବଧାନରେ ବଢ଼ିଥିଲି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ମୁଁ ସୃଜନ ପଥର ଯାତ୍ରୀ। ଅଜା ସ୍ୱର୍ଗତ ବିଦ୍ୟାଧର ଦେବତା (ମୁଁ ତାଙ୍କୁ ପିଲାଦିନୁ 'ଠାକୁ' ବୋଲି ଡାକୁଥିଲି)ଙ୍କ ଦେହାବସାନ ପରେ ମୋ' ଜୀବନରେ ଘୋର ଅସ୍ଥିରତା ଦେଖାଦେଇଥିଲା। 'ବାପା' ଚାହୁଁଥିଲେ, ମୁଁ ଗୋରୁଗାଈ-ବିଲବାଡ଼ି ଦାୟିତ୍ୱ ନେବା ସହିତ ବେପାର ବଣିଜ କରେ। ତାଙ୍କ ନିର୍ଦ୍ଦେଶ ମାନି ବହିବସ୍ତାନି ଠାରୁ କିଛିଦିନ ଦୂରେଇଯିବା ସହିତ ଗାଁରେ ଛୋଟ ଦୋକାନଟିଏ ଆରମ୍ଭ କରିଥିଲି ଏବଂ ଗାଈଗୋଠ ନେଇ ବୁଢ଼ା ନଈ ସେପାଖକୁ ଯାଉଥିଲି ଚରେଇବା ପାଇଁ। ପ୍ରତିଦିନ ସେମାନଙ୍କୁ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ଛାଡ଼ି ଦେଇ ମୁଁ ଫେରିଯାଉଥିଲି ନିକଟସ୍ଥ ବରଗଛ ମୂଳକୁ, ଯାହାର କୋରଡ଼ରେ ଆଗରୁ ଲୁଚେଇ ରଖିଥିବା ଛୋଟ ଖାତା, କାଠି କଲମ ଓ ଶଢ଼େଇରେ ବତୁରା ହୋଇଥିବା କାଳି ସାହାଯ୍ୟରେ କବିତା ଲେଖୁଥିଲି। ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ଦୁଇଖଣ୍ଡ ବିସ୍କୁଟ୍, ମୁଠେ ଚୁଡ଼ା କି ମୁଢ଼ି ଖାଇ ଦିନ ବିତେଇବା ସହ ମୁଁ ସାହିତ୍ୟ ସଂଗଠନ କରିଛି। ଏପରିକି ଅଧିକାଂଶ ସମୟରେ ମୁଁ ଭୋକିଲା ପେଟରେ କବିତା ଲେଖିଛି।

**ପ୍ର:** ଦଳିତ, ନିଷ୍ପେଷିତ ମଣିଷର କଥା କବିତାରେ କହିବାକୁ ଯାଇ ଆପଣ ଅନେକ ସମୟରେ ବିଧି-ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏ ସମ୍ପର୍କରେ କିଛି କହିବେ?

**ଉ:** ମୋର ସାରା ଜୀବନ ମୁଁ ଲୋକଙ୍କ ସେବାରେ ନିୟୋଜିତ କରିଛି। ଦୁଃଖୀ ଓ ଅସହାୟମାନଙ୍କୁ ମୋର ମାସିକ ଆୟରୁ କିଛି କିଛି ଦାନ କରି ଆସିଛି। ଶୋଷଣକାରୀଙ୍କ ବିପକ୍ଷରେ କବିତାରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବା ସହିତ ଶୋଷିତଙ୍କୁ ସମବେଦନାର ବାଣୀ ଶୁଣେଇଛି।

**ପ୍ର:** ଆପଣ କେବଳ କବି ନୁହନ୍ତି, ସୁପ୍ରତିଷ୍ଠିତ ପ୍ରକାଶକ ମଧ୍ୟ। କହିବେ କି ପୁସ୍ତକ ପ୍ରକାଶନ ପ୍ରତି କାହିଁକି ଆଗ୍ରହ ପ୍ରକାଶ କଲେ?

**ଉ:** ମୁଁ ଯେତେବେଳେ ପ୍ରକାଶନୀ ଆରମ୍ଭ କଲି, ସେତେବେଳେ ଓଡ଼ିଶାରେ ଭଲ ପ୍ରକାଶନୀ ସଂସ୍ଥାଟିଏ ନ ଥିଲା। ଯେଉଁ କେତୋଟି ଆଗଧାଡ଼ିର ପ୍ରକାଶକ ଥିଲେ, ସେମାନେ ଉଚ୍ଚମାନର ଲେଖାକୁ ଗୁରୁତ୍ୱ ନ ଦେଇ ସରକାରୀ ପଦପଦବୀରେ ଅବସ୍ଥାନ କରିଥିବା ଲେଖକଙ୍କୁ ପ୍ରାଧାନ୍ୟ ଦେଉଥିଲେ। ତା'ଛଡ଼ା ସୁନ୍ଦର ପରିପାଟୀଯୁକ୍ତ ପୁସ୍ତକ ପ୍ରକାଶ ନ କରି ପ୍ରଚୁର ଲାଭ ପାଇଁ କମ୍ ଖର୍ଚ୍ଚରେ ଅଧିକ ଆୟ କରିବାକୁ ଚେଷ୍ଟା କରୁଥିଲେ। ଅନେକ ସଂଘର୍ଷ ମଧ୍ୟରେ ମୁଁ ପାଠକଙ୍କୁ ଚମତ୍କୃତ କଲାଭଳି ପୁସ୍ତକ ପ୍ରକାଶ କରିବାରେ ସଫଳ ହୋଇଛି। ଭଲ ବହିର ଅଭାବ 'ପ୍ରବାହ' ପ୍ରକାଶନୀ ପୂରଣ କରିବାରେ ସକ୍ଷମ ହୋଇଛି।

**ପ୍ର:** ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣଙ୍କ ଭାବନା କ'ଣ?


**ଉ:** ଏଇ ଦଶ ବର୍ଷ ମଧ୍ୟରେ ପ୍ରକାଶ ପାଇଥିବା କବିତାଗୁଡ଼ିକ ମଧ୍ୟରେ ବେଶ୍ କିଛି ଭଲ କବିତା ମୋ' ଦୃଷ୍ଟିକୁ ଆସିଛି। ଆଗାମୀ ପିଢ଼ି ଓଡ଼ିଆ ସାହିତ୍ୟର ରାସ୍ତାକୁ ସକାରାତ୍ମକ ପଥରେ ଆଗେଇ ନେବେ- ଏ ଭରସା ମୋର ଅଛି।

**ପ୍ର:** ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ଆପଣଙ୍କ ପ୍ରସ୍ତାବ କ'ଣ?

**ଉ:** ଆନ୍ତଃରାଷ୍ଟ୍ରୀୟ ମାନର ପୁସ୍ତକ ପ୍ରକାଶନ, ଓଡ଼ିଆ ସାହିତ୍ୟକୁ ଅନୁବାଦ ଜରିଆରେ ବିଶ୍ୱ ଦରବାରରେ ଉପସ୍ଥାପନ ଏବଂ ଗ୍ରାମାଞ୍ଚଳର ସାହିତ୍ୟକୁ ପ୍ରାଧାନ୍ୟ ଦେବା ନିହାତି ଜରୁରୀ।

## ପୁସ୍ତକ ପରିଚୟ


### ସମୟ ସମୁଦ୍ର ସ୍ୱର୍ଗଦ୍ୱାର



**ଲେଖକ:** ଅଧ୍ୟାପକ ବିଶ୍ୱରଂଜନ
**ପ୍ରକାଶକ:** ବି.କେ. କ୍ଲାସିକ୍‌ସ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୭୪୯/-

୬୩୭ ପୃଷ୍ଠାର ଏ ଆତ୍ମଜୀବନୀ ଆମ ସମୟର ଜଣେ ଗତିବାନ୍ ଲେଖକ ଅଧ୍ୟାପକ ବିଶ୍ୱରଂଜନ ଲେଖିଛନ୍ତି। ଏଥିରେ ଅଛି ଜନ୍ମରୁ ସାମ୍ପ୍ରତିକଯାଏଁ ଜୀବନରେ ସେ ଦେଖିଆସିଥିବା ଓ ଭୋଗିଆସିଥିବା ନିଜ ଜୀବନ ତଥା ଜୀବନକୁ ଘେରି ରହିଥିବା ମଣିଷ ଓ ପରିବେଶର ଟିକିନିଖି ବିବରଣ। ଆରମ୍ଭରେ ଲେଖିଛନ୍ତି: "ସାଗର ବେଳାରେ ଜନମ ମୋହର/ ମରଣରେ ସ୍ୱର୍ଗଦ୍ୱାର/ ସରଗ-ନରକ ଭେଦ ନ ଜାଣଇ/ ଜୀବନ ପ୍ରେମ ସାଗର।" "ନିଜକୁ ଲେଖିବା ନୁହଇ ସହଜ"ରେ ସେ କହନ୍ତି: "ଅନେକ ବିରୋଧାଭାସର ସମାହାର ମୁଁ। ଶାନ୍ତ, ସରଳ ମନେହେଉଥିବା ଚେହେରା ଭିତରେ ଲୁଚି ରହିଛି ଅନେକ ଦ୍ୱନ୍ଦ୍ୱ ଓ ଦ୍ୱିଧାବିଭକ୍ତ ବ୍ୟକ୍ତିଟିଏ। ମୋ' ଭିତରେ କ୍ରୋଧ ଅଛି, କରୁଣା ଅଛି। x x ଜଣେ ଯାତ୍ରୀ ଭାବରେ ନିଆଁରେ ଚାଲିବାର ଶକ୍ତି ମୋର ନାହିଁ। ଗଭୀର ଜଳରାଶିରେ ସନ୍ତରଣ କରିବାର କୌଶଳ ମଧ୍ୟ ମୋତେ ଜଣାନାହିଁ। ମାଟିର ମଣିଷ ମୁଁ। ମାଟି କାଦୁଅରେ ଟଳମଳ ପାଦ ନେଇ ଥରକୁ ଥର ପଡ଼ି ତଳେ ମୁଁ କେବଳ ଚାଲିବା ଶିଖିଛି। ଚାଲିବା ଜାରି ରଖିଛି।" ବହିରେ ରହିଛି ଛ'ଟି ଭାଗ। ପ୍ରଥମ ଭାଗ: ଉଷାର ଅରୁଣିମା। ଦ୍ୱିତୀୟ ଭାଗ: ପଲ୍ଲବିତ ପ୍ରତ୍ୟୁଷ, ତୃତୀୟ ଭାଗ: ମଧ୍ୟାହ୍ନର ମହକ, ଚତୁର୍ଥ ଭାଗ: ଅପରାହ୍ନର ଛାୟାଛବି, ପଞ୍ଚମ ଭାଗ: ସମ୍ପର୍କର ସାରେଗାମା ଓ ଷଷ୍ଠ ଭାଗ: ସାୟାହ୍ନର ସବୁଜିମା। ମାଆ, ବାପା, ଜେଜେ, ମାମୁ, ବନ୍ଧୁ ଓ ମାମୁଘର ଗାଁ, ସ୍କୁଲ୍ ଜୀବନ, କଲେଜ ଜୀବନ, ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ଛାତ୍ର ଜୀବନ, ଅଧ୍ୟାପନା ଜୀବନରେ ଫୁଲବାଣୀ, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ ଓ ପୁରୀର ବିଭିନ୍ନ କଲେଜର ଅନୁଭୂତି, ଖବରକାଗଜରେ ସଂପାଦନା ଓ ମିଡିଆ ସ୍କୁଲ୍‌ରେ ଅଧ୍ୟାପନା, ସାନଭାଇ ବିବୁଧରଂଜନ, ଜୀବନାନୁଭୂତିରେ 'ଟିଠି', କାନାଡ଼ା କାହାଣୀ, ପ୍ରେମ ଜୀବନ, ଲେଖାଲେଖି ଜୀବନ ଦେଇ 'ନେତାଜୀ ନିବାସ'ରେ ଅତିଥି ଜୀବନ ବିତାଇବାର ସୁଖଦୁଃଖମୟ ଚିତ୍ରର ଯେଉଁ ବର୍ଣ୍ଣିଳ ଉପସ୍ଥାପନା ଏହି ଆତ୍ମଜୀବନୀରେ କରାଯାଇଛି, ତାହା ଜଣେ ନ ପଢ଼ିଲେ ଅନୁଭବ କରିପାରିବ ନାହିଁ। ବହିର ଶେଷ ପରିଚ୍ଛେଦରେ ବିଶ୍ୱରଂଜନ ପ୍ରଶ୍ନଟିଏ ଉଠାଇଛନ୍ତି- "ମୋ ଜୀବନ ମଧ୍ୟ ମୁଁ ଯେପରି ବଞ୍ଚିଲି ଏବଂ ଚାହିଁଥିଲି ଲେଖିବାକୁ ଲେଖିପାରିଲି କି?" ତା'ର ଉତ୍ତର ମଧ୍ୟ ଦେଇଛନ୍ତି: "ଯାହା କିଛି ଥିଲା ଲେଖିବାକୁ ଲେଖିପାରିନାହିଁ।" "ସମୟ ସମୁଦ୍ର ସ୍ୱର୍ଗଦ୍ୱାର" ଆମ ସମୟର ଯେ ଏକ ବିରଳ ଆତ୍ମଜୀବନୀ, ଏଥିରେ ସନ୍ଦେହ ନାହିଁ।

### ଏକଶହ ଭାରାକ୍ରାନ୍ତ ଜହ୍ନରାତି



**କବି:** ରବିପ୍ରିୟ ଦାଶ
**ପ୍ରକାଶକ:** ନିଜେ କବି, ନୟାଗଡ଼, ଖୋର୍ଦ୍ଧା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/-

"କୁହୁଳା ଅବସୋସର ଧୂଆଁ" ଶୀର୍ଷକରେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ମୁରଲୀଧର ସାମଲ ଯେଉଁ ଅଭିମତ ରଖିଛନ୍ତି, ତହିଁରେ ଉଲ୍ଲେଖ କରିଛନ୍ତି: "ରବିପ୍ରିୟ ଦାଶଙ୍କ କବିତାରେ 'ମୁଁ ଓ ମୋର' ବ୍ୟତୀତ ସାର୍ବଜନୀନ ପାଠକୀୟତା ଉପଲବ୍ଧି କରିହେବା ଶୈଳୀରେ ସେ ପ୍ରଜ୍ଞାର ପ୍ରହେଳିକା ସୃଷ୍ଟି କରି ନାହାନ୍ତି। ଭାଷା ବିନ୍ୟାସ, ଉପସ୍ଥାପନା ଢାଞ୍ଚା, ମୁକ୍ତ ଅଭିବ୍ୟକ୍ତି ଓ ସ୍ୱଚ୍ଛ ଭାବପ୍ରବାହ ଇତ୍ୟାଦି ସମକାଳ ପାରହୋଇ ବ୍ୟକ୍ତି ଅନୁଭୂତିକୁ ବିଶ୍ୱାୟିତ କରିବାର ବ୍ୟଞ୍ଜନା ଖୋଜିନେଇଛି, ଯାହାର ପରିଧି ମାନବ ଚେତନାପ୍ଳୁତ ଅଭିନବ ପ୍ରତିଲିପି 'ଏକଶହ ଭାରାକ୍ରାନ୍ତ ଜହ୍ନରାତି'।" ଜହ୍ନରାତିକୁ ନେଇ ପୁସ୍ତକରେ ରହିଛି ସାନବଡ଼ ଶହେଟି କବିତା। ସେ ଦୃଷ୍ଟିରୁ କହିବାକୁ ଗଲେ ବହିଟି ହେଉଛି 'ଜହ୍ନରାତି'କୁ ପ୍ରସଙ୍ଗ କରି ରଚିତ ରବିପ୍ରିୟଙ୍କର ଏକ ଦୀର୍ଘ କବିତା। ବହିଟିକୁ ମଧ୍ୟ ସେ 'ଜହ୍ନରାତିକୁ ଭଲପାଉଥିବା ସମସ୍ତଙ୍କୁ' ଉତ୍ସର୍ଗ କରିଛନ୍ତି। ବହିରୁ କେତୋଟି ଉଦ୍ଧୃତି ନେବା- ୧. "କେବେ କେବେ ମା'ର ଡାକରେ/ ଜହ୍ନ ଓହ୍ଲାଏ/ କୁନିପୁଅ ପାପୁଲିରେ/ ଭରାଦେଇ/ ପୁଣି ଫେରିଯାଏ।"(ପୃ:୫), ୨. "ଆକାଶକୁ ଢାଙ୍କିଥିବା/ ବାଦଲର/ ଭାସମାନ ଛାତତଳେ/ ଆଶ୍ରୟ ନେଇଥିଲା/ ରାତି,/ କୋଳରେ ମଥାରଖି/ ନିଘୋଡ଼ ନିଦରେ/ ଶୋଇଯାଇଥିଲା/ ଅବଶ ଜହ୍ନ।" (ପୃ:୧୯୪), ୩. "ବେଳ ବୁଡ଼ିବା ଆଗରୁ/ ଶରଦ ଆକାଶକୁ/ ଫେରିଥିଲା ଜହ୍ନ, ଚହଟୁଥିଲା/ ଗୋଲଗାଲ ଦେହ/ ପୋଖରୀ କୂଳ ଗଛରେ ବସି/ ଏକାଲୟରେ/ ପାଣି ଭିତରର ଜହ୍ନକୁ/ ଦେଖୁଥିଲା/ ମାଛରଙ୍କାର ଆଖି।" (ପୃ:୨୨୦) ଏବଂ ୪. "ଚାରିଦିଗ/ ଶୂନ୍‌ଶାନ୍ ଥିଲା/ ତାରାଙ୍କ ମେଳରେ/ ଗୋଟାପଣ/ ହଜି ସାରିଥିଲା ଜହ୍ନ/ ସରି ଆସୁଥିଲା ରାତି/ ଭାଙ୍ଗିଥିଲା/ କୁଆଁରୀ ଝିଅର ନିଦ।" (ପୃ: ୩୧୮) ବହିର କବିତାଗୁଡ଼ିକୁ ପଢ଼ିସାରିଲା ପରେ ମନେହୁଏ ଯେପରି କବିତାଗୁଡ଼ିକର ପ୍ରସଙ୍ଗ କେବଳ ଜହ୍ନରାତିର ବର୍ଣ୍ଣନା ନୁହେଁ, ଜହ୍ନରାତିକୁ ଛୁଇଁ ଛୁଇଁ ବହିଯାଉଥିବା ପ୍ରେମର ଏକ ଉତ୍କୂଳ ନଈ। ଭାଷାରେ ନାହିଁ ଚିତ୍ରକଳ୍ପର ଜଟିଳତା, ଅଥଚ ଭାବାବେଗରେ ଅକୃତ୍ରିମ ଅଭିବ୍ୟକ୍ତିର ସ୍ପନ୍ଦନ ଜାଗରୁକ। ଆଶା, ଆଲୋଚ୍ୟ କବିତା ପୁସ୍ତକଟି ସବୁଶ୍ରେଣୀର ପାଠିକାପାଠକଙ୍କ ପାଇଁ ଆଦରର ଉପାଦାନ ଭାବେ ବିବେଚିତ ହେବ।

## କବିତା

### ଓଦା ଓଦା ମେଘରାତି
**ସେନାପତି ପ୍ରଦ୍ୟୁମ୍ନ କେଶରୀ**

ଓଦା ଓଦା ମେଘରାତି ପଚ ପଚ
କାଦୁଅରେ ଖସିଯାଏ ପାଦ
ଛଟପଟ ବୟସର ଛାତି,
ଆଖିରୁ ଉଡ଼ିଯାଏ ଝାଇଁମରା ନିଦ
ସହରରେ ବର୍ଷା ହେଲେ
ରାତିର ପାଦ ଲାଗେ ନିଶା ଟୁଲୁଟୁଲୁ
ପବନ ଉଡ଼ାଏ କି ତୁମ ଶାଢ଼ି,
ତୁମ ଗାଲକୁ ଚୁମେ କି କାନଦୁଲ?
ଏ ବେଳରେ ପ୍ରିୟ ସଖାକୁ ଖୋଜି
ବର୍ଷାରାଣୀ ବୁଲେ ବଗିଚାରେ
ଚୁପିଚୁପି ହସୁଥାଏ ତାରାଫୁଲ
କଞ୍ଚାହଳଦୀ ମାଖି ଚନ୍ଦ୍ରମା ମୁହଁରେ
ଦେହର ସଡ଼କ ଉପରେ
ଛୁକୁଛୁକୁ ଗଡ଼ିଯାଏ ସପନର ରେଳ
କାଲି ତୁମେ କଷି ଥିଲ, ଆଜି ହେଲ
ହଳଦୀ ଗୁରୁଗୁରୁ ବସନ୍ତର ଫୁଲ।
କେଡ଼େ ଦୁଷ୍ଟ ଏଇ ମେଘ,
ବାରବାର ବାହାନାରେ ଛାତି ଦିଏ ଛୁଇଁ
ଦେଖିଲେ ନିରୀହ ଦିଶେ,
ଭିତରେ ଭାରି ଜଣେ ଧରା ପଡ଼େ ନାହିଁ!
ବୟସର ଅଗଣାରେ ମନ ଖୋଲି
ଝୁଲିବାକୁ ଫଗୁଣର ଦୋଳି
ଦେହ ସିନା ଚୁପ୍‌ଥାଏ, ଛାତି କିନ୍ତୁ
ଚାହିଁଥାଏ ଦାଣ୍ଡଘର ଖୋଲି।
ଥରେ ଥରେ ଏଇ ଦେହ
ମେଘ ଅନ୍ଧାରରେ ଧରେ ବରଷାର ରୂପ
ବୟସର କଞ୍ଚା ପତରରେ ଲେଖେ
ରସିକ ବସନ୍ତର ନୂଆ ନୂଆ ଗପ।

ମୋ: ୬୩୭୧୫୨୩୫୯୮

### ଜହ୍ନରାତିର ଫୁଲ
**ରବିପ୍ରିୟ ଦାଶ**

ଗମ୍ଭୀର ଥିଲା
ଲଘୁଚାପ ବର୍ଷାର ସ୍ୱର
ତିନିଦିନ ଧରି ତିନ୍ତଉଥିଲା
ଗରମରେ ସିଝି
ପଥର ପାଲଟିଥିବା
ଅସ୍ଥିର ଶରୀର।

ଫଟା ବାଦଲ ଫାଙ୍କରୁ
ଛିଟିକି ଆସୁଥିବା
ଅସରା ଅସରା ମେଘରେ
ଭିଜିଥିଲା ସାରାଦେହ
କେଇ ପରସ୍ତ ପର୍ଯ୍ୟନ୍ତ
ଉଠିଥିଲା ଉତ୍ତାଳ ତରଙ୍ଗ
ବାସ୍ନାରେ ବିଭୋର ହେଉଥିଲା ମନ।

ମେଘର ଛାତିରେ ଭାସୁଥିବା
ପାଖୁଡ଼ାରେ ରହିଥିଲା ଜହ୍ନ ପାଇଁ
ସଙ୍କେତର ଭାଷା
ମତେ ଟିକେ ସମୟ ଦିଅ
ଏକାନ୍ତରେ ଭେଟିବି
ପହଞ୍ଚିବା ପରେ
ତମ ସହ କଥା ହେବି।

ଦିନ ତମାମ ଓଦା ହେଇ
ଫେରିବା ପରେ
ମଳିନ ଜହ୍ନର ଆଖିକୁ ଚାହିଁ
କ୍ଳାନ୍ତ ଚାହାଣି ଫିଙ୍ଗିଥିଲା
ଜହ୍ନରାତିର ବର୍ଷାଭିଜା ଫୁଲ।

ମୋ:୯୪୩୭୧୮୬୦୫୨

### ଆଉଥରେ ଫୁଟିବାଯାଏଁ
**ରାକେଶ ପଣ୍ଡା**

ଛଳନା ହସର କୋଳାହଳରେ
ଏ ନୀରବ କାନ୍ଦ କାହାର,
କାହିଁକି ଆଜି ଧୀରେ ଧୀରେ
କରେ ସ୍ପର୍ଶ ମୋ' ହୃଦୟର ବନ୍ଦ ଦ୍ୱାର।

ଅଜାଣତରେ ଆଖି ହୁଏ ଛଳଛଳ
ବକ୍ଷ ପ୍ରଦେଶେ ଗରମ ସ୍ପର୍ଶ ଲୁହର,
ଅକାରଣେ ମନ ବିବ୍ରତ, ବିଚଳିତ
ବଢ଼ିଯାଏ ଗତି ହୃଦ୍‌ସ୍ପନ୍ଦନର।

ଅବୁଝା ରହେ ଅନେକ ଘଟଣା
ପ୍ରଶ୍ନବାଚୀରେ ବନ୍ଦୀ ଭାବ ମନର,
ଲାଗେ ସେ ସ୍ୱର ନୁହେଁ ଅଜଣା
ରହିଛି ସମ୍ପର୍କ ତା' ସହ ଗଭୀର।

ଅନୁଭବ ହୁଏ ଏମିତି...
ଦୂରେ ଥାଇ ଡାକୁଛି ସେ ହାତଠାରି
ଆସ ପାଖକୁ ନ କରି ଡେରି,
ମୁଁ ଆଜି ଫୁଟିଛି ପ୍ରତ୍ୟୁଷରେ
ଝଡ଼ିପଡ଼ିବି ରବି ଉଷ୍ଣତାରେ।

କିଛି ମାଗୁନାହିଁ ତୁମକୁ
ଥରୁଟିଏ ତୁମ ହାତ ସ୍ପର୍ଶ ଚାହେଁ,
ତାକୁ ସ୍ମୃତି କରି ରଖିବି ସାଇତି
ଆଉ ଥରେ ଫୁଟିବାଯାଏଁ।

ମୋ: ୯୩୩୭୮୯୭୬୫୦

### ଗୀତି-କବିତା
### ପ୍ରଣୟ-ଗୀତି
**ସୁହଂସ ଭୋଇ**

ଗୋଟି ଗୋଟି କରି ସହରର ସବୁ
ବତି ଲିଭିଗଲା ପରେ
ଏକା ଏକା ବସି ପ୍ରଣୟର ଗୀତି
ଲେଖେ ଜହ୍ନ ଆଲୁଅରେ।

ଦୂର ଆକାଶକୁ ଚାହିଁଦେଖେ ଯେବେ
ଖେଳୁଥାଅ ତାରାମେଳେ
ହାତଠାରି ଡାକିଦେଲେ ଲୁଚିଯାଅ
ଲାଜେ ବାଦଲର କୋଳେ
ମନ ମୋର କହେ ଏ ମଧୁବେଳାରେ
ଧରାଦିଅ କେବେ ଥରେ।

ରାତ୍ରିର ପ୍ରହରେ ଭାବନା ଭିତରେ
ଖୋଜିଲି ତୁମକୁ କେତେ
ଛୁଇଁ ଦେଇଗଲା ହାଲୁକା ପବନ
ମତୁଆଲା କରି ମତେ
ପ୍ରୀତିର କଳିକା ପାଖୁଡ଼ା ମେଲିଲା
ହୃଦୟର ବଗିଚାରେ।

ଯୋଡ଼ି ଶବ୍ଦଶିଳା ଗଢ଼ିଲି ସଉଧ
ନିଃଶବଦେ ଅନୁରାଗେ
କବିତାରେ ଯଦି ନାୟିକା ନ ଥାଏ
ଅଧାଗଢ଼ା ପରି ଲାଗେ
ଉଦାସ ଅଳସ ନିରଳସ ଭରେ
ସାଥୀ ବିନା ଜୀବନରେ।

ମୋ: ୯୪୩୭୫୨୨୪୫୫

## କାଳକାଳକୁ



"ମୋ ପାଇଁ ଗଛମାନେ ସବୁଠୁଁ ଉତ୍ସାହପ୍ରଦ। ଅରଣ୍ୟରେ ତ ସୁନ୍ଦର, ଏକୁଟିଆ ବେଳେ ବି ତତୋଽଧିକ; ଠିକ୍ ଏକଲା ମଣିଷ ପରି।"
- ହରମାନ୍ ହେସ୍

**ହରମାନ୍ ହେସ୍‌ଙ୍କ** ଜନ୍ମ ୨ ଜୁଲାଇ ୧୮୭୭ରେ ଓ ପରଲୋକ ୯ ଅଗଷ୍ଟ ୧୯୬୨ରେ। ଜର୍ମାନ୍-ସୁଇସ୍ ଭାଷାର ଏଇ ପ୍ରସିଦ୍ଧ ଲେଖକଙ୍କର ଅଧିକ ରୁଚି ପ୍ରାଚ୍ୟ ଦର୍ଶନରେ। ତାଙ୍କ ରଚିତ ବିଖ୍ୟାତ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି- 'ଡେମିଆନ୍' (୧୯୧୯), 'ଷ୍ଟିଫେନ୍ ଓଲ୍‌ଫ' (୧୯୨୭), 'ସିଦ୍ଧାର୍ଥ' (୧୯୨୨), 'ନାର୍ସିସସ୍ ଆଣ୍ଡ୍ ଗୋଲ୍‌ଡମଣ୍ଡ' (୧୯୩୦) ଓ 'ଦ ଗ୍ଲାସ୍ ବିଡ୍ ଗେମ୍' (୧୯୪୩)। ଜର୍ମାନୀ ଭାଷାରେ ବିଶ୍ୱସାହିତ୍ୟକୁ ନିଜର କାଳଜୟୀ ଅବଦାନ ପାଇଁ ସେ ୧୯୪୬ରେ 'ଗ୍ୟେଟେ ପ୍ରାଇଜ୍' ଓ 'ନୋବେଲ ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: "କୋଳାହଳ ବଦଳରେ ସଂଗୀତ, ସୁନା ବଦଳରେ ଆତ୍ମା, ବେପାର ବଦଳରେ ସୃଜନକର୍ମରେ ଯେଉଁମାନେ ରୁଚି ରଖନ୍ତି; ଆମର ଏହି ତୁଚ୍ଛ ଦୁନିଆରେ ସେମାନଙ୍କ ପାଇଁ ସ୍ଥାନ ନାହିଁ।"

## ଲଘୁଗଳ୍ପ

### ପାଉଣା
**ପ୍ରଭଞ୍ଜନ ଦାଶ**

ବସ୍ ଲାଗିବାବେଳକୁ ହେଲ୍‌ପର ଜଣକ ନିଜର ହାଡୁଆ ହାତକୁ ବାଢ଼େଇ ଏକା ନିଃଶ୍ୱାସକେ ସବୁ ଷ୍ଟପେଜ୍‌ର ନାଁ ଡାକଛାଡ଼ିଲେ। ସ୍ପଷ୍ଟ ଶୁଭୁ ନ ଥିଲେ ବି ବୁଝିପାରିବା ସମ୍ଭବ ଥିଲା। ବସ୍‌କୁ ଅପେକ୍ଷା କରିଥିବା ବୟସ୍କ ବ୍ୟକ୍ତି ଜଣଙ୍କ ହାତରେ ଗୋଟିଏ ହ୍ୟାଣ୍ଡ୍ ବ୍ୟାଗ୍। ଏକାକୀ ଚଢ଼ିବାର ସାମର୍ଥ୍ୟ ନ ଥିଲା। ବ୍ୟକ୍ତିଙ୍କୁ ନମସ୍କାର କରି ହାତରୁ ବ୍ୟାଗ୍‌ଟିକୁ ନେଇ ହେଲ୍‌ପର ବସ୍‌ରେ ରଖିଦେଲେ। ବ୍ୟକ୍ତି ଜଣଙ୍କ ଚିହ୍ନା ଅଚିହ୍ନାର ଦ୍ୱନ୍ଦ୍ୱରେ ରହି ସଙ୍ଗେ ସଙ୍ଗେ ପଚାରିଲେ, ତୁମେ ଗୋବିନ୍ଦ ନା!

- ହଁ ଆଜ୍ଞା, ମୁଁ ଆପଣଙ୍କ ଅଫିସ୍‌ର ସେ ଅଧମ ପିଅନ ଗୋବିନ୍ଦ।

- ହେଲେ ତୁମେ ଏଠି?

- କ'ଣ ଆଉ କରିବି ଆଜ୍ଞା, ଆପଣ ସିନା ଅଫିସରରୁ ଅବସର ନେଇ ମୋଟା ପେନ୍‌ସନରେ ଖୁସିରେ ରହିଲେ, ହେଲେ ଘରର ସାତ ପ୍ରାଣୀଙ୍କ ପେଟର କଥା ମୋ' ମୁଣ୍ଡରେ। ଦିବ୍ୟାଙ୍ଗ ପୁଅକୁ ଘର ପାଖରେ ଦୋକାନଟେ କରେଇ ଦେଇଛି। ସେଥିରୁ ବା କେତେ ରୋଜଗାର! ଏଇ ବସ୍‌ରେ ହେଲ୍‌ପର ସହ କଣ୍ଡକ୍ଟର ହେଇ ଯାହା ଯେତିକିରେ ଘର ଚଳୁଛି। ଟିକେ ଗମ୍ଭୀର ହୋଇ ବୟସ୍କ ବ୍ୟକ୍ତି ପୁଣି ପଚାରିଲେ, ତୁମେ ତ ମୋ'ଠୁ ଯଥେଷ୍ଟ ବଡ଼, ଏ ବୟସରେ ଏସବୁ କାମ କେମିତି କରିପାରୁଛ?

- କେମିତି କ'ଣ ଆଜ୍ଞା, ପରିସ୍ଥିତି ତ ବଞ୍ଚିବା ଶିଖେଇଛି।

ଏମିତି କିଛି କଥା ଭିତରେ ଷ୍ଟପେଜ୍ ପାଖେଇ ଆସୁଥିଲା। ସେଦିନର ବଡ଼ବାବୁ ଓ ଆଜିର ସେ ବୟସ୍କ ବ୍ୟକ୍ତିଙ୍କ ଭିତରେ ଥିଲା ଅନେକ ଫରକ। ସବୁବେଳେ ନିଜ ଅହଂକାରରେ ଅନ୍ୟଠୁ ଦୂରେଇ ରହୁଥିବା ମଣିଷ ହଠାତ୍ ଆଜି ଅନ୍ୟ ପ୍ରତି ସମ୍ବେଦନଶୀଳ! ଖୁବ୍ ଆଶ୍ଚର୍ଯ୍ୟ ହୋଇ ପଡ଼ୁଥିଲେ ହେଲ୍‌ପର। ପକେଟରୁ ପଇସା କାଢ଼ି ବ୍ୟକ୍ତି ଜଣକ ପଚାରିଲେ, ଆଚ୍ଛା ଗୋବିନ୍ଦ ମୋର କେତେ ଟଙ୍କା ହେଲା?

- ନାଇଁ ଆଜ୍ଞା।

ଆଶ୍ଚର୍ଯ୍ୟରେ ବ୍ୟକ୍ତି ଜଣକ ସଙ୍ଗେ ସଙ୍ଗେ କହିଲେ, ମୋଠୁ କ'ଣ ପଇସା ନବନି!

- କେମିତି ନେବି ଆଜ୍ଞା? ସେଇ ହାତଗୁଞ୍ଜା ପାଉଣା ଦେଇ ପାରିଲିନି ବୋଲି ତ ଆପଣ ମୋ' ପେନ୍‌ସନକୁ ସବୁଦିନ ପାଇଁ ବନ୍ଦ କରିଦେଲେ। ଚାକିରିରେ ଏତେ ବର୍ଷ ଥାଇ ବି ସରକାରୀ ହେଇପାରିଲାନି। କେତେ ମୁଁ ନେହୁରା ନ ହେଇଚି! ହେଲେ ଆପଣଙ୍କ ଆଗେ ମଣିଷର ଗୁହାରିଠୁ ପଇସାର ମୂଲ୍ୟ ଭାରି ଅଧିକ। ଗରିବର ପଇସାରେ ଆପଣ ବଡ଼ ଲୋକ ହେଇପାରନ୍ତି, କିନ୍ତୁ ଆପଣଙ୍କ ଏ ପଇସା ନ ନେଇ ମୁଁ ଗରିବ ହେଇଯିବିନି।

ବସ୍‌ରୁ ଓହ୍ଲେଇବାକ୍ଷଣି ହେଲ୍‌ପର ବ୍ୟାଗ୍‌ଟିକୁ ବଢ଼େଇଦେଲେ। ବ୍ୟକ୍ତି ଜଣକ ଥିଲେ ଖୁବ୍ ନୀରବ। ଅତୀତକୁ ପାସୋରିଥିବା ସବୁକିଛି ଏବେ ପୁଣି ରୋମନ୍ଥନ। ଲଜ୍ଜିତ ମୁହଁରେ ଧଇଁସଇଁ ହୋଇ ବୟସ୍କ ବ୍ୟକ୍ତି ବୁଲି ଚାହିଁଲେ ବସ୍‌କୁ। ହେଲ୍‌ପର ଜଣକ ପୂର୍ବ ଅପେକ୍ଷା ଅଧିକ ତତ୍ପର ହୋଇ ଡାକି ଚାଲିଥିଲେ ଷ୍ଟପେଜ୍‌ର ନାଁ।

ମୋ: ୭୩୨୬୯୫୯୯୯୫

